


## ଆଜିଠୁ ବଢ଼ିବ ତାତି

ଭୁବନେଶ୍ୱର ,୩୧।୩(ବ୍ୟୁରୋ)– ବୁଧବାରଠାରୁ ରାଜ୍ୟର ତାପମାତ୍ରା ପୁଣିଥରେ ବୃଦ୍ଧି ପାଇବ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ସହରର ତାପମାତ୍ରା ଏପ୍ରିଲ ପ୍ରଥମ ସପ୍ତାହରେ ୪୦ ଡିଗ୍ରୀ ଟପିଯିବା ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବ ହ୍ରାସ ପାଇବ। ଉପକୂଳ ଓଡ଼ିଶାର ଅଧିକାଂଶ ସହରର ତାପମାତ୍ରା ୩୮ ଡିଗ୍ରୀ ଏବଂ ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦାରେ ସର୍ବାଧିକ ୧୭.୬ ମିଲିମିଟର ବର୍ଷା ହୋଇଥିବାବେଳେ ବାଲେଶ୍ୱରରେ ୧୫.୨ ମି.ମି., କୋରାପୁଟରେ ୧୦.୬, ହୀରାକୁଦ, ସମ୍ବଲପୁର, ଝାରସୁଗୁଡା ଓ ଚାନ୍ଦବାଲିରେ ସାମାନ୍ୟ ବର୍ଷା ହୋଇଥିଲା। ମଙ୍ଗଳବାର ସବୁ ସହରର ତାପମାତ୍ରା ୩୯ ଡିଗ୍ରୀ ଭିତରେ ରହିଥିଲା। ଅନୁଗୋଳରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୮.୭ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ପୁରୀ ୩୨.୫, ଭୁବନେଶ୍ୱର ୩୭.୪, ପାରାଦୀପ ୩୦.୯, କଟକ ୩୫ ଏବଂ ବାଲେଶ୍ୱରର ତାପମାତ୍ରା ୩୩.୮ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୩୭ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲସିୟସ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ରାମଚଣ୍ଡୀରେ ବନଯାଗୀ

ପୁରୀ ଅଫିସ/କୋଣାର୍କ(ଡି.ଏନ.ଏ.), ୩୧।୩– ଦାରୁ ଅନ୍ୱେଷଣରେ ଶ୍ରୀକ୍ଷେତ୍ରରୁ ବାହାରିଥିବା ବନଯାଗ ଯାତ୍ରୀ ଦଳ ୨୫ କି.ମି. ପଥ ଅତିକ୍ରମ କରି ମଙ୍ଗଳବାର ରାତି ୮ଟା ୪୫ରେ ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିଛନ୍ତି। ସେଠାରେ ରାତ୍ରିଯାପନ କରି ବୁଧବାର ପ୍ରାତଃରୁ ପୁଣି କାକଟପୁର ଅଭିମୁଖେ ଯାତ୍ରା ଆରମ୍ଭ କରିବେ।

ସୋମବାର ରାତି ୧୨ଟା ୩୦। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଛାଡି କାକଟପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ବନଯାଗୀ ଦଳ। ଚକ୍ରରାଜ ସୁଦର୍ଶନଙ୍କୁ ଧାରଣ କରିଥିବା ଲେଙ୍କା ସେବକଙ୍କ ସହିତ ଅଳ୍ପ କେତେଜଣ ଦଇତା ପ୍ରଥମ ବାହାରିଥିଲେ। ଏହାପରେ ଅନ୍ୟାନ୍ୟ ବନଯାଗ ଯାତ୍ରୀ ଦଳ ଦଫା ଦଫା ହୋଇ ପଦଯାତ୍ରାରେ କାକଟପୁର ଅଭିମୁଖେ ଚାଲିଥିଲେ। ପୁରୀଠାରୁ ବାଲିଘାଇ ମଧ୍ୟରେ ବିଭିନ୍ନ ସ୍ଥାନରେ ଶହ ଶହ ମହିଳା ପୁରୁଷ ରାସ୍ତାର ଉଭୟ ପାର୍ଶ୍ୱରେ ରହି ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଦେଇ ବନଯାଗଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବନଯାଗ ଯାତ୍ରୀ ପୁରୀ–କୋଣାର୍କ ମେରାଇନ ଡ୍ରାଇଭ ରାସ୍ତାର ବାଲିଗୁଆଳିଠାରେ ରାତ୍ରି ପ୍ରାୟ ୨ଟା ବେଳେ ପହଞ୍ଚିଥିଲେ। ସେଠାରେ ବାଲିଗୁଆଳି ଗ୍ରାମର ବହୁ ସଂଖ୍ୟକ ମହିଳାପୁରୁଷ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡା ହୋଇ ବାଦ୍ୟ ବଜାଇ ଫୁଲ ପକାଇ ବନଯାଗୀଙ୍କୁ ସ୍ୱାଗତ କରିଥିଲେ। ବନଯାଗ ଯାତ୍ରୀମାନେ ସେଠାରୁ ବାହାରି ରାତ୍ରି ପ୍ରାୟ ୨ଟା ୩୦ରେ ହରିହରାନନ୍ଦ ଗୁରୁକୁଳ ଆଶ୍ରମ (କ୍ରିୟାଯୋଗ ଆଶ୍ରମ)ନିକଟରେ ପହଞ୍ଚିଥିଲେ। କ୍ରିୟାଯୋଗ ଆଶ୍ରମର ସାଧୁସନ୍ଥମାନେ ସଂକୀର୍ତ୍ତନ କରି ବନଯାଗ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। କ୍ରିୟାଯୋଗ ଆଶ୍ରମର ମୁଖ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦ ମହାରାଜ ଚକ୍ରରାଜ ସୁଦର୍ଶନଙ୍କୁ ଆଳତି କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରିଥିଲେ। ରାତ୍ରି ପ୍ରାୟ ୩ଟା ବେଳେ ସୁଦର୍ଶନଙ୍କୁ ଧାରଣ କରିଥିବା ଲେଙ୍କା ସେବକଙ୍କ ସମେତ କେତେଜଣ ବନଯାଗ ଯାତ୍ରୀ ବାଲିଘାଇସ୍ଥିତ ବିଶ୍ରାମ ସ୍ଥଳରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ବନଯାଗ ଯାତ୍ରୀ ଦଳ ଦଳ ହୋଇ ସେଠାରେ ପହଞ୍ଚିଥିଲେ। ହାତ ଗଣତି କେତେଜଣ ବର୍ଷୀୟାନ ଦଇତା ଶଗଡିରେ ଯାଇଥିବା ବେଳେ ପ୍ରାୟ ସମସ୍ତ ଦଇତା ଚାଲି ଚାଲି ଯାଇଥିଲେ। ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଧାରଣ କରି ଦଇତା ସେବକମାନେ ମନରେ ଅପୂର୍ବ ଆନନ୍ଦ ନେଇ ଚାଲିଥିଲେ ପଦଯାତ୍ରାରେ। ପୋଲିସ କର୍ମଚାରୀମାନେ ବନଯାଗ ଯାତ୍ରୀଙ୍କୁ ସୁରକ୍ଷା ଯୋଗାଇ ସେମାନଙ୍କସହିତ ଚାଲିଚାଲି ଯାଇଥିଲେ। ପୁରୀଠାରୁ ବାଲିଘାଇ ମଧ୍ୟରେ ବିଭିନ୍ନ ସ୍ଥାନରେ ମହିଳାମାନେ ଘର ସମ୍ମୁଖରେ ମୁରୁଜ ପକାଇ ପୂର୍ଣ୍ଣକୁମ୍ଭ ରଖି ଦୀପ ପ୍ରଜ୍ୱଳନ କରି ବନଯାଗ ଯାତ୍ରୀଙ୍କ ସ୍ୱାଗତ ଲାଗି ଚାହିଁ ରହିଥିଲେ। ଦିନବ୍ୟାପୀ ବନଯାଗ ଯାତ୍ରୀ ବାଲିଘାଇଠାରେ ବିଶ୍ରାମ ନେବା ପରେ ସନ୍ଧ୍ୟା ୫ଟା ୫୦ରେ ରାମଚଣ୍ଡୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ବାଲିଘାଇଠାରୁ ରାମଚଣ୍ଡୀ ମଧ୍ୟରେ ଭୁଆଁ, କପିଳେଶ୍ୱର ଏବଂ ଟିକନ ଛକଠାରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ହରିବୋଲ ଓ ହୁଳହୁଳି ଧ୍ୱନି ଦେଇ ବନଯାଗ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ରାତ୍ରୀ ପ୍ରାୟ ୮ଟା ୪୫ରେ ବନଯାଗ ଯାତ୍ରୀ ଦଳ ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ମିତ ବିଶ୍ରାମ ସ୍ଥଳରେ ରାତ୍ରିଯାପନ କରିଥିଲେ। ବନଯାଗ ଯାତ୍ରୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା।


ବାଲିଘାଇରୁ ବାହାରିଥିବା ବନଯାଗ ଯାତ୍ରୀ।

# ରାଜ୍ୟରେ ଶିଶୁକନ୍ୟାଙ୍କ ସ୍ଥିତି ଉଦ୍‌ବେଗଜନକ

**ସିଏଜି ରିପୋର୍ଟ**

**୫ ହଜାର ୨୭୪ ଶିଶୁକନ୍ୟା ଏବେ ବି ନିଖୋଜ**

ଭୁବନେଶ୍ୱର, ୩୧।୩(ବ୍ୟୁରୋ)– ରାଜ୍ୟରେ ମହିଳା ଓ ଶିଶୁକନ୍ୟା ଅବହେଳିତ । କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ବିକାଶ ପାଇଁ ବହୁ ଯୋଜନା ଘୋଷଣା କରୁଥିବାବେଳେ ବାସ୍ତବରେ ରାଜ୍ୟରେ ମହିଳା ଓ ଶିଶୁକନ୍ୟାଙ୍କ ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ଏହାକୁ ନେଇ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ମଙ୍ଗଳବାର ବିଧାନସଭାରେ ୨୦୧୪ ବର୍ଷର ରାଜସ୍ୱ ବିଭାଗ, ସାଧାରଣ ଏବଂ ସାମାଜିକ କ୍ଷେତ୍ର ସମ୍ପର୍କରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି। ସାଧାରଣ ଏବଂ ସାମାଜିକ କ୍ଷେତ୍ର ରିପୋର୍ଟରେ ସିଏଜି ଉଲ୍ଲେଖ କରିଛନ୍ତି ଯେ, ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ଶୂନରୁ ୧୮ ବର୍ଷ ପିଲାଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୩୬.୫୨ % ରହିଛି। ସେଥିରୁ ୪୯.୦୯ % ବାଳିକା। ୨୦୦୧ରୁ ୨୦୧୧ ମଧ୍ୟରେ ଶିଶୁକନ୍ୟାଙ୍କ ସଂଖ୍ୟା ପ୍ରତି ୧ ହଜାର ଶିଶୁପୁତ୍ରଙ୍କ ତୁଳନାରେ ୯୫୩ରୁ ୯୪୧କୁ ହ୍ରାସ ପାଇଛି। ସେହିପରି ସାକ୍ଷରତା କ୍ଷେତ୍ରରେ ମଧ୍ୟ ଶିଶୁକନ୍ୟା ଅବହେଳିତ ହୋଇଛନ୍ତି। ଜାତୀୟ ସ୍ତରରେ ମହିଳାଙ୍କ ସାକ୍ଷରତା ହାର ୬୫.୪୬ % ଥିବାବେଳେ ରାଜ୍ୟରେ ଏହା ୬୨.୪୬ ରହିଛି। ସେହିପରି ଜନ୍ମ ସମୟରେ ଉପଯୁକ୍ତ ଯତ୍ନ ଅଭାବରୁ ରାଜ୍ୟରେ ଶିଶୁକନ୍ୟାଙ୍କ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। ୫ ବର୍ଷରୁ କମ୍ ବୟସର ୧ ହଜାର ଜନ୍ମିତ ଶିଶୁକନ୍ୟାରୁ ୭୪ଜଣ ମୃତ୍ୟୁବରଣ କରୁଛନ୍ତି। ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ନୀତି ପ୍ରଣୟନ କରିଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। କନ୍ୟାଭ୍ରୂଣ ହତ୍ୟା ରୋକିବା ପାଇଁ ଥିବା ପିସିପିଏନ୍‌ଡିଟି ଆକ୍ଟ କାର୍ଯ୍ୟକାରୀ ହେଉନାହିଁ। ଫଳରେ ରାଜ୍ୟରେ ପ୍ରବଳ ଲିଙ୍ଗଭିତ୍ତିକ ବୈଷମ୍ୟ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ୧୪ହଜାର ୬୫୧ ଜଣ ବାଳିକା ଗୁରୁତର ଭାବେ କୁପୋଷଣର ଶିକାର ହୋଇଛନ୍ତି। କିଶୋରୀ ଶକ୍ତି ଯୋଜନା କାର୍ଯ୍ୟକାରୀ ସୁଚାରୁରୂପେ ନ ହେବାରୁ ୯.୩୮ ଲକ୍ଷ ବାଳିକା ସେଥିରୁ ବଞ୍ଚିତ ହୋଇଥିଲେ। ଫଳରେ ରାଜ୍ୟ ସରକାର ୫.୯ କୋଟି ଟଙ୍କା କେନ୍ଦ୍ରକୁ ଫେରାଇ ଦେଇଥିଲେ। ସେହିପରି ୨ ହଜାର ୫୫୬ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ନିଜସ୍ୱ ଘର ନାହିଁ। ୭ ହଜାର ୪୯୭ ସ୍କୁଲରେ ବାଳିକାଙ୍କ ପାଇଁ ପୃଥକ୍ ଶୌଚାଳୟ ନାହିଁ। ସ୍କୁଲ ଶିକ୍ଷା କ୍ଷେତ୍ରରେ ମଧ୍ୟ ବାଳିକାମାନେ ଅବହେଳିତ ହେଉଛନ୍ତି। ୨୦୦୯–୧୦ରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ମଧ୍ୟରେ ୧୭.୮୦ ଲକ୍ଷ ବାଳିକା ନାମ ଲେଖାଇଥିବା ବେଳେ ୨୦୧୩–୧୪ ବେଳକୁ ମାତ୍ର ୧୪.୨୨ ଲକ୍ଷ ବାଳିକା ପଞ୍ଚମରୁ ସପ୍ତମ ଶ୍ରେଣୀ ମଧ୍ୟରେ ନାମ ଲେଖାଇଥିଲେ। ଫଳରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀ ଅଧାରୁ ପାଠ ଛାଡ଼ି ଦେଇଥିଲେ। ସେହିପରି ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ପ୍ରୋତ୍ସାହନ ଅଭାବରୁ ବାଳିକାମାନେ ଅଧାରୁ ପାଠ ଛାଡୁଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ବାଳିକାଙ୍କୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୨୦୦୯ରୁ ୨୦୧୪ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କ ମଧ୍ୟରୁ ୪.୯୧ ଲକ୍ଷ ଛାତ୍ରୀ ନାମ ଲେଖାଇଥିବା ବେଳେ ସେଥିରୁ ମାତ୍ର ୩.୫୮ ଲକ୍ଷ ଛାତ୍ରୀଙ୍କୁ ୧୦୭ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇ ପାରି ନ ଥିଲା।

ରାଜ୍ୟରେ ବହୁ ସଂଖ୍ୟାରେ ଶିଶୁକନ୍ୟା ମଧ୍ୟ ନିଖୋଜ ହେଉଛନ୍ତି। ୨୦୦୯ରୁ ୨୦୧୩ ମଧ୍ୟରେ ୧୧ ହଜାର ୫୫୨ଜଣ ପିଲାଙ୍କ ମଧ୍ୟରୁ ୮ ହଜାର ୨୪୬ ଜଣ ବାଳିକା ନିଖୋଜ ହୋଇଛନ୍ତି। ୨୦୦୯ରେ ୯୧୦ଜଣ ଶିଶୁକନ୍ୟା ନିଖୋଜ ହୋଇଥିବା ବେଳେ ୨୦୧୦ରେ ୧୨୧୨, ୨୦୧୧ରେ ୧୫୧୭, ୨୦୧୨ରେ ୨୬୦୧ ଏବଂ ୨୦୧୩ରେ ୨୦୦୬ ଜଣ ୧୮ବର୍ଷରୁ କମ୍ ବୟସର ବାଳିକା ନିଖୋଜ ହୋଇଛନ୍ତି। ନିଖୋଜ ହୋଇଥିବା ଶିଶୁକନ୍ୟାଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୫ ହଜାର ୨୭୪ ଜଣ ବାଳିକାଙ୍କର କୌଣସି ପତ୍ତା ମିଳିନାହିଁ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।







## ବନଯାଗୀଙ୍କ ଅନୁଭୂତିରେ ବନଯାଗ ଯାତ୍ରା

କାକଟପୁର,(ଡି.ଏନ୍.ଏ.)–ନବକଳେବର ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣରେ ଶ୍ରୀକ୍ଷେତ୍ରରୁ କାକଟପୁର ଅଭିମୁଖେ ବାହାରିଥିବା ବନଯାଗୀ ଏବେ ଦେଉଳିମଠରେ। ଦୀର୍ଘ ୬୦କି.ମି. ରାସ୍ତା ପାଦରେ ଚାଲି ଏଠାରେ ପହଞ୍ଚିବା ଏମାନଙ୍କ ପାଇଁ ଏକ ନିଆରା ଅନୁଭୂତି ଆଣିଦେଇଥିଲା। ତେବେ କେତେଜଣ ଯୁବ ଦଇତାପତି ମନରେ ନିଷ୍ଠା ଓ ଭକ୍ତିଭାବନା ରଖି ପ୍ରଥମଥର ଏଥିରେ ସାମିଲ ହୋଇଥିବାବେଳେ ସେପଟେ ବରିଷ୍ଠ ଦଇତାପତିମାନେ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁ ଏହା ପୁଣିଥରେ ସମ୍ଭବ ହୋଇପାରିଛି ବୋଲି ବ୍ୟକ୍ତ କରିଛନ୍ତି।

### କ'ଣ କୁହନ୍ତି ସେମାନେ...



ବନଯାଗ ଯାତ୍ରାରେ ପ୍ରଥମଥର ସାମିଲ ହୋଇଛି। ପୂର୍ବରୁ କେବେ ଖାଲିପାଦରେ ଏତେ ବାଟ ଚାଲି ନ ଥିଲି। ମନରେ ଭୟ ଥିଲା। ମହାପ୍ରଭୁଙ୍କ କୃପାଲାଭ କରି ଆମେ ଆଜି ଦେଉଳିମଠଠାରେ ପହଞ୍ଚିପାରିଛୁ। ବାଟରେ ସ୍ଥାନୀୟ ଲୋକଙ୍କଠାରୁ ଯେଉଁ ସ୍ୱାଗତ, ସମ୍ବର୍ଦ୍ଧନା ମିଳିଛି, ତାହାକୁ ଜୀବନରେ ଭୁଲିବା କେବେ ସମ୍ଭବ ନୁହେଁ।

– ବିବେକାନନ୍ଦ ଦାସ ମହାପାତ୍ର, ଯୁବ ଦଇତାପତି



ନବକଳେବରର ବନଯାଗଯାତ୍ରା ସମ୍ପର୍କରେ ବାପାଙ୍କଠାରୁ ଶୁଣିଥିଲି। ଚଳିତଥର ଅଙ୍ଗେ ନିଭାଉଛି। ଏଥିରେ ଆମେ କିଛି କରୁନୁ। ସବୁ ସେଇ ଲୀଳାମୟଙ୍କ ଲୀଳା। ରାମଚଣ୍ଡୀ ପର୍ଯ୍ୟନ୍ତ ଭଲରେ ଚାଲି ଚାଲି ପହଞ୍ଚିଥିଲି। ଏହାପରେ ମୋ ବାମଗୋଡ଼ ପାଦରେ ଫୋଟକା ହୋଇଗଲା। ଲାଗିଲା, ଦେଉଳିମଠ ପର୍ଯ୍ୟନ୍ତ ଯାଇପାରିବିନି। ମାତ୍ର ମହାପ୍ରଭୁଙ୍କ ନାମ ସ୍ମରଣ କରି ଫୋଟକା ସ୍ଥାନରେ ଔଷଧ ଲଗାଇଲା ପରେ ଉପଶମ ମିଳିଲା। ଆଉ ଏବେ ମୁଁ ଦେଉଳିମଠ ପରିସରରେ ଛିଡ଼ାହୋଇଛି। ବିଶ୍ୱାସ ହେଉନି, କିନ୍ତୁ ମନ ଖୁସିରେ ପୂରିଉଠୁଛି।

– ରମାନନ୍ଦ ଦାସ ମହାପାତ୍ର, ଯୁବ ଦଇତାପତି



୧୯୯୬ ନବକଳେବର ସମୟରେ ମୋର ଜନ୍ମ। ଏଣୁ ପରିବାର ଲୋକ ମୋ ନାମ ବିଶ୍ୱାବସୁ ରଖିଛନ୍ତି। ଚଳିତ ନବକଳେବରର ବନଯାଗ ଯାତ୍ରାରେ ପ୍ରଥମଥର ମୁଁ ଭାଗ ନେଇଛି। ମହାପ୍ରଭୁଙ୍କ ସେବାରେ ରହିଥିବା ନୀତିନିୟମ, ଆଚାର, ବ୍ୟବହାର, ଭକ୍ତି, ନିଷ୍ଠା ଆଦି ସମ୍ପର୍କରେ ଗୁରୁଜନମାନଙ୍କଠାରୁ ଅନେକ କିଛି ଶିଖିବାକୁ ମିଳୁଛି। ରାସ୍ତାରେ ଖାଲିପାଦରେ ଚାଲିବାରେ କଷ୍ଟ ତ ରହିଛି, ମାତ୍ର ମହାପ୍ରଭୁଙ୍କ ଭଜନ, କୀର୍ତ୍ତନ କରି ତାଙ୍କ ନାମ ସ୍ମରଣ କରୁଥିବାରୁ ସେ କଷ୍ଟ ଆଦୌ ଅନୁଭୂତ ହେଉନି। ସଂକଳ୍ପ ନେଇଛୁ ଦାରୁମାନଙ୍କୁ ଶଗଡ଼ିରେ ଧରି ଶ୍ରୀକ୍ଷେତ୍ର ଫେରିବୁ।

– ବିଶ୍ୱାବସୁ ଦାସ ମହାପାତ୍ର, ଯୁବ ଦଇତାପତି



ଦୀର୍ଘ ୧୯ବର୍ଷ ପରେ ପୁଣି ଥରେ ବନଯାଗ ଯାତ୍ରାର ଯାତ୍ରୀ ହୋଇଛି। ମହାପ୍ରଭୁଙ୍କ କରୁଣା ନ ଥିଲେ ଏସବୁ କେବେ ସମ୍ଭବ ହୁଅନ୍ତାନି। ୬୦କି.ମି. ବାଟକୁ ଯୁବ ଦଇତାପତିମାନେ ଅନାୟାସରେ ଚାଲିଆସିପାରିଛନ୍ତି। କେବଳ ଦୁଃଖ ରହିଛି, ୧୯୯୬ମସିହାଠାରୁ ଯେଉଁ ଚତୁର୍ଦ୍ଧାମୂର୍ତ୍ତିମାନଙ୍କୁ ନେଇ ପୂଜା କରିଆସୁଥିଲୁ, ତାହାକୁ ଏବେ ପାତାଳି କରିବୁ। ସଭିଏଁ ଆମେ ଜଗତର ନିୟମରେ ବନ୍ଧା। ସେଥିରୁ ବା କିଏ ମୁକୁଳିବ କେମିତି ? ଚଳିତଥର ପଦଯାତ୍ରା ସମୟରେ ବାଟସାରା ଲୋକଙ୍କ ସ୍ୱାଗତ, ସମ୍ବର୍ଦ୍ଧନା ଓ ସହଯୋଗ ଆମକୁ ବିମୋହିତ କରିଛି।

– ମନୋଜ କୁମାର ଦାସ ମହାପାତ୍ର, ବରିଷ୍ଠ ଦଇତାପତି



ସଂସାରେ ଥିଲେ ଦେହ ବହି...ଦେବତା ହେଲି ବି ମରଇ..., ଏହା ହିଁ ଧ୍ରୁବ ସତ୍ୟ। ଏହାକୁ ପ୍ରମାଣ କରୁଛି ମହାପ୍ରଭୁଙ୍କ ନବକଳେବର। ପୂର୍ବରୁ ଏତେ ସୁବିଧା, ସୁଯୋଗ ନ ଥିଲା। ସେତେବେଳେ କେବଳ ମହାପ୍ରଭୁଙ୍କ ନାମ ସ୍ମରଣ କରି କଷ୍ଟକୁ ଲାଘବ କରୁଥିଲୁ। ଏବେ ତ ବିଭିନ୍ନ ସ୍ଥାନରେ ରହଣି, ଖାଦ୍ୟପେୟର ସୁବ୍ୟବସ୍ଥା ସାଙ୍ଗକୁ ସେବା ଆଦି ମିଳିଯାଉଛି। ଏଣୁ କଷ୍ଟ ସେତେଟା ଅନୁଭୂତ ହେଉନି। ଚଳିତଥର ବନଯାଗ ଯାତ୍ରୀ ହୋଇଥିବା ଯୁବ ଦଇତାପତିମାନଙ୍କୁ ଅନେକ ଶିକ୍ଷା ପ୍ରଦାନ କରିଛି। ସେବାକୁ ସମର୍ପଣ ଭାବରେ ନେଲେ ହିଁ ସେମାନେ ମହାପ୍ରଭୁଙ୍କ କୃପାଲାଭ କରିପାରିବେ। ବନଯାଗ ଯାତ୍ରୀଙ୍କ ସମ୍ମୁଖରେ ସୁଦର୍ଶନ ଦଣ୍ଡ ଥିଲେ, ସେ ବାଟ କଢ଼ାଇ ନେଇଥାଏ, ଆଉ ମୁଣ୍ଡରେ ଖଣ୍ଡୁଆ ଥିଲେ ସବୁ ବିପଦ ଆପେ ଚଳିଯାଏ। ଏହା ଉପରେ ବିଶ୍ୱାସ ରଖି ହିଁ ଆମେ ଆଗକୁ ମାଡ଼ିଚାଲିଛୁ। ଜୟ ଜଗନ୍ନାଥ।

– ଜ୍ୟୋତି ଦାସ ମହାପାତ୍ର, ବରିଷ୍ଠ ଦଇତାପତି

# ସ୍ୱପ୍ନାବତୀ ମନ୍ତ୍ର ଜପରୁ ମିଳେ ଦାରୁ ଠିକଣା

ପୁରୀ ଅଫିସ: ବନଯାଗ ବିଧିରେ ମା' ମଙ୍ଗଳାଙ୍କ ମାଜଣା ପରେ ଦଇତାପତି, ଶ୍ରୋତ୍ରିୟ ବ୍ରାହ୍ମଣ ପୁରୋହିତମାନେ ଶବରପଲ୍ଲୀକୁ ଫେରିଆସନ୍ତି। ସମସ୍ତେ ମା' ମଙ୍ଗଳାଙ୍କୁ ସମର୍ପିତ ହୋଇ ସ୍ୱପ୍ନାବତୀ ମନ୍ତ୍ର ଜପ କରିଥାନ୍ତି। ଏହାପରେ ମା' ଦିଅନ୍ତି ଦାରୁର ଠିକଣା। ଆଉ ଏହି ଜପ ପଛରେ ରହିଛି ଶାସ୍ତ୍ରୀୟ ଏବଂ ବୈଜ୍ଞାନିକ କାରଣ।



୧୯୯୬ ନବକଳେବରରେ ଦେଉଳିମଠରେ ମନ୍ତ୍ରପାଠ କରୁଥିବା ଦଇତାପତିମାନେ।

ତନ୍ତ୍ର ଯୋଗୀମାନେ ମତ ଦିଅନ୍ତି, ଜପ ମାଧ୍ୟମରେ ବିଶ୍ୱ ସହିତ ବ୍ୟକ୍ତି ସମ୍ବନ୍ଧ ସ୍ଥାପନ କରିପାରେ। ଏହାର ମାଧ୍ୟମ ହେଉଛି ଧ୍ୱନି। ବାରମ୍ବାର ମନ୍ତ୍ରକୁ ଜପ କରିବା ଦ୍ୱାରା ସ୍ୱର ଓ ବର୍ଣ୍ଣ ମଧ୍ୟରେ ସଂଘର୍ଷ ସୃଷ୍ଟି ହୁଏ। ସେଥିରୁ ଧ୍ୱନି ଜନ୍ମ ନିଏ। ଧ୍ୱନିରୁ ଚୁମ୍ବକୀୟ ଶକ୍ତି ଉତ୍ପନ୍ନ ହୁଏ। ଜପ କରିବା ଦ୍ୱାରା ଏହି ଚୁମ୍ବକୀୟ ଶକ୍ତି ଏକ ପରିଧି ନିର୍ମାଣ କରିଦିଏ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଭାରତୀୟ ପରମ୍ପରାରେ ଜପକୁ ଏକ ଯଜ୍ଞ ଭାବେ ଗ୍ରହଣ କରାଯାଇଛି। ଜପ ମାଧ୍ୟମରେ ନିଜର ଅସ୍ତିତ୍ୱକୁ ଉପାସିତ ଦେବତା ସହିତ ଯୋଡି ହୁଏ। ପ୍ରଥମେ 'ଇଥର'ରେ ଏକ ପରିଧି ନିର୍ମାଣ ହୁଏ ବୋଲି ଧାରଣା ଥିଲା। ବୈଜ୍ଞାନିକ ଆଇନଷ୍ଟାଇନ 'ଇଥର'ର କୌଣସି ଭୂମିକା ନାହିଁ ବୋଲି ପ୍ରମାଣିତ କରିଛନ୍ତି। କିନ୍ତୁ ପରିଧି ନିଶ୍ଚିତ ଭାବେ ସୃଷ୍ଟି ହୁଏ ବୋଲି ସେ ସ୍ପଷ୍ଟ କରିଛନ୍ତି। ପରିଧିକୁ ଭାରତୀୟ ଶବ୍ଦରେ ବଳୟ କୁହାଯାଏ। ପଦାର୍ଥ ବିଜ୍ଞାନୀଙ୍କ ମତରେ ପରିଧି ସୃଷ୍ଟି ହେଲେ ପ୍ରଥମେ ବିଦ୍ୟୁତ୍‌ର ଗତି ବିଲୋମରେ ନ ଯାଇ ଅନୁଲୋମରେ ଯାଏ। ତେଣୁ ପରିଧି ସୃଷ୍ଟି ହୋଇଥିବା ଚୁମ୍ବକୀୟ ଶକ୍ତି ଅନୁଲୋମରେ ଗତି କରେ। ଯେତେବେଳେ ବିଲୋମ ଗତି ଆରମ୍ଭ ହୁଏ, ସେତେବେଳେ ଚୁମ୍ବକର ଶକ୍ତି ତରଙ୍ଗରେ ପରିଣତ ହୁଏ। ତରଙ୍ଗର ତୀବ୍ର ଗତି ହେଲେ ଚୁମ୍ବକୀୟ ଶକ୍ତି ଆକର୍ଷିତ କରେ। ଏହି ସମୟରେ ସଙ୍କଳ୍ପ କରି ଜପ କରୁଥିବା ବ୍ୟକ୍ତି ବଳୟର ତୀବ୍ର ଚେତନା ଶକ୍ତି ଆଧାର କରି ମନରେ ଯାହା ଭାବି ଜପ କରୁଥାନ୍ତି ତାହାର ସମାଧାନକୁ ବାରମ୍ବାର ଖୋଜନ୍ତି। ଜପ ଦ୍ୱାରା ମନ ମଧ୍ୟରେ ଏହି ଖୋଜିବା କାର୍ଯ୍ୟ ଲଗାତର ସୃଷ୍ଟି ହୁଏ। ଫଳରେ ମନର ଇଚ୍ଛା ବଶୀଭୂତ ହୋଇଯାଏ। ସେତେବେଳେ ମହାପ୍ରଭୁଙ୍କ ଦାରୁ ସନ୍ଧାନ ଲାଗି ସେବକଙ୍କ ମାନସିକ ସ୍ତରରେ ଇଚ୍ଛା ଆସେ। ପୂର୍ବରୁ ସେବକ ମା' ମଙ୍ଗଳାଙ୍କ ନାମରେ ସଂକଳ୍ପ ହୋଇଥାନ୍ତି। ମା' ହେଉଛନ୍ତି ମଙ୍ଗଳମୟୀ। ବାରମ୍ବାର ଇଚ୍ଛାଶକ୍ତିର ଆକର୍ଷଣ ଫଳରେ ମା' ସ୍ୱପ୍ନରେ ଦାରୁର ସନ୍ଧାନ ଦେଇଥାନ୍ତି। ଏହି ସମସ୍ତ କାର୍ଯ୍ୟ ଶାସ୍ତ୍ରୀୟ ପଦ୍ଧତିରେ ଗୋଟିକ ପରେ ଗୋଟିଏ ହୋଇଥାଏ। ତେଣୁ ବନଯାଗ ବିଧିରେ କଠିନ ତ୍ୟାଗ ଭାବର ମାନସିକତା ରହିଥାଏ। ତ୍ୟାଗ ଭାବ ଦୃଢ ନ ରହିଲେ ଇଚ୍ଛା ଶକ୍ତି ମଧ୍ୟ ରହିବ ନାହିଁ। ଇଚ୍ଛାଶକ୍ତି ଦୃଢ ନ ରହିଲେ ଜପ ନିଷ୍ଫଳ ହୁଏ। ତେଣୁ ମନ୍ତ୍ର ଜପ ନିଷ୍ଠା ଏବଂ ସାବଧାନତାର ସହ ଶାସ୍ତ୍ରୀୟ ବିଧି ଅନୁଯାୟୀ କରିବାକୁ ହୁଏ ବୋଲି ମିଶ୍ର କହିଛନ୍ତି।

# '୧୯୯୬ରେ ମଙ୍ଗଳାଙ୍କ ନୀତି ଆଜି ବି ଅଭୁଲା'

କାକଟପୁର,(ଡି.ଏନ୍.ଏ.)–ଦେଉଳିମଠଠାରେ ବନଯାଗଯାତ୍ରୀ ଅବସ୍ଥାନ କରୁଥିବା ସମ୍ପର୍କରେ ଜଣାଇବାକୁ ଶ୍ରୀମନ୍ଦିରରେ ଦେଉଳକରଣ ଚନ୍ଦ୍ରଶେଖର ମଙ୍ଗରାଜ ଗୁରୁବାର ଅପରାହ୍ଣ ପ୍ରାୟ ୧ଟାରେ ଶଗଡ଼ରେ ମଙ୍ଗଳା ମନ୍ଦିରକୁ ଯାତ୍ରା କରିଥିଲେ। ତେବେ ୧୯୯୬ ନବକଳେବରରେ ମଙ୍ଗରାଜ ଦେଉଳକରଣ ଥିବାବେଳେ ମନ୍ଦିର ପରିଚାଳକ ଥିଲେ ପ୍ରଫୁଲ୍ଲ କୁମାର ମହାନ୍ତି। ସେହିବର୍ଷ ଏପ୍ରିଲ ୩ରେ ଉଭୟ ମା'ଙ୍କ ମାଜଣା, ମହାସ୍ନାନ, ବଡ଼ସିଂହାର ବେଶ ସମୟରେ ମନ୍ଦିରରେ ଉପସ୍ଥିତ ରହିଥିଲେ। ଏ ସମ୍ପର୍କରେ ଅନୁଭୂତି ବଖାଣି ମଙ୍ଗରାଜ କହିଥିଲେ ଯେ, ଏପ୍ରିଲ ୨ରେ ବନଯାଗ ଯାତ୍ରୀମାନେ ଦେଉଳିମଠଠାରେ ପହଞ୍ଚିଥିଲେ। ସେହିଦିନ ଅପରାହ୍ଣରେ ମୁଁ ମଙ୍ଗଳା ମନ୍ଦିର ଯାଇ ପରିଚାଳକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଏକ ଚିଟାଉ ଦେଇ ଫେରିଥିଲି। ତା' ପରଦିନ ମା'ଙ୍କ ସେବକମାନେ ପୂଜାପଣ୍ଡା ସୁରେନ୍ଦ୍ର ଦୀକ୍ଷିତଙ୍କ ନେତୃତ୍ୱରେ ଘଣ୍ଟ, ମୃଦଙ୍ଗ, ଝାଞ୍ଜ, ଢ଼ୋଲ, ମହୁରୀ ଓ ବ୍ୟାଣ୍ଡପାର୍ଟି ବାଜା ବଜାଇ ଏକ ବିରାଟ ପଟୁଆରରେ ଦେଉଳିମଠ ଆସିଥିଲେ। ପରେ ବନଯାଗ ଯାତ୍ରୀଙ୍କୁ ସେମାନେ ଆମନ୍ତ୍ରଣ ଜଣାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିବର୍ଷ ଯଥାବିଧି ମା'ଙ୍କ ମାଜଣା, ମହାସ୍ନାନ, ବଡ଼ସିଂହାର ବେଶ, ଚଢ଼େଇନେଦା ମହାପ୍ରସାଦ ସମର୍ପଣ ଆଦି ନୀତିକାନ୍ତି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ହରିବୋଲ, ହୁଳହୁଳି ଧ୍ୱନିରେ ସମଗ୍ର କାକଟପୁର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଲାଗୁଥିଲା, ସତେଯେପରି ଏହି ଲୀଳା ଦେଖିବାକୁ ସ୍ୱର୍ଗରୁ ଦେବତାମାନେ ମର୍ତ୍ତ୍ୟଲୋକଙ୍କୁ ଓହ୍ଲାଇ ଆସିଛନ୍ତି। ସେଦିନର ସ୍ମୃତି ଏବେ ମୋ ମାନସପଟରେ ଜୀବିତ ରହିଛି, ଯାହାକୁ ମୁଁ ପାସୋରି ପାରିନି। ସେହିପରି ମଙ୍ଗଳା ମନ୍ଦିରର ତତ୍‌କାଳୀନ ପରିଚାଳକ ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ, ଶ୍ରୀମନ୍ଦିରର ଦେଉଳକରଣ ଚନ୍ଦ୍ରଶେଖର ମଙ୍ଗରାଜ ମୋତେ ଆସି ଚିଟାଉ ଦେବାପରେ ମୁଁ ଟ୍ରଷ୍ଟବୋର୍ଡ ସଭାପତି, ସେବକ ସମିତି ସଭାପତି, ଥାନା ଅଧିକାରୀ, ତହସିଲଦାରଙ୍କୁ ବନଯାଗ ଯାତ୍ରୀଙ୍କ ଅବସ୍ଥାନ ସମ୍ପର୍କରେ ଜଣାଇଥିଲି। ଏହାପରେ ମା'ଙ୍କ ସେବକମାନେ ବନଯାଗଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ପୂଜାପଣ୍ଡା ସୁରେନ୍ଦ୍ର କୁମାର ଦୀକ୍ଷିତ ଏକ ବଡ଼ଥାଳିରେ ମା'ଙ୍କର ଦୁଇଟି ଆଜ୍ଞାମାଳ ନେଇ ସେବକମାନଙ୍କ ସହିତ ଏକ ବିରାଟ ପଟୁଆରରେ ଦେଉଳିମଠ ଯାଇଥିଲେ। ସେଠାରୁ ବନଯାଗ ଯାତ୍ରୀ ମା'ଙ୍କ ମନ୍ଦିରରେ ପହଞ୍ଚିବାପରେ ବିଧି ଓ ପରମ୍ପରା ଅନୁସାରେ ମା'ଙ୍କ ମାଜଣା ଓ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ତେବେ ଦଇତାପତିମାନେ ମା'ଙ୍କ ମହାସ୍ନାନ ଦର୍ଶନର ସୁଯୋଗ ନେବାକୁ ସେତେବେଳେ ଦାବି କରୁଥିବାବେଳେ ଏହା ନୀତି ବିରୋଧୀ ବୋଲି ସେମାନଙ୍କୁ ବୁଝାଯାଇଥିଲା। ଏହାପରେ ସେମାନେ ଜଗମୋହନରେ ଭଜନ, କୀର୍ତ୍ତନ ଆରମ୍ଭ କରିଥିଲେ। ମା'ଙ୍କ ବଡ଼ସିଂହାର ବେଶପରେ ଯେତେବେଳେ ମନ୍ଦିର ଦ୍ୱାର ଫିଟା ଯାଇଥିଲା, ମୁଁ ମା'ଙ୍କୁ ପ୍ରଣାମ ଜଣାଇଥିଲି। ସେଦିନର ମା'ଙ୍କ ବେଶ ଅପରୂପା ସୌନ୍ଦର୍ଯ୍ୟ କେବେ ଭୁଲି ହେବନି। ଭାଗ୍ୟରେ ଥିଲେ ଏଭଳି ଦର୍ଶନର ସୁଯୋଗ ମିଳିଥାଏ। ଏକ ସପ୍ତାହ ମଧ୍ୟରେ ଦଇତାପତିମାନେ ଦାରୁମାନଙ୍କ ସମ୍ପର୍କରେ ଜାଣି ଦେଉଳିମଠରୁ ଶ୍ରୀକ୍ଷେତ୍ର ପ୍ରତ୍ୟାବର୍ତ୍ତନ କରିଥିଲେ।



କାକଟପୁର ଦେଉଳିମଠ ପରିସରରେ ଚାରି ବାଡର ଆଜ୍ଞାମାଳ ତାଳପତ୍ର ପେଟରାରେ ବିଜେ କରାଯାଇଥିବାବେଳେ ନିକଟରେ ଦେଉଳକରଣ ଚନ୍ଦ୍ରଶେଖର ମଙ୍ଗରାଜ ମା'ମଙ୍ଗଳାଙ୍କ ମାଜଣା ନିମନ୍ତେ ଚିଟାଉ ଲେଖୁଛନ୍ତି।



ଦେଉଳି ମଠ ପରିସରସ୍ଥ ବୃକ୍ଷ ମୂଳରେ ଶ୍ରୀ ଚକ୍ରନାରାୟଣ ସୁଦର୍ଶନଙ୍କୁ ବିଜେ କରାଯାଇଛି।



ଦେଉଳିମଠ ପରିସରରେ ଗୁରୁବାର ସନ୍ଧ୍ୟାରେ ଶ୍ରୀ ଚକ୍ରନାରାୟଣ ସୁଦର୍ଶନଙ୍କ ସମ୍ମୁଖରେ ଭୋଗ ଲାଗି କରାଯାଉଛି।



ଦେଉଳିମଠ ପରିସରରେ ବାସୁଦେବଙ୍କ ସମ୍ମୁଖରେ ବେଦପାଠ।



ଶବରପଲ୍ଲୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର, ଦଇତାପତି ଓ ମଙ୍ଗଳା ମନ୍ଦିର ଟ୍ରଷ୍ଟିମାନଙ୍କ ଆଲୋଚନା।



ଦେଉଳିମଠ ଶବରପଲ୍ଲୀରେ ଗୁରୁବାର ସନ୍ଧ୍ୟାରେ ବନଯାଗୀମାନଙ୍କ ଭଜନ ଜଣାଣ ପରିବେଷଣ।



ବନଯାଗ ଯାତ୍ରୀଙ୍କ ଆସବାବପତ୍ର ଦେଉଳିମଠ ପରିସରକୁ ବୁହାଯାଉଛି।

# ଶ୍ରୀସୁଦର୍ଶନଙ୍କ ଉପରେ ଖସିଲା ମା'ଙ୍କ ଫୁଲମାଳ

କାକଟପୁର, (ଡି.ଏନ.ଏ.)/ ପୁରୀ ଅଫିସ: ବନଯାଗ ଯାତ୍ରୀ ଶୋଭାଯାତ୍ରାରେ ଆସି ଶୁକ୍ରବାର ମଧ୍ୟାହ୍ନରେ ମଙ୍ଗଳା ମନ୍ଦିରରେ ପହଞ୍ଚିଥିଲେ। ଲେଙ୍କା ସେବକଙ୍କଠାରୁ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ନେଇ ପୂଜାପଣ୍ଡା ମା' ମଙ୍ଗଳାଙ୍କ ଆସ୍ଥାନର ବାମପାର୍ଶ୍ୱରେ ବିଜେ କରାଇଥିଲେ। ଏହାପରେ ମା' ଙ୍କ ମାଜଣା ନୀତି ସମ୍ପନ୍ନ ହୋଇଥିଲା। ଆଳତି ଚାଲିଥିବା ସମୟରେ ମା' ଧାରଣ କରିଥିବା ଦୁଇଟି ଗେଣ୍ଡୁମାଳ ଖସି ସୁଦର୍ଶନଙ୍କ ଉପରେ ପଡିଥିଲା। ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ମା' ଧାରଣ କରିଥିବା ଗେଣ୍ଡୁମାଳ ଖସିଲା, ଯାହାକି ଶୀଘ୍ର ଦାରୁ ସନ୍ଧାନ ମିଳିବାର ସୂଚନା। ଖସିଥିବା ଫୁଲମାଳକୁ ଦଇତା ସେବକମାନେ ନେଇଥିବା ମଙ୍ଗଳା ମନ୍ଦିର ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତ ଓ ତୁଷାର ରଞ୍ଜନ ଦୀକ୍ଷିତ କହିଛନ୍ତି।

**ଚଳିତ ବର୍ଷ ୨ଥର ହେଲା ସ୍ୱତନ୍ତ୍ର ମାଜଣା:** ମା' ମଙ୍ଗଳାଙ୍କ ପାରମ୍ପରିକ ମାଜଣା ପ୍ରତ୍ୟେକ ଦିନ ହୋଇଥାଏ। କିନ୍ତୁ ଚୈତ୍ରମାସ ପ୍ରଥମ ମଙ୍ଗଳବାର ସ୍ୱତନ୍ତ୍ର ମାଜଣା, ବଡସିଂହାର ବେଶ ଏବଂ ନୂତନ ନେତ ଲାଗି ହୋଇଥାଏ। ଆଶ୍ୱିନ ମାସ ମୂଳାଷ୍ଟମୀ ଦିନ ୧୦୮ କଳସ ସୁବାସିତ ଜଳରେ ମା'ଙ୍କ ମହାସ୍ନାନ ହୋଇଥାଏ। କିନ୍ତୁ ଶୁକ୍ରବାର ବନଯାଗ ଯାତ୍ରା ଲାଗି ମା'ଙ୍କ ସ୍ୱତନ୍ତ୍ର ମାଜଣା, ମହାସ୍ନାନ, ବଡସିଂହାର ଏବଂ ନୂତନ ନେତ ଲାଗି ନୀତି ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଏହି ନୀତି ହୋଇଛି ବୋଲି ମା' ମଙ୍ଗଳାଙ୍କ ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତ କହିଛନ୍ତି।

**ବନଯାଗୀଙ୍କୁ ସ୍ୱାଗତ:** କାକଟପୁରଠାରୁ ଦେଉଳି ମଠ ୩ କି.ମି. ରାସ୍ତା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଦେଉଳି ମଠରୁ ବାହାରି ଥିଲା ବନଯାଗ ଯାତ୍ରୀ ଓ ମଙ୍ଗଳା ସେବକଙ୍କ ଶୋଭାଯାତ୍ରା। ସେତେବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରାସ୍ତା ତାତି ଯାଇଥିଲା। ଏହି ସମୟରେ କେତେକ ବ୍ୟକ୍ତି ରାସ୍ତାକୁ ଥଣ୍ଡା କରିବା ଲାଗି ପାଣି ପକାଉଥିବା ଦୃଶ୍ୟଥିଲା ହୃଦୟ ସ୍ପର୍ଶୀ। ସେହିପରି କାକଟପୁର ମହାନ୍ତି ସାହି ଲୋକମାନେ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ, କଦଳୀ ଗଛ ରଖି ବନଯାଗୀଙ୍କୁ ସ୍ୱାଗତ କରିଥିଲେ। ଏପରିକି ମହିଳାମାନେ ରାସ୍ତା ପାର୍ଶ୍ୱରେ ରହି ପୁଷ୍ପ ବୃଷ୍ଟି କରିଥିଲେ।

ନବକଳେବର - 2015
NABAKALEBARA - 2015



**ମାଜଣା ବେଳେ ଦଇତାପତିଙ୍କୁ ଛଡ଼ାଗଲାନି:** ମାଜଣା ସମୟରେ ଦଇତାପତି ସେବକମାନଙ୍କୁ ମା'ଙ୍କ ନିକଟକୁ ଛଡା ଯାଇ ନ ଥିଲା। ଏହାକୁ ନେଇ ଦଇତାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ଦଇତାପତି ନିଯୋଗର ସଭାପତି ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି ଯେ, ମା'ଙ୍କ ସ୍ନାନ ପରେ ଗୋଟିଏ ଶାଢ଼ି ପିନ୍ଧିବା ପରେ ଦଇତାପତି ମାନେ ଗର୍ଭଗୃହରେ ରହିବେ ବୋଲି ବୈଠକ ସ୍ଥିର ହୋଇଥିଲା। କିନ୍ତୁ ମାଜଣା ନୀତି ସମ୍ପୂର୍ଣ୍ଣ ଭାବେ ସମ୍ପନ୍ନ ହେବା ପର୍ଯ୍ୟନ୍ତ ଆମକୁ ଛଡାଗଲା ନାହିଁ। ମାଜଣା ସମୟରେ ଦଇତାପତିମାନେ ଉପସ୍ଥିତ ରହିବାର ପରମ୍ପରା ରହିଛି। ଏହାଦ୍ୱାରା ଏକ ପ୍ରକାର ପରମ୍ପରା ଭଙ୍ଗ ହୋଇଛି। ଦଇତାପତିମାନଙ୍କୁ ଛଡା ନ ଯିବାରୁ ସମସ୍ତେ ଏଥିପାଇଁ ଅସନ୍ତୁଷ୍ଟ ବୋଲି ସେ କହିଛନ୍ତି। ମା' ମଙ୍ଗଳା ମନ୍ଦିର ପରିଚାଳକ ସୁମନ୍ତ ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ମାଜଣା ନୀତି ସମ୍ପର୍କରେ ମା' ମଙ୍ଗଳା ମନ୍ଦିର ସେବକ ସମିତି ସହିତ ଆଲୋଚନା କରିଥିଲେ। ସେ ସମୟରେ ସ୍ଥିର ହୋଇଥିଲା ଯେ, ମା' ବିବସ୍ତ୍ର ହୋଇ ସ୍ନାନ କରୁଥିବାରୁ ପୂଜାପଣ୍ଡାଙ୍କ ବ୍ୟତୀତ ଗର୍ଭଗୃହରେ ଆଉ କେହି ରହିପାରିବେ ନାହିଁ। ତେବେ ମା'ଙ୍କୁ ଗୋଟିଏ ଶାଢ଼ି ପିନ୍ଧାଯିବା ପରେ ବନଯାଗ ଯାତ୍ରୀଙ୍କୁ ଗର୍ଭଗୃହକୁ ଛଡାଯିବାକୁ ନିଷ୍ପତ୍ତି ହୋଇଥିଲା। ପୂଜାପଣ୍ଡା ୩ଟି ଶାଢ଼ି ପିନ୍ଧାଇବା ପରେ ବନଯାଗ ଯାତ୍ରୀଙ୍କୁ ମନ୍ଦିରକୁ ଛଡାଯିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଘଟଣାର ଆପୋସ ସମାଧାନ ହୋଇଛି।

**ଜଗମୋହନରେ ଭଜନ କୀର୍ତ୍ତନ:** ମା'ଙ୍କ ମାଜଣା ବେଳେ ଦଇତାପତିମାନଙ୍କୁ ଗର୍ଭଗୃହକୁ ଛଡାଯାଇ ନ ଥିଲା। ସେମାନେ ଜଗମୋହନରେ ବସି ଭଜନ କୀର୍ତ୍ତନ କରିଥିଲେ। ଶ୍ରୋତ୍ରିୟ ବ୍ରାହ୍ମଣମାନେ ଚଣ୍ଡୀପାଠ କରିଥିଲେ। ସେଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

**ବନ୍ଦ ରହିଛି ଆମିଷ ବିକ୍ରି:** ବନଯାଗ ଯାତ୍ରା ଲାଗି କାକଟପୁରରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ଏପରିକି କାକଟପୁର ବଜାରରେ ଗତ ୧ତାରିଖରୁ ଆମିଷ ବିକ୍ରି ବନ୍ଦ ରହିଥିବା ବେଳେ ବଜାରରେ ଥିବା ହୋଟେଲଗୁଡିକରେ ଆମିଷ ଖାଦ୍ୟ ବିକ୍ରି ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି।

**ରିପୋର୍ଟ: ସନ୍ତୋଷ ଦାସ ଏବଂ ପ୍ରଦୀପ କିଶୋର ସାହୁ**

## ସାପକୁ ନେଇ ଚର୍ଚ୍ଚା

ନବକଳେବର ବେଳେ ଦାରୁଙ୍କୁ ସର୍ପରାଜ ସୁରକ୍ଷା ଦିଅନ୍ତି ବୋଲି ବିଶ୍ୱାସ ରହିଛି। ଏପରିକି ଦାରୁ ସନ୍ଧାନ, ଚୟନ ଏବଂ ଛେଦନ ବେଳେ ସର୍ପ ଦୃଶ୍ୟମାନ ହେବାର ନଜିର ମଧ୍ୟ ରହିଛି। ତେବେ ମା' ମଙ୍ଗଳାଙ୍କ ଆଜ୍ଞାମାଳ ଦେଉଳିମଠକୁ ଯିବା ବେଳେ ମଠ ଅଭିମୁଖେ ଏକ ନାଗ ସାପ ଯିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସକାଳ ୮ଟା ବେଳେ ମା'ଙ୍କ ଆଜ୍ଞାମାଳ ସହ ଶୋଭାଯାତ୍ରା ଦେଉଳିମଠ ଅଭିମୁଖେ ଯାଇଥିଲା। ଏହି ସମୟରେ ପାର୍ଶ୍ୱସ୍ଥ ଏକ କ୍ଷେତରେ ଏକ ନାଗ ସାପ ଦେଉଳିମଠ ଅଭିମୁଖେ ଯାଉଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଏପରିକି କେତେକ ଲୋକ ସର୍ପକୁ ଦେଖି ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଆଜ୍ଞା ବହନ କରି ସର୍ପରାଜ ଦେଉଳି ମଠ ଅଭିମୁଖେ ଯାଉଥିବା ଆଲୋଚନା ହୋଇଥିଲା।


ମାଜଣା ଶୋଭାଯାତ୍ରାରେ ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଶ୍ରୀ ଚକ୍ରନାରାୟଣ।


ମା' ମଙ୍ଗଳାଙ୍କ ମାଜଣା ନିମନ୍ତେ ଦୁଇ ବାଳକ ଦଇତାପତି ଶଗଡ଼ରେ ଦେଉଳିମଠରୁ ମଙ୍ଗଳା ମନ୍ଦିରକୁ ଯାଉଛନ୍ତି।


ମାଜଣା ପଟୁଆରରେ ବାଡ଼ିଖେଳ।


ଆଜ୍ଞାମାଳ ବିଜେ ପଟୁଆରରେ ନୃତ୍ୟ ଓ ସଂକୀର୍ତ୍ତନ।


ମା' ମଙ୍ଗଳାଙ୍କ ମନ୍ଦିରରୁ ସେବକମାନେ ପଟୁଆରରେ ଦେଉଳିମଠକୁ ଆଜ୍ଞାମାଳ ବିଜେ କରୁଛନ୍ତି।


ମା'ମଙ୍ଗଳାଙ୍କ ବଡ଼ସିଂହାର ବେଶ।


ମଙ୍ଗଳାଙ୍କ ମନ୍ଦିର ଚୂଡ଼ାରେ ନୂତନ ନେତ ବନ୍ଧାଯାଇଛି।


ଦେଉଳିମଠରୁ ବାହାରିଥିବା ମାଜଣା ପଟୁଆରରେ ଯୁବ ବନଯାଗ ଯାତ୍ରୀମାନେ ବଡ଼ ଠାକୁରଙ୍କ ଆୟୁଧକୁ ଧରି ଯାଉଛନ୍ତି।


ମାଜଣା ଶୋଭାଯାତ୍ରାକୁ ସ୍ଥାନୀୟ ଗ୍ରାମବାସୀ ବନ୍ଦାପନା କରୁଛନ୍ତି।


ମା'ଙ୍କୁ ଲାଗି ହୋଇଥିବା ଚଢ଼େଇନେଦା ତାଡ଼।


ମାଜଣା ପଟୁଆର ଆଗରେ ଯାଉଛନ୍ତି ବିଶ୍ୱାବସୁ ବିନାୟକ ଦାସମହାପାତ୍ର ଓ ଅନ୍ୟମାନେ।


ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ଓ ଅନ୍ୟମାନେ ଦେଉଳିମଠରୁ ମଙ୍ଗଳା ମନ୍ଦିରକୁ ଯାଉଛନ୍ତି।


ଶୋଭାଯାତ୍ରାକୁ ସ୍ୱାଗତ ଜଣାଇ ଜଣେ ମହିଳା ରାସ୍ତାରେ ଫୁଲ ପକାଉଛନ୍ତି।

# ଶ୍ରୀସୁଦର୍ଶନଙ୍କ ଉପରେ ଖସିଲା ମା'ଙ୍କ ଫୁଲମାଳ

କାକଟପୁର, (ଡି.ଏନ.ଏ.)/ ପୁରୀ ଅଫିସ: ବନଯାଗ ଯାତ୍ରୀ ଶୋଭାଯାତ୍ରାରେ ଆସି ଶୁକ୍ରବାର ମଧ୍ୟାହ୍ନରେ ମଙ୍ଗଳା ମନ୍ଦିରରେ ପହଞ୍ଚିଥିଲେ। ଲେଙ୍କା ସେବକଙ୍କଠାରୁ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ନେଇ ପୂଜାପଣ୍ଡା ମା' ମଙ୍ଗଳାଙ୍କ ଆସ୍ଥାନର ବାମପାର୍ଶ୍ୱରେ ବିଜେ କରାଇଥିଲେ। ଏହାପରେ ମା' ଙ୍କ ମାଜଣା ନୀତି ସମ୍ପନ୍ନ ହୋଇଥିଲା। ଆଳତି ଚାଲିଥିବା ସମୟରେ ମା' ଧାରଣ କରିଥିବା ଦୁଇଟି ଗେଣ୍ଡୁମାଳ ଖସି ସୁଦର୍ଶନଙ୍କ ଉପରେ ପଡିଥିଲା। ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ମା' ଧାରଣ କରିଥିବା ଗେଣ୍ଡୁମାଳ ଖସିଲା, ଯାହାକି ଶୀଘ୍ର ଦାରୁ ସନ୍ଧାନ ମିଳିବାର ସୂଚନା। ଖସିଥିବା ଫୁଲମାଳକୁ ଦଇତା ସେବକମାନେ ନେଇଥିବା ମଙ୍ଗଳା ମନ୍ଦିର ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତ ଓ ତୁଷାର ରଞ୍ଜନ ଦୀକ୍ଷିତ କହିଛନ୍ତି।

**ଚଳିତ ବର୍ଷ ୨ଥର ହେଲା ସ୍ୱତନ୍ତ୍ର ମାଜଣା:** ମା' ମଙ୍ଗଳାଙ୍କ ପାରମ୍ପରିକ ମାଜଣା ପ୍ରତ୍ୟେକ ଦିନ ହୋଇଥାଏ। କିନ୍ତୁ ଚୈତ୍ରମାସ ପ୍ରଥମ ମଙ୍ଗଳବାର ସ୍ୱତନ୍ତ୍ର ମାଜଣା, ବଡସିଂହାର ବେଶ ଏବଂ ନୂତନ ନେତ ଲାଗି ହୋଇଥାଏ। ଆଶ୍ୱିନ ମାସ ମୂଳାଷ୍ଟମୀ ଦିନ ୧୦୮ କଳସ ସୁବାସିତ ଜଳରେ ମା'ଙ୍କ ମହାସ୍ନାନ ହୋଇଥାଏ। କିନ୍ତୁ ଶୁକ୍ରବାର ବନଯାଗ ଯାତ୍ରା ଲାଗି ମା'ଙ୍କ ସ୍ୱତନ୍ତ୍ର ମାଜଣା, ମହାସ୍ନାନ, ବଡସିଂହାର ଏବଂ ନୂତନ ନେତ ଲାଗି ନୀତି ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଏହି ନୀତି ହୋଇଛି ବୋଲି ମା' ମଙ୍ଗଳାଙ୍କ ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତ କହିଛନ୍ତି।

**ବନଯାଗୀଙ୍କୁ ସ୍ୱାଗତ:** କାକଟପୁରଠାରୁ ଦେଉଳି ମଠ ୩ କି.ମି. ରାସ୍ତା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଦେଉଳି ମଠରୁ ବାହାରି ଥିଲା ବନଯାଗ ଯାତ୍ରୀ ଓ ମଙ୍ଗଳା ସେବକଙ୍କ ଶୋଭାଯାତ୍ରା। ସେତେବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରାସ୍ତା ତାତି ଯାଇଥିଲା। ଏହି ସମୟରେ କେତେକ ବ୍ୟକ୍ତି ରାସ୍ତାକୁ ଥଣ୍ଡା କରିବା ଲାଗି ପାଣି ପକାଉଥିବା ଦୃଶ୍ୟଥିଲା ହୃଦୟ ସ୍ପର୍ଶୀ। ସେହିପରି କାକଟପୁର ମହାନ୍ତି ସାହି ଲୋକମାନେ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ, କଦଳୀ ଗଛ ରଖି ବନଯାଗୀଙ୍କୁ ସ୍ୱାଗତ କରିଥିଲେ। ଏପରିକି ମହିଳାମାନେ ରାସ୍ତା ପାର୍ଶ୍ୱରେ ରହି ପୁଷ୍ପ ବୃଷ୍ଟି କରିଥିଲେ।



**ମାଜଣା ବେଳେ ଦଇତାପତିଙ୍କୁ ଛଡ଼ାଗଲାନି:** ମାଜଣା ସମୟରେ ଦଇତାପତି ସେବକମାନଙ୍କୁ ମା'ଙ୍କ ନିକଟକୁ ଛଡା ଯାଇ ନ ଥିଲା। ଏହାକୁ ନେଇ ଦଇତାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ଦଇତାପତି ନିଯୋଗର ସଭାପତି ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି ଯେ, ମା'ଙ୍କ ସ୍ନାନ ପରେ ଗୋଟିଏ ଶାଢି ପିନ୍ଧିବା ପରେ ଦଇତାପତି ମାନେ ଗର୍ଭଗୃହରେ ରହିବେ ବୋଲି ବୈଠକ ସ୍ଥିର ହୋଇଥିଲା। କିନ୍ତୁ ମାଜଣା ନୀତି ସମ୍ପୂର୍ଣ୍ଣ ଭାବେ ସମ୍ପନ୍ନ ହେବା ପର୍ଯ୍ୟନ୍ତ ଆମକୁ ଛଡାଗଲା ନାହିଁ। ମାଜଣା ସମୟରେ ଦଇତାପତିମାନେ ଉପସ୍ଥିତ ରହିବାର ପରମ୍ପରା ରହିଛି। ଏହାଦ୍ୱାରା ଏକ ପ୍ରକାର ପରମ୍ପରା ଭଙ୍ଗ ହୋଇଛି। ଦଇତାପତିମାନଙ୍କୁ ଛଡା ନ ଯିବାରୁ ସମସ୍ତେ ଏଥିପାଇଁ ଅସନ୍ତୁଷ୍ଟ ବୋଲି ସେ କହିଛନ୍ତି। ମା' ମଙ୍ଗଳା ମନ୍ଦିର ପରିଚାଳକ ସୁମନ୍ତ ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ମାଜଣା ନୀତି ସମ୍ପର୍କରେ ମା' ମଙ୍ଗଳା ମନ୍ଦିର ସେବକ ସମିତି ସହିତ ଆଲୋଚନା କରିଥିଲେ। ସେ ସମୟରେ ସ୍ଥିର ହୋଇଥିଲା ଯେ, ମା' ବିବସ୍ତ୍ର ହୋଇ ସ୍ନାନ କରୁଥିବାରୁ ପୂଜାପଣ୍ଡାଙ୍କ ବ୍ୟତୀତ ଗର୍ଭଗୃହରେ ଆଉ କେହି ରହିପାରିବେ ନାହିଁ। ତେବେ ମା'ଙ୍କୁ ଗୋଟିଏ ଶାଢି ପିନ୍ଧାଯିବା ପରେ ବନଯାଗ ଯାତ୍ରୀଙ୍କୁ ଗର୍ଭଗୃହକୁ ଛଡାଯିବାକୁ ନିଷ୍ପତ୍ତି ହୋଇଥିଲା। ପୂଜାପଣ୍ଡା ୩ଟି ଶାଢି ପିନ୍ଧାଇବା ପରେ ବନଯାଗ ଯାତ୍ରୀଙ୍କୁ ମନ୍ଦିରକୁ ଛଡାଯିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଘଟଣାର ଆପୋସ ସମାଧାନ ହୋଇଛି।

**ଜଗମୋହନରେ ଭଜନ କୀର୍ତ୍ତନ:** ମା'ଙ୍କ ମାଜଣା ବେଳେ ଦଇତାପତିମାନଙ୍କୁ ଗର୍ଭଗୃହକୁ ଛଡାଯାଇ ନ ଥିଲା। ସେମାନେ ଜଗମୋହନରେ ବସି ଭଜନ କୀର୍ତ୍ତନ କରିଥିଲେ। ଶ୍ରୋତ୍ରିୟ ବ୍ରାହ୍ମଣମାନେ ଚଣ୍ଡୀପାଠ କରିଥିଲେ। ସେଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

**ବନ୍ଦ ରହିଛି ଆମିଷ ବିକ୍ରି:** ବନଯାଗ ଯାତ୍ରା ଲାଗି କାକଟପୁରରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ଏପରିକି କାକଟପୁର ବଜାରରେ ଗତ ୧ତାରିଖରୁ ଆମିଷ ବିକ୍ରି ବନ୍ଦ ରହିଥିବା ବେଳେ ବଜାରରେ ଥିବା ହୋଟେଲଗୁଡିକରେ ଆମିଷ ଖାଦ୍ୟ ବିକ୍ରି ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି।

**ରିପୋର୍ଟ: ସନ୍ତୋଷ ଦାସ ଏବଂ ପ୍ରଦୀପ କିଶୋର ସାହୁ**

## ସାପକୁ ନେଇ ଚର୍ଚ୍ଚା

ନବକଳେବର ବେଳେ ଦାରୁଙ୍କୁ ସର୍ପରାଜ ସୁରକ୍ଷା ଦିଅନ୍ତି ବୋଲି ବିଶ୍ୱାସ ରହିଛି। ଏପରିକି ଦାରୁ ସନ୍ଧାନ, ଚୟନ ଏବଂ ଛେଦନ ବେଳେ ସର୍ପ ଦୃଶ୍ୟମାନ ହେବାର ନଜିର ମଧ୍ୟ ରହିଛି। ତେବେ ମା' ମଙ୍ଗଳାଙ୍କ ଆଜ୍ଞାମାଳ ଦେଉଳିମଠକୁ ଯିବା ବେଳେ ମଠ ଅଭିମୁଖେ ଏକ ନାଗ ସାପ ଯିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସକାଳ ୮ଟା ବେଳେ ମା'ଙ୍କ ଆଜ୍ଞାମାଳ ସହ ଶୋଭାଯାତ୍ରା ଦେଉଳିମଠ ଅଭିମୁଖେ ଯାଇଥିଲା। ଏହି ସମୟରେ ପାର୍ଶ୍ୱସ୍ଥ ଏକ କ୍ଷେତରେ ଏକ ନାଗ ସାପ ଦେଉଳିମଠ ଅଭିମୁଖେ ଯାଉଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଏପରିକି କେତେକ ଲୋକ ସର୍ପକୁ ଦେଖି ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଆଜ୍ଞା ବହନ କରି ସର୍ପରାଜ ଦେଉଳି ମଠ ଅଭିମୁଖେ ଯାଉଥିବା ଆଲୋଚନା ହୋଇଥିଲା।



ମାଜଣା ଶୋଭାଯାତ୍ରାରେ ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଶ୍ରୀ ଚକ୍ରନାରାୟଣ।



ମା' ମଙ୍ଗଳାଙ୍କ ମାଜଣା ନିମନ୍ତେ ଦୁଇ ବାଳକ ଦଇତାପତି ଶଗଡ଼ରେ ଦେଉଳିମଠରୁ ମଙ୍ଗଳା ମନ୍ଦିରକୁ ଯାଉଛନ୍ତି।



ମାଜଣା ପଟୁଆରରେ ବାଡ଼ିଖେଳ।



ଆଜ୍ଞାମାଳ ବିଜେ ପଟୁଆରରେ ନୃତ୍ୟ ଓ ସଂକୀର୍ତ୍ତନ।



ମା' ମଙ୍ଗଳାଙ୍କ ମନ୍ଦିରରୁ ସେବକମାନେ ପଟୁଆରରେ ଦେଉଳିମଠକୁ ଆଜ୍ଞାମାଳ ବିଜେ କରୁଛନ୍ତି।



ମା'ମଙ୍ଗଳାଙ୍କ ବଡ଼ସିଂହାର ବେଶ।



ମଙ୍ଗଳାଙ୍କ ମନ୍ଦିର ଚୂଡ଼ାରେ ନୂତନ ନେତ ବନ୍ଧାଯାଇଛି।



ଦେଉଳିମଠରୁ ବାହାରିଥିବା ମାଜଣା ପଟୁଆରରେ ଯୁବ ବନଯାଗ ଯାତ୍ରୀମାନେ ବଡ଼ ଠାକୁରଙ୍କ ଆୟୁଧକୁ ଧରି ଯାଉଛନ୍ତି।



ମାଜଣା ଶୋଭାଯାତ୍ରାକୁ ସ୍ଥାନୀୟ ଗ୍ରାମବାସୀ ବନ୍ଦାପନା କରୁଛନ୍ତି।



ମା'ଙ୍କୁ ଲାଗି ହୋଇଥିବା ଚଢ଼େଇନେଦା ଡାଡ଼।



ମାଜଣା ପଟୁଆର ଆଗରେ ଯାଉଛନ୍ତି ବିଶ୍ୱାବସୁ ବିନାୟକ ଦାସମହାପାତ୍ର ଓ ଅନ୍ୟମାନେ।



ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ଓ ଅନ୍ୟମାନେ ଦେଉଳିମଠରୁ ମଙ୍ଗଳା ମନ୍ଦିରକୁ ଯାଉଛନ୍ତି।



ଶୋଭାଯାତ୍ରାକୁ ସ୍ୱାଗତ ଜଣାଇ ଜଣେ ମହିଳା ରାସ୍ତାରେ ଫୁଲ ପକାଉଛନ୍ତି।

# ଦାରୁ ଖୋଜା ଆରମ୍ଭ | ଦକ୍ଷିଣ-ପୂର୍ବ ଦିଗକୁ ରହିଛି ସଙ୍କେତ

ପୁରୀ ଅଫିସ/କାକଟପୁର(ଡି.ଏନ.ଏ.): ମହାପ୍ରଭୁଙ୍କର ହେବ ନବକଳେବର। ନୂଆ ରୂପ ନେବେ ଦାରୁ ଦିଅଁ। ଏଥି ଲାଗି ରବିବାରଠାରୁ ଆରମ୍ଭ ହୋଇଛି ଦାରୁ ଅନ୍ୱେଷଣ। ଦକ୍ଷିଣ-ପୂର୍ବ ଦିଗରେ ଦାରୁ ରହିଥିବା ନେଇ ସଙ୍କେତ ଦେଇଛନ୍ତି ମା' ମଙ୍ଗଳା। ଦଇତାପତିମାନେ ୬ଟି ଟିମ୍‌ରେ ବିଭକ୍ତ ହୋଇ ଦକ୍ଷିଣ-ପୂର୍ବ ଦିଗକୁ ଯାଇ ଦାରୁ ସନ୍ଧାନରେ ଲାଗିଛନ୍ତି। ଆଉ ଦାରୁର ଠିକଣା ଶୀଘ୍ର ପାଇବା ଲାଗି ମଙ୍ଗଳାଙ୍କ ପୀଠରେ ଚାଲିଛି ଚଣ୍ଡୀପାଠ। ତେବେ କେଉଁ ନିମ୍ବ ଗଛ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଉପଯୁକ୍ତ ହେବ ତାହା ଖୁବଶୀଘ୍ର ଚୟନ ହେବ ବୋଲି ବରିଷ୍ଠ ଦଇତାପତିମାନେ ଆଶାବ୍ୟକ୍ତ କରିଛନ୍ତି।

ନବକଳେବର - ୨୦୧୫
NABAKALEBARA - 2015

ରବିବାର ବନଯାଗ ଯାତ୍ରାର ଅଷ୍ଟମ ଦିବସ। ପ୍ରାତଃରୁ ବନଯାଗ ଯାତ୍ରାରେ ଯାଇଥିବା ଶ୍ରୋତ୍ରିୟ ବ୍ରାହ୍ମଣମାନେ ମା' ମଙ୍ଗଳାଙ୍କ ପୀଠରେ ପହଞ୍ଚି ଜଗମୋହନରେ ଚଣ୍ଡୀପାଠ କରିଥିଲେ। ମା'ଙ୍କ ପୀଠରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ରାଜଗୁରୁ ପ୍ରମୋଦ କୁମାର ରାଜଗୁରୁ କୁହନ୍ତି, ଚଣ୍ଡୀପାଠ କଲେ ମା' ତେଜିୟାନ ହୁଅନ୍ତି। ଶୀଘ୍ର ଦାରୁର ଠିକଣା ବତାଇ ଦିଅନ୍ତି ବୋଲି ବିଶ୍ୱାସ ରହିଛି। ଅପରପକ୍ଷରେ ଦଇତା ସେବକମାନେ ପ୍ରାତଃରୁ ୪ଟି ଟିମ୍‌ରେ ବିଭକ୍ତ ହୋଇ ୪ଟି ଗାଡିରେ ଦାରୁ ଅନ୍ୱେଷଣରେ ବାହାରିଥିବା ବେଳେ ଅପରାହ୍ନରେ ଆଉ ୨ଟି ଟିମ୍ ଦାରୁ ଅନ୍ୱେଷଣ ଲାଗି ଯାଇଥିଲେ। ପୁରୀ ଜିଲାର ଅସ୍ତରଙ୍ଗ, ଗୋପ, ଜଗତ୍‌ସିଂହପୁର, କଟକ ଜିଲାର ନିଆଳି, ମାହାଙ୍ଗା, ଯାଜପୁର, ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନକୁ ଦଇତାପତିମାନେ ଯାଇ ନିମ୍ବ ବୃକ୍ଷ ଦେଖି ସନ୍ଧ୍ୟାରେ ଶବରପଲ୍ଲୀକୁ ଫେରି ଆସିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ମହାଙ୍ଗା ବ୍ଲକ ଅନ୍ତର୍ଗତ ଉଷୁମା ପ୍ରଧାନ ସାହି ସିଦ୍ଧମଠ ପରିସରରେ ଥିବା ୨ଟି ନିମ୍ବ ବୃକ୍ଷକୁ ବନଯାଗୀମାନେ ଦେଖିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସେହିପରି ନିଆଳି ବ୍ଲକ ଅନ୍ତର୍ଗତ ଦେବୀକନ୍ଦର ଶିଳ୍ପାଞ୍ଚଳର ବଳସୁଧା ହନୁମାନ ମନ୍ଦିର ନିକଟରେ ଥିବା ଏକ ନିମ୍ବ ବୃକ୍ଷକୁ ମଧ୍ୟ ଦେଖିଥିବା ଜଣାପଡିଛି। ଦଇତାପତି ନିଯୋଗର ସଭାପତି ତଥା ଉପଦଳପତି ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି ଯେ, ମା' ମଙ୍ଗଳା ମାଜଣା ନୀତି ବେଳେ ମା' ଧାରଣ କରିଥିବା ଫୁଲମାଳ ଖସି ସୁଦର୍ଶନଙ୍କ ଉପରେ ପଡିଥିଲା। ଏଥିରୁ ଦକ୍ଷିଣ-ପୂର୍ବ ଦିଗର ଟିକେ ଉତ୍ତରକୁ ଦାରୁ ରହିଥିବା ସଙ୍କେତ ମିଳୁଛି। ଶ୍ରୀଜଗନ୍ନାଥଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିବା ବେଳେ ବଡଠାକୁରଙ୍କ ବାଡଗ୍ରାହୀ ତଥା ଦଳପତି ହଳଧର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଗଠନ ହୋଇଛି। ସେହିପରି ଉପଦଳପତି ଚନ୍ଦ୍ରଶେଖର ଦାସ ମହାପାତ୍ର ଏବଂ ଉପଦଳପତି ଦୁର୍ଗା ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଛି। ନିଯୋଗର ସଭାପତି ଓ ସମ୍ପାଦକଙ୍କୁ ନେଇ ଗୋଟିଏ ଟିମ୍ ରହିଛି। ଜୟକୃଷ୍ଣ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ହୋଇଥିବା ବେଳେ ଗୁଣଧର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ହୋଇଥିବା ସେ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଦଇତାପତି ସେବକମାନେ ବିଭିନ୍ନ ସ୍ଥାନ ବୁଲି ଦାରୁ ଦେଖିଛନ୍ତି। ମୋବାଇଲ ଏବଂ କ୍ୟାମେରା ମାଧ୍ୟମରେ ଦାରୁଙ୍କ ଫଟୋ ଉତ୍ତୋଳନ କରି ଆଣିଛନ୍ତି। ବିଶ୍ୱାବସୁ, ବିଦ୍ୟାପତି, ଦଳପତି, ଉପଦଳପତି, ଚାରି ବାଡଗ୍ରାହୀ, ନିଯୋଗର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ଦଇତା ସେବକମାନେ ଆସିଥିବା ଫଟୋ ଏବଂ ତଥ୍ୟକୁ ଦେଖି ଅନୁଧ୍ୟାନ କରିବେ। ସେଥିରୁ ଯେଉଁ ଦାରୁ ଉପଯୁକ୍ତ ମନେ ହେବ ତାହାକୁ ପୁନଃ ଅନୁଧ୍ୟାନ କରାଯିବ। ଦାରୁ ଅନ୍ୱେଷଣ ପ୍ରକ୍ରିୟା ଏଭଳି ସପ୍ତାହ ବ୍ୟାପୀ ଜାରି ରହିବ। ପ୍ରଥମେ ୪ଟି ଦାରୁ ଚୟନ କରାଯିବ। ସେଥି ମଧ୍ୟରୁ କେଉଁ ଠାକୁରଙ୍କ ପାଇଁ କେଉଁ ଦାରୁ ତାହା ନିର୍ଣ୍ଣୟ କରାଯିବ। ପ୍ରଥମେ ସୁଦର୍ଶନଙ୍କ ଦାରୁ ଘୋଷଣା ହେବ। ଏହାପରେ ପର୍ଯ୍ୟାୟ କ୍ରମେ ଅନ୍ୟ ୩ ଦାରୁ ସମ୍ପର୍କରେ ଜଣାଯିବ ବୋଲି ସେ କହିଛନ୍ତି।


କାକଟପୁର ମା' ମଙ୍ଗଳାଙ୍କ ପୀଠରେ ଶ୍ରୋତ୍ରିୟ ବ୍ରାହ୍ମଣମାନେ ଚଣ୍ଡୀପାଠ କରୁଛନ୍ତି।


ଚାରି ଦାରୁଙ୍କ ପାଇଁ ଆଜ୍ଞାମାଳ ପ୍ରସ୍ତୁତ ହୋଇ ରହିଛି।


ଦେଉଳିମଠରେ ଶ୍ରୀସୁଦର୍ଶନଙ୍କ ନିକଟରେ ବନଯାଗୀମାନେ ଭଜନ କୀର୍ତ୍ତନ କରୁଛନ୍ତି।


ଶବରପଲ୍ଲୀରେ ରବିବାର ଶ୍ରୀ ସୁଦର୍ଶନଙ୍କୁ ଛେନା ଭୋଗ ଲାଗି ହେଉଛି।


ଶବରପଲ୍ଲୀରେ ବନଯାଗଯାତ୍ରୀମାନେ ହବିଷାନ୍ନ ସେବନ କରୁଛନ୍ତି।


ରବିବାର ମଧ୍ୟାହ୍ନରେ ଦେଉଳିମଠରୁ ଦାରୁ ଅନ୍ୱେଷଣରେ ବାହାରିଥିବା ଯୁବ ଦଇତାପତି।


କାକଟପୁର ଦେଉଳିମଠ ଚଳଚଞ୍ଚଳ।

## ବନଯାଗ ଯାତ୍ରୀଙ୍କୁ ଦେଖିବାକୁ ଦେଉଳିମଠରେ ଜନସମାଗମ

କାକଟପୁର,(ଡି.ଏନ୍.ଏ.)– ନବକଳେବର ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣରେ ଶ୍ରୀକ୍ଷେତ୍ରରୁ ବନଯାଗ ଯାତ୍ରୀ କାକଟପୁର ଅଭିମୁଖେ ଆସି ଦେଉଳିମଠଠାରେ ଅବସ୍ଥାନ କରୁଛନ୍ତି। ସେମାନଙ୍କୁ ଦେଖିବା ଲାଗି ରବିବାର ଏଠାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ସେହିପରି ମା' ମଙ୍ଗଳାଙ୍କ ମନ୍ଦିରରେ ମଧ୍ୟ ଅନୁରୂପ ଭିଡ଼ ଲାଗିରହିଥିଲା। ଉଭୟ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କାକଟପୁର ଥାନା ଆଇଆଇସି ରବିନାରାୟଣ ଭଞ୍ଜ କହିଛନ୍ତି। ଆସନ୍ତା ୭ତାରିଖରେ ମା'ଙ୍କ ମନ୍ଦିରରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳକ ସୁମନ୍ତ ମହାନ୍ତି ସୂଚନା ଦେଇଛନ୍ତି।


ରବିବାର ଭୋରରୁ ଦାରୁ ଅନ୍ୱେଷଣରେ ଯାଇ ଫେରୁଛନ୍ତି ଦଇତାପତି ନିଯୋଗ ସମ୍ପାଦକ ଓ ସଭାପତି।


ଦେଉଳିମଠଠାରୁ ଦାରୁ ସନ୍ଧାନରେ ବାହାରିଥିବା ବିଶ୍ୱାବସୁ, ପତିମହାପାତ୍ର ଓ ଅନ୍ୟମାନେ ଦିଗ ନିର୍ଣ୍ଣୟ କରୁଛନ୍ତି।

# ଜଗତର କଲ୍ୟାଣ ପାଇଁ ଦାରୁ ଅନ୍ୱେଷଣ

ପୁରୀ ଅଫିସ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ କୁହାଯାଏ। ଦାରୁବ୍ରହ୍ମର ସାଧାରଣ ଅର୍ଥ ହେଲା 'ଦାରୁ ଏବ ବ୍ରହ୍ମ'। ଅର୍ଥାତ୍ ସିଏ ଦାରୁ, ସିଏ ହେଉଛନ୍ତି ବ୍ରହ୍ମ। ଏଠାରେ ମନେ ରଖିବାକୁ ହେବ, ପରମବ୍ରହ୍ମ ଦାରୁ ହୋଇନାହାନ୍ତି। ଏହାର ରହସ୍ୟ କ'ଣ ? ଏଥିରୁ ଆମେ ଜାଣିଲେ ବ୍ରହ୍ମ ଦାରୁ ହୋଇନାହାନ୍ତି। ଦାରୁ ହିଁ ବ୍ରହ୍ମ ହୋଇଛନ୍ତି। ଏ ହେଉଛି ଉପନିଷଦର ଗଭୀର କଥା। ପୁରାଣ ଶାସ୍ତ୍ରରେ ଏହି ଦାରୁବ୍ରହ୍ମଙ୍କର ମୁଖ୍ୟ ଆବଶ୍ୟକତା ଦୁଇଟି ବୋଲି ବର୍ଣ୍ଣନା ରହିଛି। 'ମହାପୁରୁଷ ବିଦ୍ୟା' ଗ୍ରନ୍ଥରେ ଏହି ଦୁଇଟିର ବର୍ଣ୍ଣନା କରାଯାଇଛି।

୧. ମଣିଷମାନଙ୍କର ସମସ୍ତ ଦୁଃଖ ନିବାରଣ କରିବା।

୨. ଅଖଣ୍ଡ ଆନନ୍ଦ ଦେବା।

ବାସ୍ତବରେ ଦୁଃଖୀ ମଣିଷଟିର ଦୁଃଖ ଦୂର ହେବା ପରେ ସେ ଆନନ୍ଦିତ ହୋଇଥାଏ। ମାତ୍ର ଅଖଣ୍ଡ ଆନନ୍ଦ ଶବ୍ଦର ରହସ୍ୟ ମଧ୍ୟ ରହିଛି। ଯେଉଁ ଆନନ୍ଦ ଖଣ୍ଡିତ ହୁଏ ନାହିଁ ତାହା ଅଖଣ୍ଡ ଆନନ୍ଦ। ମଣିଷଟିଏ ସ୍ୱଳ୍ପ ସମୟ ପାଇଁ ଆନନ୍ଦ ପାଏ। ସେ ଆନନ୍ଦ ନିରନ୍ତର ରହେନାହିଁ। ମହାପ୍ରଭୁ ଯେଉଁ ଆନନ୍ଦ ଦେବେ ତାହା ନିରନ୍ତର ରହିବ, ଖଣ୍ଡିତ ହେବନାହିଁ।

ବାସ୍ତବରେ ସଂସାରରେ ସୁଖ ଓ ଆନନ୍ଦରେ ତଫାତ ରହିଛି। ଜଣେ ପ୍ରାଚୁର୍ଯ୍ୟ ଭିତରେ ରହିପାରେ, ଅର୍ଥାତ୍ ସୁଖରେ ରହିପାରେ। କିନ୍ତୁ ମନରେ ଯଦି ଆନନ୍ଦ ନ ଥିବ ତେବେ ସୁଖ ଓ ପ୍ରାଚୁର୍ଯ୍ୟର ମୂଲ୍ୟ ରହେନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଃଖରେ ରହିଥିବା ମଣିଷର ଦୁଃଖ ନିବାରଣ କରି ସୁଖରେ ରହିଥିବା ମଣିଷକୁ ଆନନ୍ଦ ମଧ୍ୟ ଦେଇଥାନ୍ତି। ତା'ର କାରଣ କେବଳ ସେ ଦାରୁ ବିଗ୍ରହ ଧାରଣ କରିବାର ରହସ୍ୟ। ବାସ୍ତବରେ ଆମ ପରମ୍ପରାରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଦାରୁର ଆବଶ୍ୟକତା ଥାଏ। ଅନ୍ତୁଡିଶାଳରୁ ଜୁଇ ଜଳିବା ପର୍ଯ୍ୟନ୍ତ ଦାରୁ ଆମର ଆବଶ୍ୟକତା ହୋଇଥାଏ। ନୂତନ ଶରୀରକୁ ଗଢିବାରେ ତାର ଅବଦାନ ଯେତିକି ଜଗତର ଜନ୍ମ ମରଣ ଲୀଳାରେ ମର ଶରୀରକୁ ନଷ୍ଟ କରିବା ମଧ୍ୟ ସେତିକି। ଦାରୁ ବିଗ୍ରହ ମହାପ୍ରଭୁ ଧାରଣ କରିବାର ରହସ୍ୟ ପଛରେ ଅନେକ ଜଗତ ମଙ୍ଗଳ କାମନା ରହିଥିବାର ଜଣାପଡେ। ସେଥିପାଇଁ ନବକଳେବର ଲୀଳାରେ ନୂତନ ବିଗ୍ରହ ପାଇଁ ଦାରୁ ଚିହ୍ନଟ କରିବା ଓ ଦାରୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିଧି ଅନୁସୃତ ହେଉଛି। ଏଭଳି ବିଧି ଭାରତର କୌଣସି ମନ୍ଦିରରେ ଦେଖିବାକୁ ମିଳେନାହିଁ। ସ୍କନ୍ଦ ପୁରାଣରେ ରହିଛି 'ନ ଦାରୁ ପ୍ରତିମା ଚେଯଂ ସାକ୍ଷାଦ୍ ବ୍ରହ୍ମ ପ୍ରକାଶତେ', ଏହାର ଅର୍ଥ ମଧ୍ୟ ସ୍ପଷ୍ଟ ଭାବେ ଜଣାପଡେ। ମହାପ୍ରଭୁ କେବଳ ଦାରୁ ପ୍ରତିମା ନୁହନ୍ତି, ସେ ସାକ୍ଷାତ ବ୍ରହ୍ମ ବୋଲି ମହର୍ଷି ବ୍ୟାସଦେବ ମତବ୍ୟକ୍ତ କରିଛନ୍ତି। ସେ ଯଦି ସାକ୍ଷାତ ବ୍ରହ୍ମ, ତେବେ ତାଙ୍କର ଦେହ ରହସ୍ୟ କଣ ?

କାଳେ ଏ ଦେହକୁ କେବଳ ପ୍ରତିମା ବୋଲି ଲୋକ ଧାରଣା କରିବେ ସେଥିପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଜାପିତା ବ୍ରହ୍ମା ସ୍ପଷ୍ଟଭାବେ କହିଥିଲେ ଯେ, କେବେହେଲେ ଏହାଙ୍କୁ ଦାରୁପ୍ରତିମା ବୋଲି ମନେ କରିବ ନାହିଁ। ବାସ୍ତବରେ ବନଯାଗ ବିଧିରେ ମଣିଷ ରୂପ ଧାରଣ କରିଥିବା ସେବକମାନଙ୍କ ଦ୍ୱାରା ଦାରୁ ଚିହ୍ନଟ ହୋଇ ଆସି ମଣିଷ ରୂପୀ ବିଶ୍ୱକର୍ମାଙ୍କ ଦ୍ୱାରା ବିଗ୍ରହ ନିର୍ମାଣ ହେଲେ ମଧ୍ୟ ପ୍ରତିଷ୍ଠା ପରେ ଏହାଙ୍କୁ ସାଧାରଣ ପ୍ରତିମା ବୋଲି ଭବିବ ନାହିଁ। ପ୍ରକୃତରେ ମହାପ୍ରଭୁ ଚାରିବେଦ ଅନୁସାରେ ଦାରୁମୟ ବ୍ରହ୍ମ ଅଟନ୍ତି। ଶାସ୍ତ୍ର ପ୍ରମାଣ ଅନୁସାରେ ବ୍ରହ୍ମ ସର୍ବତ୍ର ବିରାଜମାନ କରିଛନ୍ତି। ପ୍ରକୃତରେ ବ୍ରହ୍ମର କୌଣସି ଶରୀର ନାହିଁ। ଯଦି ବ୍ରହ୍ମଙ୍କର କଳେବର ନାହିଁ, ତେବେ ନୂତନ କଳେବର ଧାରଣ କରୁଛନ୍ତି କିପରି। ଦେହହୀନ ବ୍ରହ୍ମଙ୍କର ଦେହ ଧାରଣ କେବଳ ପୁରୁଷୋତ୍ତମ କ୍ଷେତ୍ରରେ ଦେଖାଯାଏ। ଏହା ମାନବୀୟ ଲୀଳା ପାଇଁ ପରିପ୍ରକାଶ ହୋଇଛି। ତାହା ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ବୋଲି ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି। ତେଣୁ ମହାପ୍ରଭୁଙ୍କର ନବକଳେବର ଏକ ମାନବୀୟ ଲୀଳା। ଏହି ଲୀଳାର ପ୍ରଥମ ପାଦରେ ଏବେ ଆରମ୍ଭ ହୋଇଛି ପବିତ୍ର ପୁରୁଷୋତ୍ତମ ବୃକ୍ଷର ସନ୍ଧାନ। ଏହି ସନ୍ଧାନ ପାଇଁ ବଣରେ ଯାଗ ବା ଯଜ୍ଞ, ଜପ, ତପସ୍ୟା ଓ ତ୍ୟାଗ ଆଚରଣ କରିବାକୁ ହୋଇଥାଏ।


୧୯୯୬ ନବକଳେବରରେ ମା'ସୁଭଦ୍ରାଙ୍କ ଦାରୁ ଚିହ୍ନଟ ପରେ ଚକ୍ରନାରାୟଣ ବିଜେ କରିଛନ୍ତି।

# ସବୁ ନିମ୍ବ ବୃକ୍ଷ ଦାରୁ ନୁହନ୍ତି

**✿ ଶ୍ରୀଜଗନ୍ନାଥଙ୍କ ଦାରୁ କଳା ✿ ସୁଭଦ୍ରାଙ୍କ ଦାରୁ ଇଷତ୍ ହଳଦିଆ ✿ ଶ୍ରୀବଳଭଦ୍ରଙ୍କ ଦାରୁ ଧଳା ✿ ଶ୍ରୀସୁଦର୍ଶନଙ୍କ ଦାରୁ ଗୋଲାପୀ**

ପୁରୀ ଅଫିସ: ମହାପ୍ରଭୁଙ୍କ ଦାରୁ ନିମ୍ବ ବୃକ୍ଷରେ ତିଆରି ହୋଇଥାଏ। ହେଲେ ସବୁ ନିମ୍ବ ବୃକ୍ଷ ଦାରୁ ନୁହନ୍ତି। ସବୁ ନିମ୍ବ ବୃକ୍ଷକୁ ମଳୟ ସ୍ପର୍ଶ କରେ ନାହିଁ ବା ସବୁ ନିମ୍ବ ଚନ୍ଦନ ପାଲଟନ୍ତି ନାହିଁ। ନିର୍ଦ୍ଦିଷ୍ଟ ଲକ୍ଷଣ ଥିବା ବୃକ୍ଷକୁ ହିଁ ତୋରା ମଳୟ ସ୍ପର୍ଶ କରିଥାଏ। ମଳୟ ସ୍ପର୍ଶ ପରେ ଏହି ବୃକ୍ଷକୁ ମା' ମଙ୍ଗଳାଙ୍କ ନିର୍ଦ୍ଦେଶ ଅନୁଯାୟୀ ବନଯାଗ ଯାତ୍ରୀ–ଦଇତାପତିମାନେ ଚିହ୍ନଟ କରିଥାନ୍ତି। ପରମ୍ପରା କ୍ରମେ ଏହି ବୃକ୍ଷ ରହିଥିବା ସ୍ଥାନର ପାରିପାର୍ଶ୍ୱିକ ବାତାବରଣକୁ ମଧ୍ୟ ବିଧି ମୁତାବକ ଦେଖାଯାଏ ବୋଲି କୁହନ୍ତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର।

ମହାପ୍ରଭୁଙ୍କ ବନଯାଗ ଲୀଳାରେ ବନଯାଗ ଯାତ୍ରୀ କାକଟପୁରର ଶବରପଲ୍ଲୀରେ ପହଞ୍ଚିବା ପରେ ମା' ମଙ୍ଗଳାଙ୍କୁ ଚିଟାଉ ମାଧ୍ୟମରେ ଖବର ଦିଆଯାଏ। ମା' ହେଉଛନ୍ତି ଯୋଗମାୟା। ଜଗତର ଜନମମରଣ ଲୀଳା ସହିତ ସେ ଜଡ଼ିତ। ସେଠାରେ ମା'ଙ୍କ ନିକଟରେ ଦଇତାପତି ସମର୍ପିତ ହୋଇ ପର ଦିବସଠାରୁ ଫେରି ଆସନ୍ତି ଶବରପଲ୍ଲୀକୁ। ତା'ପରଦିନଠାରୁ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ମା'ଙ୍କ ନିକଟରେ ଚଣ୍ଡୀପାଠ କରୁଥିବାବେଳେ ଦଇତାପତିମାନେ ଶବରପଲ୍ଲୀରେ ସ୍ୱପ୍ନାବତୀ ମନ୍ତ୍ର ଜପ କରିବା ସହିତ ଧ୍ୟାନ ଓ ନିଷ୍ଠାରେ ରହିଥାନ୍ତି। ଚଳିତ ବର୍ଷ ମାଜଣାର ପରଦିନ ଚନ୍ଦ୍ରଗ୍ରହଣ ପଡିବାରୁ ରାତ୍ର ୯ଟା ପରେ ଜପତପ କାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କ ଆଦେଶ ମିଳିବା ପରେ ଦଇତାପତିମାନେ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଦିଗକୁ ଦାରୁ ଅନ୍ୱେଷଣରେ ଯାଇଛନ୍ତି। ପ୍ରକାଶଥାଉ କି, ଚତୁର୍ଦ୍ଧାମୂରତିଙ୍କ ପାଇଁ ୪ଟି ଦାରୁ ଚିହ୍ନଟ କରିବାକୁ ହୋଇଥାଏ। ୪ ଦାରୁଙ୍କ ର ସାମଗ୍ରିକ ଭାବେ ଦଶଟି ଲକ୍ଷଣ ରହିଥାଏ। ଏହା ବ୍ୟତୀତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରାଙ୍କ ଦାରୁରେ ସ୍ୱତନ୍ତ୍ର ଲକ୍ଷଣ ରହିଥାଏ।





୧୯୯୬ ମସିହା ନବକଳେବରରେ ମହାପ୍ରଭୁଙ୍କ ଦାରୁରେ ଚକ୍ର ଓ ଶଙ୍ଖ ଚିହ୍ନ।



୧୯୬୯ ନବକଳେବରରେ ବଡ଼ଠାକୁରଙ୍କ ଦାରୁରେ ଗଦା ଚିହ୍ନ। (ଫଟୋ: ସ୍ୱର୍ଗତ ଆଶୁତୋଷ ସିହ୍ନା)

**ଶ୍ରୀଜଗନ୍ନାଥଙ୍କ ଦାରୁର ଲକ୍ଷଣ:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁର ରଙ୍ଗ କଳା ଓ ଗାଢ଼ ନାଲି ହୋଇଥିବ। ଦାରୁ ବୃକ୍ଷର ମାଟିଠାରୁ ଉଚ୍ଚତା ସିଧାଭାବେ ସାତ ହାତରୁ ବାର ହାତ ହୋଇଥିବ। ବୃକ୍ଷର ଶାଖା ସଂଖ୍ୟା ଚାରୋଟିରୁ କମ୍ ନ ଥିବ। ଦାରୁ ନିକଟରେ ପୋଖରୀ ବା ନଦୀଟିଏ ଥିବ। ନିକଟରେ ୩ଟି ରାସ୍ତାର ମିଳନସ୍ଥଳ ଥିବ କିମ୍ବା ତିନୋଟି ପାହାଡ ବା ମୁଣ୍ଡିଆ ଥିବ। ଦାରୁର ପାଖାପାଖି ଅଞ୍ଚଳରେ ଶ୍ମଶାନଟିଏ ରହିଥିବ। ବୃକ୍ଷର ଅନତି ଦୂରରେ ପୂଜାପାଉଥିବେ ସଦାଶିବ। ବୃକ୍ଷଟି କୌଣସି ପକ୍ଷୀଙ୍କ ଆଶ୍ରୟସ୍ଥଳ ହୋଇ ନ ଥିବ କିମ୍ବା ଝଡ଼ବର୍ଷା, ବାତ୍ୟାରେ ବୃକ୍ଷ କ୍ଷତିଗ୍ରସ୍ତ ହୋଇ ନ ଥିବ। ନିକଟରେ ଉଇ ହୁଙ୍କା ଓ ନାଗସାପର ଉପସ୍ଥିତି ଏକାନ୍ତ ଜରୁରୀ। ସର୍ବୋପରି ମହାପ୍ରଭୁଙ୍କ ଦାରୁରେ ଶଙ୍ଖ ଚକ୍ରର ଚିହ୍ନ ନିଶ୍ଚିତ ଭାବେ ରହିଥିବ।

**ଶ୍ରୀବଳଭଦ୍ରଙ୍କ ଦାରୁର ଲକ୍ଷଣ:** ଶ୍ରୀବଳଭଦ୍ରଙ୍କ ଦାରୁ ନିମନ୍ତେ ଚିହ୍ନଟ ହେଉଥିବା ବୃକ୍ଷ ବଲ୍କଳର ରଙ୍ଗ ଈଷତ୍ ଧଳା ହୋଇଥିବ। ଶ୍ରୀବଳଭଦ୍ର ଅନନ୍ତ ଚେତନା ସହିତ ଜଡିତ ରହିଥିବାରୁ ତାଙ୍କ ଦାରୁବୃକ୍ଷରେ ସାତଗୋଟି ଶାଖା ରହିଥିବ। ବୃକ୍ଷରୁ ଶାଖାଗୁଡିକ ଉଚ୍ଚନିଚ ଭାବେ ସଜ୍ଜିତ ହୋଇ ରହିଥିବା ଯୋଗୁ ଦୂରରୁ ସେହି ବୃକ୍ଷକୁ ଦେଖିଲେ ତାହା ସର୍ପ ସଦୃଶ ଦୃଶ୍ୟମାନ ହେଉଥିବ। ବୃକ୍ଷ ନିକଟରେ ସାହାଡା ଓ ବେଲ ଗଛ ରହିଥିବ। ବଡଠାକୁରଙ୍କ ଦାରୁ ବୃକ୍ଷରେ ତାଙ୍କ ହଳ ମୂଷଳର ଚିହ୍ନ ଥିବ।

**ମା' ସୁଭଦ୍ରାଙ୍କ ଦାରୁର ଲକ୍ଷଣ:** ମା' ସୁଭଦ୍ରାଙ୍କ ଦାରୁ ବୃକ୍ଷର ବଲ୍କଳ ରଙ୍ଗ ଈଷତ୍ ହଳଦିଆ ହୋଇଥିବ। ଦାର୍ଶନିକ ଦୃଷ୍ଟିକୋଣରୁ ଶ୍ରୀଚତୁର୍ଦ୍ଧା ବିଗ୍ରହଙ୍କ ମଧ୍ୟରେ ମା ସୁଭଦ୍ରା ହେଉଛନ୍ତି ଇଚ୍ଛାଶକ୍ତିର ପ୍ରତୀକ। ତେଣୁ ତାଙ୍କ ପାଖରେ ମୋଟାମୋଟି ପାଞ୍ଚଗୋଟି ଗୁଣର ମିଳନ ହୋଇଥାଏ। ତାଙ୍କ ବୃକ୍ଷରେ ମୁଖ୍ୟ ୫ଟି ଶାଖା ରହିଥିବ। ତାଙ୍କ ଦାରୁରେ କେତେକ ସ୍ଥଳରେ ପଦ୍ମଫୁଲର ଚିହ୍ନ ରହିଥାଏ। ମା' ସୁଭଦ୍ରା ସୃଷ୍ଟି ସହିତ ଜଡିତ ରହିଥିବାରୁ ଦାରୁରେ ମଧ୍ୟ ନାରୀ ଗୁପ୍ତାଙ୍ଗର ଚିହ୍ନ ରହିଥାଏ।

**ଶ୍ରୀ ସୁଦର୍ଶନଙ୍କ ଦାରୁର ଲକ୍ଷଣ:** ଚକ୍ରରାଜ ଶ୍ରୀସୁଦର୍ଶନ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆୟୁଧ। ତେଣୁ ତାଙ୍କ ବୃକ୍ଷ ନାରଙ୍ଗି ବା ଗୋଲାପୀ ରଙ୍ଗର ଦୃଶ୍ୟମାନ ହୋଇଥାଏ। ଶ୍ରୀସୁଦର୍ଶନ କାର୍ଯ୍ୟ ଶକ୍ତିର ପ୍ରତୀକ। ତେଣୁ ତାଙ୍କ ବୃକ୍ଷରେ ତିନୋଟି ଶାଖା ରହିଥିବ। ବୃକ୍ଷର ମୁଖ୍ୟ ଲକ୍ଷଣ ମଧ୍ୟରେ ଚକ୍ରଚିହ୍ନ ଅନ୍ୟତମ ଅଟେ।

ଏହି ଲକ୍ଷଣଗୁଡିକ ସାମଗ୍ରିକ ଭାବେ ନ ମିଳିଲେ ମଧ୍ୟ ଅଧିକାଂଶ ଲକ୍ଷଣ ଯେଉଁ ବୃକ୍ଷରେ ମିଳୁଥିବ ତାହାକୁ ଦଇତାପତିମାନେ ପରମ୍ପରାକ୍ରମେ ମନୋନୀତ କରିଥାନ୍ତି ବୋଲି ଡ. ମିଶ୍ର କୁହନ୍ତି। କ୍ରମ ଅନୁଯାୟୀ ପ୍ରଥମେ ଶ୍ରୀସୁଦର୍ଶନଙ୍କ ଦାରୁ ଠାବ ହେବାପରେ ଶ୍ରୀବଳଭଦ୍ର, ମା' ସୁଭଦ୍ରାଙ୍କ ଦାରୁ ଚିହ୍ନଟ ହୋଇଥାଏ। ପରିଶେଷରେ ମହାପ୍ରଭୁ ଲୀଳାମୟଙ୍କ ଦାରୁବୃକ୍ଷ ଚିହ୍ନଟ ହୋଇଥାଏ।

ଦାରୁ ଅନ୍ୱେଷଣ

# ଖୋର୍ଦ୍ଧାରେ ୭ଜଣିଆ ବନଯାଗୀ ଦଳ

## ୩ ସ୍ଥାନରୁ ଭିଡିଓ, ଫଟୋ ଉତ୍ତୋଳନ କରି ଫେରିଲେ

ଖୋର୍ଦ୍ଧା ଅଫିସ/ ବେଗୁନିଆ/ ଜଟଣୀ, (ଡି.ଏନ୍.ଏ.)– ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ପାଇଁ ଦାରୁ ଅନ୍ୱେଷଣରେ କାକଟପୁର ଦେଉଳିମଠରୁ ରବିବାରଠାରୁ ବାହାରିଥିବା ବନଯାଗୀ ଦଳ ସୋମବାର ଖୋର୍ଦ୍ଧା ଜିଲ୍ଲାର ୩ଟି ସ୍ଥାନକୁ ଗସ୍ତରେ ଆସିଥିଲେ। ୭ଜଣିଆ ବନଯାଗୀ ଦଳରେ ୭ଜଣ ଦଇତାପତି ସେବକ ରହିଛନ୍ତି। ଶିବ ଦାସମହାପାତ୍ରଙ୍କ ନେତୃତ୍ୱରେ ଯୋଗେନ୍ଦ୍ର ଦାସମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର, ଜିତେନ୍ଦ୍ର ଦାସମହାପାତ୍ର, ଦେବାଶିଷ ଦାସମହାପାତ୍ର, ସୌମ୍ୟରଞ୍ଜନ ଦାସମହାପାତ୍ର ପ୍ରମୁଖ ପ୍ରଥମେ ଜଟଣୀ ବ୍ଲକ୍ ଅଙ୍ଗାରପଡା ପଞ୍ଚାୟତର ମହୁଲ ଗାଁ, ବେଗୁନିଆ ବ୍ଲକ ଗଡମାଣତୀର ପଞ୍ଚାୟତର ଛିଆମ ଗାଁ ଓ ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ମାଧପୁର ଗାଁରେ ପହଞ୍ଚି ସ୍ଥାନୀୟ ଅଞ୍ଚଳରେ ଦାରୁ ଅନ୍ୱେଷଣ କରିଛନ୍ତି। ମହୁଲ ଓ ମାଧପୁର ଅଞ୍ଚଳରେ ଥିବା ନିମ୍ବଗଛ ସ୍ଥାନଟି ସରକାରୀ ହୋଇଥିବା ବେଳେ ଛିଆମ ସ୍ଥାନଟି ଘରୋଇ ବୋଲି ଜଣାପଡ଼ିଛି। ତେବେ ପ୍ରତିଟି ସ୍ଥାନରେ ଦାରୁର ଚିହ୍ନ, ବର୍ଣ୍ଣ, ଲକ୍ଷଣ ଚକିନିଖି ପରଖିବା ସହ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି। ଦାରୁର ଫଟୋ ଓ ଭିଡିଓ ଚିତ୍ର ଉତ୍ତୋଳନ କରିଛନ୍ତି। ଏହି ଦଳ ପ୍ରଥମେ ମହୁଲ ଗାଁରେ ଅପରାହ୍ଣ ୪.୪୮ରୁ ୪.୫୪ ପର୍ଯ୍ୟନ୍ତ ରହିଥିଲେ। ପୋଖରୀ, ଶ୍ମଶାନ, ମନ୍ଦିର, ମଠ କେଉଁଠି ଅଛି ପଚାରି ବୁଝିଥିଲେ। ତେବେ ଉକ୍ତ ସ୍ଥାନକୁ ଯାଇ ନ ଥିଲେ। ଦାରୁର ସମସ୍ତ ଲକ୍ଷଣରୁ ଅଧିକାଂଶ ଲକ୍ଷଣ ରହିଥିବା କହିଥିଲେ। ପରେ ଏହି ଦଳ ଛିଆମ ଗାଁରେ ଅପରାହ୍ଣ ୫.୨୯ରୁ ୫.୪୩ ପର୍ଯ୍ୟନ୍ତ ରହିଥିଲେ। ନିକଟରେ ମନ୍ଦିର ଓ ନଈ କେଉଁଠି ଅଛି ପଚାରିଥିଲେ। ପରେ ମା ବଘେଇ ମନ୍ଦିର, ସ୍ଥାନୀୟ ନଈ ଓ ଶ୍ମଶାନ ବି ବୁଲି ଦେଖିଥିଲେ। ୧୦ ଫୁଟର ଦାରୁ ହୋଇଥିବା କଥାବାର୍ତ୍ତା ହେବା ସହ ସମସ୍ତ ଲକ୍ଷଣ ରହିଥିବା ଆଲୋଚନା କରିଥିଲେ। ଓଠାରେ ପୂଜାର୍ଚ୍ଚନା ଚାଲୁ ରହିଥିବା ଜାଣିବା ପରେ ଏହାକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଏହି ଦଳ ମାଧପୁର ଗାଁରେ ସନ୍ଧ୍ୟା ୬.୧୦ରୁ ୪ମିନିଟ୍ ପାଇଁ ରହିଥିଲେ। ଦାରୁର ଲକ୍ଷଣ ସମ୍ପର୍କରେ କେବଳ ନିଜେ ବୁଲି ଦେଖିଥିଲେ। ଏ ସମ୍ପର୍କରେ ଶିବ ଦାସମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ମହାପ୍ରଭୁଙ୍କର ନବକଳେବର ଉଦ୍ଦେଶ୍ୟରେ ଦାରୁ ଅନ୍ୱେଷଣ ଚାଲିଛି। ଆଜ୍ଞାମାଳ ଛିଣ୍ଡିବା ପରେ ମା' ମଙ୍ଗଳାଙ୍କ ଆଦେଶ ମୁତାବକ ଦିଗର ସଙ୍କେତ ଅନୁଯାୟୀ ଦାରୁର ଚିହ୍ନ, ବର୍ଣ୍ଣ, ଲକ୍ଷଣ ଖୋଜା ଚାଲିଛି। ଏହି ପ୍ରକ୍ରିୟା ୫ରୁ ୬ଦିନ ଧରି ଚାଲୁ ରହିବ। ରାତି ୯ଟା ଏପରି କି ୧୦ଟା ପର୍ଯ୍ୟନ୍ତ ଦାରୁ ଅନ୍ୱେଷଣ କାର୍ଯ୍ୟ ଚାଲୁ ରହିଛି।



ମହୁଲ ଗାଁରେ ଦାରୁର ଚିହ୍ନ, ବର୍ଣ୍ଣ, ଲକ୍ଷଣ ଦେଖୁଛନ୍ତି ବନଯାଗୀମାନେ।

## ଦାରୁଠେଙ୍ଗ: ସମ୍ଭାବ୍ୟ ଦାରୁ ନିକଟରେ ଗ୍ରାମବାସୀଙ୍କ ପୂଜାର୍ଚ୍ଚନା

ଚନ୍ଦ୍ରଶେଖରପୁର,(ଡି.ଏନ୍.ଏ.)– ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମରେ ଏକ ନିମ୍ବ ବୃକ୍ଷରେ ଦାରୁର ଲକ୍ଷଣ ଦେଖିବାକୁ ମିଳିଛି। ଦାରୁ ଅନ୍ୱେଷଣ ନିମନ୍ତେ ବାହାରିଥିବା ବନଯାଗ ଯାତ୍ରୀଙ୍କ ଏକ ଦଳ ସୋମବାର ସନ୍ଧ୍ୟାରେ ଦାରୁଠେଙ୍ଗରେ ପହଞ୍ଚି ଉକ୍ତ ନିମ୍ବ ବୃକ୍ଷକୁ ପରଖିଛନ୍ତି। ଏହାପରେ ସେମାନେ ବୃକ୍ଷର ଫଟୋ ଉଠାଇ ନେଇଛନ୍ତି। ଉକ୍ତ ବୃକ୍ଷଟି ଦାରୁ ହେବାର ସମ୍ଭାବନା ଥିବାରୁ ଗ୍ରାମବାସୀ ଭାବବିହ୍ୱଳ ହୋଇ ସୋମବାର ରାତିରୁ ସେଠାରେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି।



ସମ୍ଭାବ୍ୟ ଦାରୁ ନିକଟରେ ପୂଜାର୍ଚ୍ଚନା।

ନବକଳେବର ନିମନ୍ତେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣର ସୋମବାର ଦ୍ୱିତୀୟ ଦିନରେ ବନଯାଗ ଯାତ୍ରୀଙ୍କ ଏକ ଦଳ ପୂର୍ବରୁ ମହାପ୍ରଭୁଙ୍କ ଦାରୁ ଯାଇଥିବା ଦାରୁଠେଙ୍ଗ ଗ୍ରାମରେ ସନ୍ଧ୍ୟା ୬ଟାରେ ପହଞ୍ଚିଥିଲେ। ଏହି ଦଳରେ ଦଳପତି ହଳଧର ଦାସ ମହାପାତ୍ରଙ୍କ ସହ କାର୍ତ୍ତିକ ଦାସ ମହାପାତ୍ର, ଟୁଟୁ ଦାସମହାପାତ୍ର, ଜଗଦୀଶ ଦାସ ମହାପାତ୍ର, ସ୍ମୃତି ରଞ୍ଜନ ଦାସ ମହାପାତ୍ର ପ୍ରମୁଖ ରହିଥିଲେ। ଏଠାକୁ ଆସିବା ସମ୍ପର୍କରେ ବନଯାଗ ଯାତ୍ରୀଙ୍କ ପକ୍ଷରୁ ଅପରାହ୍ଣ ୩ଟାରେ ଦାରୁଠେଙ୍ଗ ଗ୍ରାମର ସଭାପତି ପର୍ଶୁରାମ ରାଉତରାୟଙ୍କୁ ସୂଚନା ଦିଆଯାଇଥିଲା। ବନଯାଗ ଯାତ୍ରୀମାନେ ଗ୍ରାମରେ ପହଞ୍ଚିବା ପରେ ଗାଁ ନିକଟରେ ଥିବା ଏକ ନିମ୍ବ ଗଛ ନିକଟକୁ ଯାଇଥିଲେ। ତାଙ୍କ ସହ ସଭାପତି ରାଉତରାୟ ରହିଥିଲେ। ରାଉତରାୟଙ୍କ କହିବା ଅନୁଯାୟୀ, ଉକ୍ତ ବୃକ୍ଷଟି ବହୁତ ପୁରୁଣା। ବୃକ୍ଷଟି ଦକ୍ଷିଣପୂର୍ବ କୋଣରେ ଅବସ୍ଥିତ। ଏହାର ଗୋଲେଇ ୧୨ ଫୁଟ। ଏଥିରେ ଶଙ୍ଖ, ଚକ୍ର, ଗଦା ଚିହ୍ନ ରହିଥିବା ଦେଖାଯାଇଛି। ବୃକ୍ଷର ଚାରିପଟେ ବରୁଣ ଗଛ, ବେଲ ଗଛ, ସାହାଡା ଗଛ, ୩ଟି ହୁଙ୍କା ରହିଛି। ଏହାର ପଶ୍ଚିମ ପଟେ ଶ୍ମଶାନ, ଦକ୍ଷିଣରେ ଝରଣା, ପୂର୍ବରେ ପୁଷ୍କରିଣୀ, ଉତ୍ତରରେ ମହିମା ଆଶ୍ରମ, ଶିବ ମନ୍ଦିର ଏବଂ ମା ଶିଖରଚଣ୍ଡୀ ମନ୍ଦିର ଅବସ୍ଥିତ। ଏହା ନିକଟରେ ଏକ ଭାଗବତ ଟୁଙ୍ଗି ଥିଲା ଯାହା ଏବେ ଭାଙ୍ଗିଯାଇଛି। କିମ୍ବଦନ୍ତୀରୁ ଜଣାଯାଏ ଯେ, ଉକ୍ତ ଗ୍ରାମରୁ ପ୍ରାୟ ଆଠଶହ ବର୍ଷ ତଳେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦାରୁ ସଂଗ୍ରହ ହୋଇଥିଲା। ଏଣୁ ତତ୍କାଳୀନ ପୁରୀ ରାଜା ଉକ୍ତ ଗ୍ରାମକୁ ଦାରୁଠେଙ୍ଗ ନାମରେ ନାମକରଣ କରିଥିଲେ।



ଦେଉଳିମଠ ଶବରପଲ୍ଲିରେ ଚକ୍ରନାରାୟଣଙ୍କ ଆରାଧନା।



ଦାରୁ ଅନ୍ୱେଷଣରୁ ଫେରି କ୍ଳାନ୍ତ ସୁବ ଦଇତାପତିଙ୍କ ସେବା କରୁଛନ୍ତି ଶ୍ରଦ୍ଧାଳୁ।



ଦାରୁ ଅନ୍ୱେଷଣରେ ଯିବା ପୂର୍ବରୁ ବନଯାଗୀଙ୍କୁ ଜଳଖିଆ ଦିଆଯାଉଛି।

**ଅଭୁଲା କଥା**

## ସେବା କରିବା ଲାଗି ସ୍ୱୟଂ ମହାପ୍ରଭୁ କହିଛନ୍ତି



ପ୍ରମୋଦ କୁମାର ରାଜଗୁରୁ

ପୁରୀ ଅଫିସ: ୨୦୧୪ ମସିହା। ଦଶହରା ପୂର୍ବରୁ ମୋ ଦେହ ଭୀଷଣ ଅସୁସ୍ଥ ହୋଇଥାଏ। ବଞ୍ଚିବାର ଆଶା ନ ଥାଏ। ମେଡିକାଲରେ ଭର୍ତ୍ତି ହୋଇଥାଏ। ଦିନେ ମେଡିକାଲ ବେଡ୍‌ରେ ଶୋଇଥାଏ। ହଠାତ୍ ମୋ ସମ୍ମୁଖରେ ଜଣେ ଦିବ୍ୟ ପୁରୁଷ ଆସି ଛିଡାହେଲେ। କହିଲେ ମୋ କଳେବର କରିବୁନି। ତା'ପରେ ଚେତା ଆସିଲା, ଦେଖିଲା ବେଳକୁ ସେ ଅଦୃଶ୍ୟ ହୋଇଗଲେ। ଏହାପରେ ଦେହ ସୁସ୍ଥ ହେଲା। ଘରକୁ ଆସିଲି। ଗଜପତିଙ୍କ ନିର୍ଦ୍ଦେଶକ୍ରମେ ଜଗନ୍ନାଥଙ୍କ କୃପାରେ ନବକଳେବରରେ ମହାପ୍ରଭୁଙ୍କ ସେବାରେ ସାମିଲ ହୋଇଛି। ଯଜ୍ଞରେ ବ୍ରହ୍ମା ରୂପେ କାର୍ଯ୍ୟ କରିବାର ସୁଯୋଗ ମିଳିଛି। ଏହି କଥା କେବେ ବି ଭୁଲି ହେବନି ବୋଲି କହିଛନ୍ତି ବନଯାଗରେ ସାମିଲ ହୋଇଥିବା ରାଜଗୁରୁ ପ୍ରମୋଦ କୁମାର ରାଜଗୁରୁ। ସେ ଆହୁରି କହିଛନ୍ତି ଯେ, ୧୯୯୬ ନବକଳେବରରେ ବ୍ରହ୍ମା ରୂପେ ବରଣ ହୋଇ କାର୍ଯ୍ୟ ସମ୍ପାଦନ କରିଥିଲି। ସେତେବେଳେ ମନରେ ଟିକେ ଭୟ ରହୁଥାଏ। ରାତିରେ ଦିନେ ଶୋଇଥାଏ। ସ୍ୱୟଂ ମହାପ୍ରଭୁ ଆସି ମୁଣ୍ଡ ଉପରେ ଠିଆ ହୋଇ କହିଲେ କାହିଁକି ଡରୁଛୁ। ମୋ କାର୍ଯ୍ୟ ତୁ କର, ତୋର କିଛି ଅସୁବିଧା ହେବନି। ମହାପ୍ରଭୁଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଥିଲି। ସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ନବକଳେବରରେ ବ୍ରହ୍ମାଙ୍କ ଭୂମିକା କ'ଣ ବୋଲି ପ୍ରଶ୍ନରେ ରାଜଗୁରୁ କହିଥିଲେ ଯେ, ଯଜ୍ଞରେ ବ୍ରହ୍ମା ହେଉଛନ୍ତି ମୁଖ୍ୟ। ସେ ସବୁ କିଛି ତଦାରଖ କରନ୍ତି। ତାଙ୍କରି ପରିଚାଳନାରେ ସବୁ କିଛି ପରିଚାଳିତ ହୁଏ।

## ବାଲିଅନ୍ତାର ଗଣ୍ଡିଲୋରେ ବି ଖୋଜାଗଲା

ବାଲିଅନ୍ତା,(ଡି.ଏନ୍.ଏ.)– ନବକଳେବର ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣରେ ବାହାରିଥିବା ବନଯାଗ ଯାତ୍ରୀଙ୍କ ଗୋଟିଏ ଦଳ ସୋମବାର ବାଲିଅନ୍ତା ଆସିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ପହଞ୍ଚି ଦଳର ୧୫ଜଣ ସଦସ୍ୟ ସ୍ଥାନୀୟ କାକରୁଦ୍ରପୁର ପଞ୍ଚାୟତ ଗଣ୍ଡିଲୋ ଗ୍ରାମର ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ଥିବା ଏକ ନିମ୍ବ ବୃକ୍ଷକୁ ଦେଖିଥିଲେ। ଉକ୍ତ ନିମ୍ବ ବୃକ୍ଷ ସମ୍ପର୍କରେ ଗ୍ରାମର ନରେନ୍ଦ୍ର ଭୋଇ ଓ ସୁକାନ୍ତ ଭୋଇଙ୍କଠାରୁ ପଚାରି ବୁଝିଥିଲେ। ସଦସ୍ୟମାନେ ବୃକ୍ଷ ଚତୁଃପାର୍ଶ୍ୱରେ ପରିକ୍ରମା କରି ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ। ପରେ ସେମାନେ କାକଟପୁର ଦେଉଳିମଠ ଅଭିମୁଖେ ଯାତ୍ରା କରିଥିଲେ। ସୂଚନାଯୋଗ୍ୟ, ଗଣ୍ଡିଲୋ ଗ୍ରାମର ଉକ୍ତ ନିମ୍ବ ବୃକ୍ଷକୁ ସ୍ଥାନୀୟ ଲୋକେ ଦୀର୍ଘ ବର୍ଷ ଧରି ପୂଜା କରି ଆସୁଛନ୍ତି। ଗ୍ରାମକୁ ଦାରୁ ଅନ୍ୱେଷଣକାରୀ ଦଳ ଆସିଥିବା ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ବନଯାଗୀଙ୍କ ପଥପ୍ରଦର୍ଶକ ସୁଦର୍ଶନ

କାକଟପୁର,(ଡି.ଏନ୍.ଏ.)– ନବକଳେବର ଉତ୍ସବର ଆଦ୍ୟପର୍ବ ବନଯାଗ ଯାତ୍ରା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣ ପାଇଁ ଏହି ବିଧିକୁ ଅତି ନିଷ୍ଠାର ସହ ପାଳନ କରାଯାଏ। ପରମ୍ପରା ଅନୁସାରେ ବନଯାଗ ଯାତ୍ରୀମାନେ ଚୈତ୍ର ଶୁକ୍ଳ ଦଶମୀ ତିଥିଠାରୁ ପଦଯାତ୍ରାରେ ବାହାରିଥାଆନ୍ତି। ଦେଉଳିମଠକୁ ଗମନ ସାଙ୍ଗକୁ ମା' ମଙ୍ଗଳାଙ୍କ ମାଜଣା ନୀତି, ଦାରୁ ଅନ୍ୱେଷଣ, ଦାରୁ ଛେଦନ, ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଦାରୁ ପ୍ରେରଣ ଆଦି ପ୍ରତ୍ୟେକଟି କାର୍ଯ୍ୟ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥାଏ। ଏହି ଯାତ୍ରା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବାବେଳେ ଏହି ସମୟରେ ରକ୍ଷାକବଚ ପାଲଟେ ଖଣ୍ଡୁଆପାଟ ଏବଂ ପଥ ପ୍ରଦର୍ଶକ ସାଜନ୍ତି ପ୍ରଭୁ ସୁଦର୍ଶନ। ଏଣୁ ବନଯାଗ ଯାତ୍ରୀ ଶ୍ରୀମନ୍ଦିରରୁ ବାହାରିବାବେଳେ ସର୍ବପ୍ରଥମେ ଲେଙ୍କା ସେବକ ପ୍ରଭୁ ସୁଦର୍ଶନ (ରୌପ୍ୟ ନିର୍ମିତ ଚକ୍ରଦଣ୍ଡ)ଙ୍କୁ ଧାରଣ କରି ଆଗେ ଆଗେ ଯାଇଥାଆନ୍ତି। ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ 'ଶ୍ରୀମନ୍ଦିର ନବକଳେବର ପରମ୍ପରା' ପୁସ୍ତକରେ ବର୍ଣ୍ଣିତ ରହିଛି ଯେ, ବନଯାଗ ଯାତ୍ରାରେ ମହାପ୍ରଭୁ ସୁଦର୍ଶନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବନଯାଗ ଯାତ୍ରୀଙ୍କ ପ୍ରତ୍ୟହ ରହଣିସ୍ଥଳରେ ସୁଦର୍ଶନଙ୍କୁ ଏକ ବୃକ୍ଷମୂଳରେ ସ୍ଥାପନା କରାଯାଇ ପ୍ରାତଃରେ ଏବଂ ସନ୍ଧ୍ୟାରେ ସ୍ନାନ ସହିତ ଯଥାବିଧି ପୂଜାର୍ଚ୍ଚନା କରାଯାଏ। ମଙ୍ଗଳାଙ୍କ ମାଜଣା ନୀତିରେ ସୁଦର୍ଶନଙ୍କୁ ମା'ଙ୍କ ସିଂହାସନ ନିକଟରେ ଲାଗି କରାଯାଏ। ସେହିପରି ଦାରୁ ଅନ୍ୱେଷଣ ସମୟରେ ଶବରପଲ୍ଲୀର ଏକ ବୃକ୍ଷମୂଳରେ ସୁଦର୍ଶନଙ୍କୁ ସ୍ଥାପନା କରାଯାଉଥିବାବେଳେ ଦାରୁ ଚିହ୍ନଟ ପରେ ମଧ୍ୟ ସୁଦର୍ଶନ ଦାରୁ ନିକଟରେ ଲାଗି ହୋଇଥାଆନ୍ତି।


ଶବରପଲ୍ଲୀରେ ପୂଜା ପାଉଥିବା ସୁଦର୍ଶନ।

ଯେହେତୁ ଠାକୁରମାନଙ୍କ ପ୍ରତିନିଧିଭାବେ ସେ ଶ୍ରୀମନ୍ଦିରରୁ ଆସନ୍ତି, ସେହି ଦୃଷ୍ଟିରୁ ବନଯାଗ ଯାତ୍ରୀଙ୍କ ପଥ ପ୍ରଦର୍ଶକଭାବେ କାର୍ଯ୍ୟ କରନ୍ତି। ପ୍ରଥମେ ସୁଦର୍ଶନ ମହାପ୍ରଭୁ ବିଜେ ହେଲାପରେ ଅନ୍ୟ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ। ଏ ସମ୍ପର୍କରେ ଦଇତାପତି ବିଶ୍ୱନାଥ ଦାସମହାପାତ୍ର ଓ ଦେଉଳକରଣ ଚନ୍ଦ୍ରଶେଖର ମଙ୍ଗରାଜ କୁହନ୍ତି, ଜଗନ୍ନାଥ ହେଉଛନ୍ତି ଲୀଳାମୟ ଠାକୁର। ତାଙ୍କ ଇଚ୍ଛାରେ ହିଁ ତାଙ୍କ ନବକଳେବର ଉତ୍ସବ ଅନୁଷ୍ଠିତ ହେଉଛି। ସୁଦର୍ଶନ ଜଗନ୍ନାଥଙ୍କ ଆୟୁଧ। ଜଗନ୍ନାଥଙ୍କ ନିର୍ଦ୍ଦେଶରେ ସେ ବନଯାଗ ଯାତ୍ରୀଙ୍କ ସହିତ ଆସିଥାଆନ୍ତି। ସହଜ ଏବଂ ସୁବିଧାରେ କିପରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ, ସେ ଦିଗରେ ସେ ପଥପ୍ରଦର୍ଶକ ସାଜନ୍ତି। ସେହିପରି ଦଇତାପତି ମନୋଜ କୁମାର ଦାସମହାପାତ୍ର ଓ ଜ୍ୟୋତି ଦାସମହାପାତ୍ର କୁହନ୍ତି ଯେ, ସୁଦର୍ଶନଙ୍କ ପଛେ ପଛେ ସମସ୍ତ ବନଯାଗ ଯାତ୍ରୀ ନିର୍ଦ୍ଧିଦ୍ୱରେ ଯାଇ ସମସ୍ତ ବିଧି ସମ୍ପାଦନ କରିପାରନ୍ତି। କାହିଁ କେଉଁକାଳରୁ ସୁଦର୍ଶନ ବନଯାଗ ଯାତ୍ରୀଙ୍କ ପଥପ୍ରଦର୍ଶକ ହୋଇ ରହିଆସିଛନ୍ତି।

ଅପରପକ୍ଷେ ସମସ୍ତ ବାଧାବିଘ୍ନକୁ ଟାଳିବାରେ ଖଣ୍ଡୁଆପାଟର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ରହିଛି। 'ଶ୍ରୀମନ୍ଦିର ନବକଳେବର ପରମ୍ପରା' ପୁସ୍ତକାନୁସାରେ, ଶ୍ରୀଜୀଉଙ୍କ ଦ୍ୱିପ୍ରହର ଧୂପ ଶେଷ ହେବାପରେ ପଡିମହାପାତ୍ର ସେବକ ରତ୍ନସିଂହାସନ ଉପରକୁ ଉଠି ଶ୍ରୀଅଙ୍ଗରେ ଲାଗି ହୋଇଥିବା ଚାରିବାଡ଼ର ଆଜ୍ଞାମାଳ ଆଣି ତିନିବାଡ଼ର ବାଡ଼ଗ୍ରାହୀମାନଙ୍କୁ ପ୍ରଦାନ କରିଥାଆନ୍ତି। ଏହାପରେ ନିଜେ ସୁଦର୍ଶନଙ୍କ ଆଜ୍ଞାମାଳ ଗ୍ରହଣ କରନ୍ତି। ଶ୍ରୀମନ୍ଦିର ଅଣସର ପିଣ୍ଡିଠାରେ ଭିତରଚ୍ଛ ମହାପାତ୍ର ଆଜ୍ଞାମାଳ ପାଇଥିବା ପଡିମହାପାତ୍ର ଏବଂ ଦଇତାପତିଙ୍କୁ ଗୋଟା ବାରଲାଗି ଶାଢ଼ି ଓ ଅନ୍ୟ ଦଇତାପତିମାନଙ୍କୁ ଚାରିହାତ ଲେଖାଏ ବାରଲାଗି ଶାଢ଼ି ବାନ୍ଧନ୍ତି। ତପ୍ରରେ ସେ ଜୟବିଜୟ ଦ୍ୱାରଠାରେ ଦେଉଳକରଣ, ତଡ଼ଉକରଣ, ବେହେରା ଖୁଣ୍ଟିଆଙ୍କୁ ଗୋଟା ବାରଲାଗି ଶାଢ଼ି ବାନ୍ଧିଥାଆନ୍ତି। ସେହିପରି ଲେଙ୍କା ଏବଂ ବିଶ୍ୱକର୍ମା ମହାରଣାଙ୍କୁ ମଧ୍ୟ ସୂତାଶାଢ଼ି ବାନ୍ଧି ଦିଅନ୍ତି। ଏସବୁକୁ ଖଣ୍ଡୁଆପାଟ କୁହାଯାଇଥାଏ। ଏହାପରେ ବିଧି ମୁତାବକ ଆରମ୍ଭ ହୁଏ ନବକଳେବର ଉତ୍ସବର ଆଦ୍ୟପର୍ବ। ତେବେ ଏହି ଖଣ୍ଡୁଆପାଟକୁ ଦଇତାପତିମାନେ ମୁଣ୍ଡରେ ବାନ୍ଧିଥିଲେ, କୌଣସି ବିପଦ ଆସେନାହିଁ ବୋଲି ଏକ ଗଭୀର ବିଶ୍ୱାସ ରହିଆସିଛି। ଏ ସମ୍ପର୍କରେ ଜଗନ୍ନାଥ ବାଡ଼ର ମୁଖ୍ୟ ବାଡ଼ଗ୍ରାହୀ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ର କୁହନ୍ତି, ଆମ ମୁଣ୍ଡରେ ବନ୍ଧାଯାଇଥିବା ଖଣ୍ଡୁଆପାଟ ହେଉଛି ଆମର ରକ୍ଷାକବଚ। ଯେତେ ବିଘ୍ନ ଆସିଲେ ବି ଏହା ରକ୍ଷା କରିଥାଏ। ବନଯାଗ ଯାତ୍ରାର ଉପ-ଦଳପତି ରାମକୃଷ୍ଣ ଦାସମହାପାତ୍ର କୁହନ୍ତି, ଖଣ୍ଡୁଆପାଟରେ ମହାପ୍ରଭୁଙ୍କ ଆଶୀର୍ବାଦ ଥାଏ। ଦଇତାପତିଙ୍କ ମାନ, ସମ୍ମାନର ପ୍ରତୀକ ହେଉଛି ଏହି ଖଣ୍ଡୁଆପାଟ। ସେହିପରି ସୁଭଦ୍ରାଙ୍କ ବଡ଼ଗ୍ରାହୀ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର କହିଥିଲେ, ଖଣ୍ଡୁଆପାଟ ଯେହେତୁ ଶ୍ରୀଅଙ୍ଗରୁ ଆସିଥାଏ, ଏହାକୁ ଆମଠାରେ ଲାଗିକରାଯାଏ। ଅନୁଭୂତ ହୁଏ, ଶ୍ରୀଜୀଉମାନେ ଆମ ସହିତ ଉପସ୍ଥିତ ରହି ସେମାନଙ୍କ କାର୍ଯ୍ୟ ସେମାନେ ନିଜେ ହିଁ କରାଉଛନ୍ତି। ଫଳରେ ଆମେ ଅନାୟାସରେ ନବକଳେବରର ସମସ୍ତ ବିଧିବିଧାନକୁ ବିନା ଦ୍ୱିଧାରେ କରିଯାଉ। ମହାପ୍ରଭୁଙ୍କ ଆଶୀର୍ବାଦ ଥିବାରୁ ସବୁକିଛି ସହଜ, ସୁବିଧାରେ ସମ୍ପନ୍ନ ହୋଇଥାଏ।


ଦାରୁପ୍ରାପ୍ତି ନିମନ୍ତେ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ମା'ମଙ୍ଗଳାଙ୍କ ମନ୍ଦିରରେ ଚଣ୍ଡୀପାଠ କରୁଛନ୍ତି।


ବନଯାଗ ଯାତ୍ରୀଙ୍କ ପାଇଁ ଶବରପଲ୍ଲୀକୁ ପୁରୀରୁ ଆସିଥିବା ଅବଢ଼ା।


ବନଯାଗ ଯାତ୍ରାର ଅଗ୍ରଗତି ସମ୍ପର୍କରେ ଆଇନମନ୍ତ୍ରୀ ଅରୁଣ କୁମାର ସାହୁ ସମୀକ୍ଷା କରୁଛନ୍ତି।


ସୁଦର୍ଶନଙ୍କୁ ଦର୍ଶନ ପାଇଁ ଦେଉଳିମଠ ମଧ୍ୟକୁ ପ୍ରବେଶ କରୁଛନ୍ତି ଶ୍ରଦ୍ଧାଳୁ।

## ପ୍ରଭୁଙ୍କୁ ଡାକିବାରୁ ଝଡ଼ତୋଫାନ ଉଭେଇଗଲା

ଅଭୁଲା କଥା

ପୁରୀ ଅଫିସ: ୧୯୭୭ ମସିହା ନବକଳେବର। ମୋ ବାପା ରାଜକିଶୋର ଦାସ ମହାପାତ୍ର ଥାଆନ୍ତି ବିଶ୍ୱାବସୁ। ସେତେବେଳେ ମୋର ବୟସ ୧୫ବର୍ଷ। ବାପାଙ୍କ ସାଙ୍ଗରେ ସହଯୋଗୀ ଭାବେ ବନଯାଗ ଯାତ୍ରାରେ ଯାଇଥାଏ। ଦେଉଳିମଠର ସ୍ଥିତି ଭଲ ନ ଥିବାରୁ ବନଯାଗ ଯାତ୍ରୀଙ୍କୁ ସୋମେଶ୍ୱର ମହାଦେବଙ୍କ ପୀଠରେ ରହିବାକୁ ପଡିଥିଲା। ଗୋଟିଏ ଦିନ ବାପା ଏବଂ ମୁଁ ସେଠାରେ ଥିବା ଏକ ବରଗଛ ମୂଳରେ ଶୋଇଥାଉ। ଏହି ସମୟରେ ପ୍ରବଳ ବେଗରେ ଝଡତୋଫାନ ଆସିଲା। ବିଜୁଳି ଘଡଘଡି ମାରିଲା। ସେତେବେଳେ ରାତ୍ର ୧ଟା। କୁଆଡେ ଯିବୁ ବୁଦ୍ଧିବାଟ ଦିଶୁ ନ ଥାଏ। ଡର ଲାଗୁଥାଏ। ପ୍ରଭୁଙ୍କୁ ଡାକୁଥାଏ। ବାପା କହିଲେ ବ୍ୟସ୍ତ ହୁଅନା କିଛି ହେବନି। ମହାପ୍ରଭୁଙ୍କ ଏ ସବୁ ଲୀଳା। ସତକୁ ସତ ୧୫ରୁ ୨୦ ମିନିଟ ମଧ୍ୟରେ ଝଡତୋଫାନ ଉଭାନ ହୋଇଗଲା। ଏହି କଥାଟି କେବେ ବି ଭୁଲି ହେବନି ବୋଲି କହିଛନ୍ତି ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର। ନବକଳେବରରେ ବିଶ୍ୱାବସୁଙ୍କ ଭୂମିକା କ'ଣ ପ୍ରଶ୍ନରେ ସେ କୁହନ୍ତି, ବିଶ୍ୱାବସୁ ହେଉଛନ୍ତି ଶବର ରାଜା। ତେଣୁ ବନଯାଗ ଯାତ୍ରାରେ ବିଶ୍ୱାବସୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବନଯାଗ ଯାତ୍ରା ଆରମ୍ଭ ଦିନ ଗଜପତି ମହାରାଜା ଶ୍ରୀହସ୍ତ ଛୁଆଁ ଗୁଆ ରାଜଗୁରୁଙ୍କ ଜରିଆରେ ବିଶ୍ୱାବସୁଙ୍କୁ ପ୍ରଦାନ କରିଥାନ୍ତି। ଏହି ନିର୍ଦ୍ଦେଶ ପାଇ ବିଶ୍ୱାବସୁ ମହାପ୍ରଭୁଙ୍କ ସନ୍ଧାନରେ ଯାଆନ୍ତି। ସର୍ବପ୍ରଥମେ ସୁଦର୍ଶନଙ୍କ ଦାରୁ ଚୟନ ହୁଏ। ଦାରୁଙ୍କ ପାଖରେ ୩ ଦିନ ଯଜ୍ଞ ହୁଏ। ଯଜ୍ଞରେ ଦଇତାପତିମାନେ ସମ୍ପୂର୍ଣ୍ଣ ନିର୍ଜଳ ଉପବାସରେ ନିଷ୍ଠାର ସହିତ ରୁହନ୍ତି। ଯଜ୍ଞ ପୂର୍ଣ୍ଣାହୁତି ପରେ ବିଦ୍ୟାପତି ସୁନା କୁରାଢ଼ି ଏବଂ ବିଶ୍ୱାବସୁ ରୁପା କୁରାଢ଼ିରେ ଦାରୁଙ୍କୁ ସ୍ପର୍ଶ କରାନ୍ତି। ଏହାପରେ ବିଶ୍ୱକର୍ମାମାନେ ଲୁହା କୁରାଢ଼ିରେ ଦାରୁଙ୍କୁ ଛେଦନ କରନ୍ତି। ଏହିପରି ଚାରି ଦାରୁ ଶଗଡ଼ିରେ ଶ୍ରୀକ୍ଷେତ୍ର ଆସେ। ପ୍ରତି ଦାରୁ ସହିତ କେତେକ ଦଇତାପତି ଶ୍ରୀକ୍ଷେତ୍ର ଆସିଥାନ୍ତି। କିନ୍ତୁ ବିଦ୍ୟାପତି ଏବଂ ବିଶ୍ୱାବସୁ ସବୁ କାର୍ଯ୍ୟ ଶେଷ ହେବା ପରେ ଜଗନ୍ନାଥଙ୍କ ଦାରୁ ସହିତ ଶ୍ରୀକ୍ଷେତ୍ରକୁ ଫେରିଥାନ୍ତି ବୋଲି ସେ କହିଛନ୍ତି।


ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର

## 'ମହାପ୍ରଭୁଙ୍କ କୃପାରୁ ୫ଥର ବନଯାଗ ଯାତ୍ରାରେ ଆସିପାରିଛି'

କାକଟପୁର,(ଡି.ଏନ୍.ଏ.)– ଚୈତ୍ର ଶୁକ୍ଳ ଦଶମୀ ତିଥିଠାରୁ ନବକଳେବର ଉତ୍ସବର ଆଦ୍ୟପର୍ବ ବନଯାଗ ଯାତ୍ରା ଯଥାବିଧି ଅନୁସାରେ ଆରମ୍ଭ ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣରେ ବନଯାଗୀ କାକଟପୁର ଅଭିମୁଖେ ବାହାରି ଦେଉଳିମଠଠାରେ ଅବସ୍ଥାନ କରୁଛନ୍ତି। ନିଜକୁ ମହାପ୍ରଭୁଙ୍କ ସେବାରେ ସମର୍ପି ଏମାନେ ଏବେ ବନଯାଗ ଯାତ୍ରାର ଯାତ୍ରୀ ହୋଇଛନ୍ତି। ଗଭୀର ନିଷ୍ଠା, ଆତ୍ମବିଶ୍ୱାସ ଏମାନଙ୍କୁ ଦୃଢ଼ତାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରେରଣା ଯୋଗାଉଛି। ମନରେ ଭକ୍ତିଭାବ ରଖି ଦଇତାପତିମାନେ ମହାପ୍ରଭୁଙ୍କ ସେବାରେ ଲାଗିପଡ଼ିଛନ୍ତି। ତେବେ ଏମାନଙ୍କ ମଧ୍ୟରେ ଜଣେ କର୍ତ୍ତବ୍ୟନିଷ୍ଠ ଦଇତାପତି ହେଉଛନ୍ତି ବିଶ୍ୱନାଥ ଦାସମହାପାତ୍ର। ବୟସ ୮୨। ପୁରୀରୁ କାକଟପୁର ଦୀର୍ଘ ୬୦କି.ମି. ବାଟ ଚାଲି ସେ କେବେ ବି କଷ୍ଟ ଅନୁଭବ କରିନାହାନ୍ତି। ତାଙ୍କର ଏହି ଭକ୍ତି ଆଗରେ ହାର୍ ମାନିଛି ବୟସ। ବର୍ତ୍ତମାନ ବିଶ୍ୱନାଥ ଶବରପଲ୍ଲୀ ଦେଉଳିମଠଠାରେ ନିଷ୍ଠାର ସହ ରହି ଏକଓଳି ହବିଷାନ୍ନ ଭୋଜନ କରୁଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ଥିଲେ ସବୁ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥାଏ। ତାଙ୍କ ନିକଟରେ ନିଜକୁ ସମର୍ପଣ କରିଦେଲେ ଦୁଃଖ, କଷ୍ଟ କିଛି ବି ଜଣାପଡ଼େନି। ସେହି ମହାପ୍ରଭୁଙ୍କ ନିର୍ଦ୍ଦେଶରେ ମୁଁ ବନଯାଗ ଯାତ୍ରାରେ ସାମିଲ ହୋଇଛି। ଯେତେବେଳେ ମୋତେ ୧୭ବର୍ଷ ବୟସ ହୋଇଥିଲା, ପ୍ରଥମ କରି ବାପାଙ୍କ ସହିତ ୧୯୫୦ନବକଳେବର ସମୟରେ ବନଯାଗ ଯାତ୍ରାରେ ଆସିଥିଲି। ମହାପ୍ରଭୁଙ୍କ କୃପା ବଳରେ ମୁଁ ଇତିମଧ୍ୟରେ ୫ଥର ବନଯାଗ ଯାତ୍ରାର ଯାତ୍ରୀ ହୋଇପାରିଛି ବୋଲି ବିଶ୍ୱନାଥ ପ୍ରକାଶ କରିଥିଲେ। ଅପରପକ୍ଷେ ସେ ଯୁବ ଦଇତାପତିମାନଙ୍କୁ ବନଯାଗର ବିଧି, ଦାରୁ ସଂଗ୍ରହ ନିୟମ, ଭକ୍ତି, ନିଷ୍ଠା ସମ୍ପର୍କରେ ନିୟମିତଭାବେ ଶବରପଲ୍ଲୀରେ ଶିକ୍ଷା ପ୍ରଦାନ କରୁଛନ୍ତି। ତାଙ୍କ ପୁଅ ଗୌରାଙ୍ଗ ଦାସମହାପାତ୍ର ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ମା' ସୁଭଦ୍ରାଙ୍କ ଦାରୁକୁ ଶ୍ରୀମନ୍ଦିରରେ ପହଞ୍ଚାଇ ନିଜ କର୍ତ୍ତବ୍ୟ ଶେଷ କରିବେ ବୋଲି ଦୁହେଁ ସଂକଳ୍ପବଦ୍ଧ।


ବିଶ୍ୱନାଥ ଦାସ ମହାପାତ୍ର


ବ୍ରହ୍ମଗିରିର ଭାମେଶ୍ୱର ଶୈବପୀଠ ପରିସରରେ ଥିବା ଏକ ଦାରୁକୁ ପୂଜାର୍ଚ୍ଚନା କରାଯାଉଛି।

ଚାଲିଛି ଦାରୁଖୋଜା

# ସମ୍ଭାବ୍ୟ ଦାରୁକୁ ନେଇ ସବୁଠି ଚର୍ଚ୍ଚା

ପୁରୀ ଅଫିସ/କାକଟପୁର/ବ୍ରହ୍ମଗିରି (ଡି.ଏନ.ଏ.)– ଚାଲିଛି ଦାରୁ ଖୋଜା। ଦାରୁ ସନ୍ଧାନରେ ବିଭିନ୍ନ ସ୍ଥାନକୁ ଘୂରି ବୁଲୁଛନ୍ତି ଦଇତାପତି। ସମ୍ଭାବ୍ୟ ଦାରୁଙ୍କୁ ନେଇ ସବୁଠି ଜାରୀ ରହିଛି ଚର୍ଚ୍ଚା। ଗତ ରବିବାରଠାରୁ ଦାରୁ ଖୋଜା ଆରମ୍ଭ ହୋଇଥିବା ବେଳେ ପ୍ରକୃତ ଦାରୁଙ୍କ ଠିକଣା ଜାଣିବା ପାଇଁ ଚାହିଁ ରହିଛନ୍ତି ଭକ୍ତ। ମଙ୍ଗଳବାର ଦଇତାପତି ମାନେ ୨୫ଟି ଦାରୁ ପରଖି ଏବଂ ତଥ୍ୟ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିଥିବା ଶବରପଲ୍ଲୀରୁ ସୂଚନା ମିଳିଛି।

ମଙ୍ଗଳବାର ଥିଲା ବନଯାଗ ଯାତ୍ରାର ଦଶମ ଏବଂ ଦାରୁ ଅନ୍ୱେଷଣର ତୃତୀୟ ଦିବସ। ପ୍ରାତଃରୁ ଚଳଚଞ୍ଚଳ ହୋଇପଡିଥିଲା ଦେଉଳିମଠର ଶବରପଲ୍ଲୀ। ଦଇତାପତି ଏବଂ ଶ୍ରୋତ୍ରିୟ ବ୍ରାହ୍ମଣମାନେ ବ୍ରାହ୍ମମୂହୂର୍ତ୍ତରୁ ଉଠି ପ୍ରାଚୀ ନଦୀରେ ସ୍ନାନ ସାରି ସୂର୍ଯ୍ୟ ନମସ୍କାର ଓ ପୂଜାପାଠ କରିଥିଲେ। ଦଇତାପତି ମାନେ ୬ ଦଳରେ ବିଭକ୍ତ ଦାରୁ ଅନ୍ୱେଷଣରେ ବାହାରିଥିଲେ। ଜୟକୃଷ୍ଣ ଦାସ ମହାପାତ୍ର, ଲୋକନାଥ ଦାସ ମହାପାତ୍ର, ରବୀନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ଦଶପଲ୍ଲା ଏବଂ ଶରଣକୂଳ ଅଞ୍ଚଳକୁ ଯାଇଥିଲେ। ସେମାନେ ଦଶପଲ୍ଲା ଲୁଣିବଗିଚା ଅଞ୍ଚଳରେ ଏକ ଦାରୁ ଦେଖିଥିଲେ ତାହା ମନଲାଖି ନ ହେବାରୁ ସେଠାରୁ ଫେରି ଆସି ଶରଣକୂଳ ଅଭିମୁଖେ ଯାଇଥିଲେ। ଶରଣକୂଳ କୋତରଙ୍ଗ ଗାଁ ଦଧିବାମନ ମନ୍ଦିର ନିକଟରେ ଥିବା ଏକ ଦାରୁ ଦେଖିଥିବା ବେଳେ ସେଥିରେ ଦାରୁ ଯୋଗ୍ୟ ଅଧିକାଂଶ ଲକ୍ଷଣ ଥିବା ଜଣାପଡିଛି। ସେହିପରି ଜଗଦୀଶ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମଗିରିର ଭାମେଶ୍ୱର ଶୈବପୀଠ ପରିସରରେ ରହିଥିବା ଏକ ଦାରୁ ଦେଖିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଉକ୍ତ ନିମ୍ବବୃକ୍ଷରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଚିହ୍ନ ରହିଛି। ଅନେକ ଦିନରୁ ଏଠାରେ ଥିବା ଏକ ହୁଙ୍କାରେ ସାପ ବସବାସ କରୁଛି। ଏଥିସହ ଏହା ନିକଟରେ ରହିଛି ଏକ ଶୈବ ପୀଠ, ଜଳାଶୟ ଓ ସାହାଡା ଗଛ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବୃକ୍ଷଟି ସେହିପରି ଅକ୍ଷୁଣ୍ଣ ରହିଥିବାରୁ ଲୋକଙ୍କର ବିଶ୍ୱାସ ଜନ୍ମିଆସିଛି। ଏଣୁ ଏହାକୁ ପୂଜାର୍ଚ୍ଚନା କରାଯାଉଛି।

## ସୁଦର୍ଶନଙ୍କ ଦର୍ଶନ ପାଇଁ ଶବରପଲ୍ଲୀରେ ଭିଡ଼

ଯୁବ ଦଇତାପତି ଅର୍ପଣ ଦାସ ମହାପାତ୍ର, ମହେଶ ଦାସ ମହାପାତ୍ର, ଶକ୍ତିପ୍ରସାଦ ଦାସ ମହାପାତ୍ର, ଦେବାଶିଷ ଦାସ ମହାପାତ୍ର ପ୍ରମୁଖ ଏହି ଦାରୁ ଅନ୍ୱେଷଣ କାର୍ଯ୍ୟରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଦଳପତି କହିଥିଲେ ଯେ, ଉକ୍ତ ନିମ୍ବବୃକ୍ଷରେ ସମସ୍ତ ଲକ୍ଷଣ ଦେଖିଲୁ। ଆମେ ମା'ଙ୍କ ପାଖରେ ଏହାକୁ ଉପସ୍ଥାପନ କରିବୁ। ସେଠାରୁ ଯାହା ନିର୍ଦ୍ଦେଶ ମିଳିବ, ତାହା କାର୍ଯ୍ୟକାରୀ ହେବ। ପରେ ଏହି ଦଳ ଖଡୁରିଆ ଗ୍ରାମ ଏବଂ କେରଣ୍ଡିଆ ଛକଠାରେ ନିମ୍ବବୃକ୍ଷ ଦେଖିଥିଲେ ହେଁ କୌଣସି ଲକ୍ଷଣ ମିଳି ନ ଥିବା କହିଛନ୍ତି। ଦଇତାପତି ମାନେ ଉକ୍ତ ଦାରୁ ଦେଖି ଫେରିବା ପରେ ଗ୍ରାମବାସୀ ସେଠାରେ ପୂଜାର୍ଚ୍ଚନା ଆରମ୍ଭ କରିଥିବା ଜଣାପଡିଛି। ସେହିପରି ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଦଳ ଜଗତସିଂହପୁର ଜିଲା ନାଉଗାଁ, ସାଲେପୁର ଏବଂ ମାହାଙ୍ଗା ଆଦି ଅଞ୍ଚଳକୁ ଯାଇ ୬ଟି ଦାରୁ ଦେଖିଛନ୍ତି। ମାହାଙ୍ଗା ନିକଟବର୍ତ୍ତୀ ଏକ ଗ୍ରାମରେ ଅଧିକାଂଶ ଲକ୍ଷଣ ରହିଥିବା ଏକ ଦାରୁ ସେମାନେ ଦେଖିଛନ୍ତି। ଦଳପତି ହଳଧର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ କଟକ ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ ଦାରୁ ଅନ୍ୱେଷଣ କରିଛନ୍ତି। ଉପଦଳପତି ରାମକୃଷ୍ଣ ଦାସ ମହାପାତ୍ରଙ୍କ ଦଳ ୬ଟି ଦାରୁ ଦେଖିଥିବା ବେଳେ ଧୂମାଳ ସ୍ଥିତ ଏକ ଦାରୁରେ ଅଧିକାଂଶ ଲକ୍ଷଣ ଥିବା ଦେଖିବାକୁ ପାଇଛନ୍ତି। ସମୁଦାୟ ୬ଟି ଦଳ ବିଭିନ୍ନ ସ୍ଥାନରେ ୨୫ଟି ଦାରୁ ଦେଖିଥିବା ଦଇତାପତି ନିଯୋଗର ସଭାପତି ତଥା ଉପଦଳପତି ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ମା' ମଙ୍ଗଳାଙ୍କ ଝାମୁଯାତ୍ରା ଅବସରରେ ପ୍ରବଳ ଜନସମାଗମ ହୋଇଥିବା ବେଳେ ଭକ୍ତମାନେ ୩ କି.ମି. ଦୂର ଶବରପଲ୍ଲୀକୁ ଚକ୍ରରାଜ ସୁଦର୍ଶନଙ୍କ ଦର୍ଶନ ଲାଗି ଆସିଥିଲେ। ଅପରପକ୍ଷରେ ମଙ୍ଗଳାଙ୍କ ଝାମୁଯାତ୍ରା ଯୋଗୁ ଜନଗହଳି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରାତଃରୁ ବନଯାଗ ଯାତ୍ରାରେ ସାମିଲ ଶ୍ରୋତ୍ରିୟ ବ୍ରାହ୍ମଣମାନେ ମା' ମଙ୍ଗଳାଙ୍କ ପୀଠରେ ପହଞ୍ଚି ଜଗମୋହନରେ ଚଣ୍ଡୀପାଠ କରିଥିଲେ।

ଆଇନମନ୍ତ୍ରୀ ଅରୁଣ କୁମାର ସାହୁ ମଙ୍ଗଳବାର ସନ୍ଧ୍ୟାରେ କାକଟପୁର ଆସି ଦେଉଳିମଠ ପରିଦର୍ଶନ କରିଥିଲେ। ଏଠାରେ ସେ ଦଇତାପତି ନିଯୋଗ ସଭାପତି ତଥା ବନଯାଗ ଯାତ୍ରାର ଉପଦଳପତି ରାମକୃଷ୍ଣ ଦାସ ମହାପାତ୍ର ଓ ଅନ୍ୟ ବରିଷ୍ଠ ଦଇତାପତିମାନଙ୍କ ସହିତ ବନଯାଗ ଯାତ୍ରା ଏବଂ ଦାରୁ ଅନ୍ୱେଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଦଇତାପତି ନିଯୋଗ ପକ୍ଷରୁ ମନ୍ତ୍ରୀଙ୍କୁ ମଲ୍ଲୀ ଫୁଲମାଳ ପିନ୍ଧାଯାଇ ସ୍ୱାଗତ କରାଯାଇଥିଲା। ସୁରୁଖୁରୁରେ ନବକଳେବର ଉତ୍ସବ ସମାପନ ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ। ଏହାପରେ ସେ ମଙ୍ଗଳା ମନ୍ଦିର ଯାଇ ସେଠାରେ ମା'ଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରି ଫେରିଥିଲେ।

### ଦାରୁକୁ ଜଗିଛି ନାଗସାପ

ସୋମବାର ନରସିଂହ ପତି ମହାପାତ୍ର ଓ ମନୋଜ କୁମାର ଦାସ ମହାପାତ୍ର ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ଦାରୁ ଦେଖିଥିଲେ। ସେମାନେ ସେଠାରେ ଏକ ସର୍ବ ଲକ୍ଷଣ ସମ୍ପନ୍ନ ଦାରୁ ଦେଖିଥିବା ସୂଚନା ମିଳିଛି। ଏପରିକି ଦାରୁ ନିକଟରେ ଏକ ନାଗ ସାପ ଥିବା ସେମାନେ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ଦାରୁର ଫଟୋ ଉଠାଇ ଶବରପଲ୍ଲୀକୁ ଫେରିଛନ୍ତି। ଉକ୍ତ ଫଟୋ ଚିତ୍ରକୁ ଦଇତାପତିମାନେ ଅନୁଧ୍ୟାନ କରୁଥିବା ଜଣାପଡିଛି।

# ନବକଳେବର ରହସ୍ୟ ଶାସ୍ତ୍ର ଉପରେ ଆଧାରିତ

ପୁରୀ ଅଫିସ: ଶ୍ରୀଜଗନ୍ନାଥଙ୍କ ନବକଳେବର ଲୀଳା ଶାସ୍ତ୍ର ଓ ପରମ୍ପରାକ୍ରମରେ ଅନୁଷ୍ଠିତ ହୋଇଥାଏ। ଏହି କଳେବର ଲୀଳାର ପ୍ରଥମ ବିଧି ହେଉଛି ବନଯାଗ ବିଧି। ଓଡ଼ିଶାର ପ୍ରଖ୍ୟାତ ପଣ୍ଡିତ ନରସିଂହ ବାଜପେୟୀ ଲେଖିଥିବା 'ପ୍ରତିଷ୍ଠା ପ୍ରଦୀପ' ପୁସ୍ତକରେ ବନଯାଗ ବିଧି ନାମରେ ଏକ ସ୍ୱତନ୍ତ୍ର ପ୍ରକରଣ ସ୍ଥାନ ପାଇଛି। ବିଶିଷ୍ଟ ଐତିହାସିକ କେଦାରନାଥ ମହାପାତ୍ରଙ୍କ ମତରେ ଗଜପତି ମୁକୁନ୍ଦ ଦେବଙ୍କ

NABAKALEBARA - 2015

ସମୟରେ ପଣ୍ଡିତ ବାଜପେୟୀ ଉକ୍ତ ଗ୍ରନ୍ଥକୁ ରଚନା କରିଥିଲେ। ଏହି ଗ୍ରନ୍ଥ ଏ ପର୍ଯ୍ୟନ୍ତ ଠିକ ଭାବରେ ଲୋକଲୋଚନକୁ ଆସି ବିଶେଷ ଆଲୋଚନା ହୋଇପାରିନାହିଁ। ୧୫୬୮ ମସିହାରେ ଗଜପତି ମୁକୁନ୍ଦ ଦେବଙ୍କର ଦେହାନ୍ତ ହୋଇଥିଲା। ତେଣୁ ଏହା ପୂର୍ବରୁ ଏହି ପୁସ୍ତକ ରଚିତ ହୋଇଥିଲା। ସେହିଭଳି ଅନ୍ୟ ଗୋଟିଏ ପୁସ୍ତକ ହେଲା 'ଚଳଶ୍ରୀ ମୂର୍ତ୍ତି ପ୍ରତିଷ୍ଠା ବିଧି'। ଏହି ପୁସ୍ତକଟି ଲେଖିଥିଲେ ପଣ୍ଡିତ ଗୋପାଳ ଭଟ୍ଟ। ପ୍ରମାଣ ମିଳେ ଯେ, ଏହି ପୁସ୍ତକ ହେଉଛି ହରିଭକ୍ତି ବିଳାସ ଗ୍ରନ୍ଥର ଅଂଶ ବିଶେଷ। ଆଲୋଚକମାନେ ୧୫୪୦ ମସିହାରେ ଏହା ଲେଖା ହୋଇଥିଲା ବୋଲି ମତ ଦେଇଛନ୍ତି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥକୁ ସ୍ଥାନୀୟ ପୂଜକଗଣ ଲେଖିଛନ୍ତି ବୋଲି ନବକଳେବର ଉପରେ ଗବେଷଣା କରୁଥିବା ଡ. ଗୟା ଚରଣ ତ୍ରିପାଠୀ ମତବ୍ୟକ୍ତ କରଛନ୍ତି। ଏହି

## ପ୍ରକାଶିତ ହୋଇପାରିନି ପ୍ରାମାଣିକ ଗ୍ରନ୍ଥ

हयशीर्ष पञ्चरात्रम्

THE 085231
HAYASIRSA PANCHARATRAM
HAYASIRSA PANCHARATRA
(an ancient treatise on architecture and consecration of images)

Edited by
Pandit BHUBAN MOHAN SANKHYATIRTHA
with a Foreword by
DINES CHANDRA BHATTACHARYA, M.A.
and
Introductory Note by
Sree KSHITIS CH. SARKAR, M.A., B.L.
Honorary Secretary, Varendra Research Society

Vol. I
ADIKANDA
Patalas 1-[illegible]
(325 Slokas)

VARENDRA RESEARCH SOCIETY
RAJSHAHI (EAST BENGAL)
1952

1. मधुर–B. C. मधुरं A.
2. भाविन्हं A. भाविनं B. C.
3. सुचिरं B. C. स्थविरं (?) A.

ହୟଶୀର୍ଷ ପଞ୍ଚତନ୍ତ୍ରମ୍ ପୁସ୍ତକର ପୃଷ୍ଠା।

ଲେଖକମାନେ ଏହାକୁ ପ୍ରମାଣିତ କରିବା ପାଇଁ ବଡବଡ ଗ୍ରନ୍ଥର ଅଂଶ ବିଶେଷ ବୋଲି ଲେଖି ବିଶ୍ୱାସ ସୃଷ୍ଟିର ମତ ଦେଇଛନ୍ତି। ବାସ୍ତବରେ ଏହି ଦୁଇଟି ଗ୍ରନ୍ଥର ସବିଶେଷ ଆଲୋଚନା ଓଡିଶାର କୌଣସି ସ୍ତରରେ ହୋଇନାହିଁ। ଏହା ପୂର୍ବରୁ ଯେ ନବକଳେବର ବିଧାନ ଥିଲା ଏଥିରେ ସନ୍ଦେହ ନାହିଁ।

ସ୍କନ୍ଦ ପୁରାଣରେ ନବକଳେବର ନୀତିର ବିଶେଷ ବର୍ଣ୍ଣନା ନ ଥିଲେ ମଧ୍ୟ ଶ୍ରୀବିଗ୍ରହ ନିର୍ମାଣ ସମୟରେ କେଉଁପରି ସାବଧାନ ରହି ମୂର୍ତ୍ତି ନିର୍ମାଣ କରାଯାଏ ତାହାର ବର୍ଣ୍ଣନା ରହିଅଛି। ଏବେ ବି ତଦନୁଯାୟୀ ଶ୍ରୀବିଗ୍ରହମାନଙ୍କ ନିର୍ମାଣ ବେଳେ ସାବଧାନତା ଅବଲମ୍ବନ କରାଯାଉଛି। ଏହି ଗ୍ରନ୍ଥର ସମୟ କାଳ ୮ମ ଶତାବ୍ଦୀ ବୋଲି ପ୍ରଫେସର ଗୋପୀନାଥ ମହାପାତ୍ର କହୁଥିବା ବେଳେ ଜର୍ମାନର କେତେକ ଗବେଷକ କବି କାଳିଦାସଙ୍କ ପୂର୍ବରୁ ଏହା ରଚନା କରାଯାଇଥିଲା ବୋଲି ମତ ଦେଇଛନ୍ତି। ସେମାନଙ୍କ ମତରେ କାଳିଦାସ ଲେଖିଥିବା 'କୁମାରସମ୍ଭବମ୍'ର ବିଷୟବସ୍ତୁ ଠିକ୍ ଭାବରେ ସ୍କନ୍ଦ ପୁରାଣରୁ ଅଣାଯାଇଛି। ତେଣୁ ସ୍କନ୍ଦ ପୁରାଣର ବିଗ୍ରହ ନିର୍ମାଣ ବିଧିକୁ ଦେଖିଲେ ଏହା ଖ୍ରୀଷ୍ଟପୂର୍ବରୁ ପ୍ରଚଳିତ ଥିବାର ଜଣାଯାଏ। କିନ୍ତୁ ମାଦଳାପାଞ୍ଜିରେ ଲେଖାଯାଇଛି 'ସମ୍ମୁକର ବଂଶେ ବିଦ୍ୟାକର ବାଜପେୟୀ ପଦ୍ଧତି ପ୍ରମାଣେ'। ମାଦଳାପାଞ୍ଜିର ରାଜଭୋଗ ଇତିହାସରେ ନିତ୍ୟାଚାର ପଦ୍ଧତି ପୁସ୍ତକର ସୂଚନା ରହିଛି। ଏହି ପୁସ୍ତକରେ ବନଯାଗ ବିଧିର ସମସ୍ତ ନୀତି ନିୟମ ଲେଖା ହୋଇ ରହିଛି। ଏହା ପୂର୍ବରୁ ନବକଳେବର ଅନୁଷ୍ଠିତ ହେବାର ପ୍ରମାଣ ମାଦଳାପାଞ୍ଜିରୁ ମିଳୁଛି। ଶ୍ରୀମନ୍ଦିର ଉପରେ ପ୍ରଥମ ଆକ୍ରମଣର ୧୪୪ ବର୍ଷ ପରେ ସମ୍ରାଟ ଯଯାତି କେଶରୀ ଓ ଆଦି ଶଙ୍କରାଚାର୍ଯ୍ୟ ସୋନପୁରଠାରେ ପାତାଳି ଲୀଳା କରୁଥିବା ମହାପ୍ରଭୁଙ୍କୁ ଛଳିଆ ପାହାଡ ଗୁମ୍ଫାରୁ ଆଣି ନବକଳେବର କରାଇଥିଲେ। ଡ. ନବୀନ କୁମାର ସାହୁ ଯଯାତି କେଶରୀଙ୍କ ରାଜତ୍ୱ କାଳ ୯୫୦ ମସିହା ବୋଲି ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ନବକଳେବର ସହିତ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କକୁ ବିଚାରକୁ ନେଲେ ୮୧୯ ମସିହା ଭିତରେ ଅଟକିବାକୁ ହୁଏ। ସେହିପରି ବୃହଦ୍ ନାରଦୀୟ ପୁରାଣରେ ବନଯାଗ ବିଧିର କେତେକ ତଥ୍ୟ ଉଲ୍ଲେଖ ରହିଛି। ମହାପ୍ରଭୁଙ୍କ ସେବକ ଦଇତାପତିଙ୍କ ଘରେ ଥିବା ଇନ୍ଦ୍ରନୀଳମଣି ପୁରାଣରେ ମଧ୍ୟ ବନଯାଗ ବିଧିର ସମସ୍ତ ବିଧାନ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଆବିର୍ଭାବ ପୂର୍ବରୁ ଶ୍ରୀଇନ୍ଦ୍ରନୀଳମଣି ବିଗ୍ରହ, ମାଧବ ରୂପରେ ପୂଜିତ ହେଉଥିଲେ। ଏଣୁ ଏହି ଗ୍ରନ୍ଥ ମଧ୍ୟ ବହୁ ପ୍ରାଚୀନ ବୋଲି ମନେହୁଏ। ନବକଳେବର ଲୀଳାର କର୍ମକାଣ୍ଡ ବିଧିରେ ମୁଖ୍ୟ ଭାବେ ହୟଶୀର୍ଷ ସଂହିତାର ପ୍ରୟୋଗ ଦେଖାଯାଏ। ଏହି ଗ୍ରନ୍ଥଟି ପ୍ରଥମେ ବଙ୍ଗଳା ଦେଶର ଢାକାଠାରେ ପ୍ରକାଶିତ ହୋଇଥିଲା। ଅନେକ ସ୍ଥଳରେ ଏହି ଗ୍ରନ୍ଥର ହାତ ଲେଖା ବ୍ୟବହାର ହେଉଛି। ଏହି ଗ୍ରନ୍ଥଟି ଶ୍ରୀଜଗନ୍ନାଥ ଚେତନାର ଏକ ପ୍ରାମାଣିକ ପାଞ୍ଚରାତ୍ର ଆଗମନ ପରମ୍ପରା ସମନ୍ଧୀୟ ଗ୍ରନ୍ଥ। ମହାପ୍ରଭୁଙ୍କ ନବକଳେବର ଲୀଳାରେ ଅନେକ ଗ୍ରନ୍ଥ ରହିଥିଲେ ମଧ୍ୟ ତାହା ସବିଶେଷ ଆଲୋଚନା ପରିସରକୁ ଆସି ପାରିନାହିଁ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି।

# ରୁପା କୁରାଢ଼ିରେ ହେବ ଦାରୁ ଛେଦନ

## ମାନସିଂହପାଟଣାରେ ଚାଲିଛି ନିର୍ମାଣ


ଶିଳ୍ପୀ ନିରାକାର ଦାସ ରୁପା କୁରାଢି ତିଆରି କରୁଛନ୍ତି।

କଟକ ଅଫିସ: ମହାପ୍ରଭୁଙ୍କର ନବକଳେବର ହେବ। ବିଶ୍ୱ ଚାହିଁବସିଛି ସେହି ଅପୂର୍ବ ବେଳାକୁ। ବନଯାଗୀ ବୁଲୁଛନ୍ତି ବ୍ରହ୍ମଦାରୁ ସନ୍ଧାନରେ। ପୁରୀ ଶ୍ରୀମନ୍ଦିର ପ୍ରଶାସନ ଚଳାଇଛି ପ୍ରସ୍ତୁତି। କିନ୍ତୁ ଏହାରି ଭିତରେ ରୌପ୍ୟନଗରୀ କଟକ ମଧ୍ୟ ମହାପ୍ରଭୁଙ୍କ ସେବାରୁ ବାଦ ପଡ଼ିନି। ଦାରୁ ଛେଦନ ପାଇଁ ଆବଶ୍ୟକ ହେଉଥିବା ରୁପା କୁରାଢି କଟକରେ ନିର୍ମାଣ ଚାଲିଛି। ସହରର ମାନସିଂହପାଟଣା ଅଞ୍ଚଳର ନିରାକାର ଦାସ ଓ ତାଙ୍କ ଭାଇ ରବୀନ୍ଦ୍ର ଦାସ ଏହି ମହାନ ସେବାର ସୁଯୋଗ ପାଇଛନ୍ତି। ରୁପା କାରିଗର ଭାବରେ ପ୍ରସିଦ୍ଧିଲାଭ କରିଥିବା ମାନସିଂହପାଟଣା ଅଞ୍ଚଳ ମଧ୍ୟ ଏଥିନିମନ୍ତେ ଚଳଚଞ୍ଚଳ ହୋଇଉଠିଛି। ଚାରୋଟି କୁରାଢି ନିର୍ମାଣ ହେବ। ପ୍ରତି କୁରାଢିରେ ଅଧ କିଗ୍ରା ରୁପା ଲାଗିବ। ତେବେ ୩ ପୁରୁଷ ହେବ ଦାସ ବଂଶ ମହାପ୍ରଭୁଙ୍କ ଅନ୍ୟ କାର୍ଯ୍ୟ କରୁଥିବା ବେଳେ ପ୍ରଥମଥର ପାଇଁ ନବକଳେବର କାମ କରିବାର ସୁଯୋଗ ମିଳିଥିବାରୁ ସେମାନେ ବେଶ୍ ଆନନ୍ଦିତ। ୩/୪ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ। କୁରାଢି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବାରୁ ଦାସ ପରିବାର ସମ୍ପୂର୍ଣ୍ଣ ହବିଷ୍ୟାନ୍ନରେ ରହିଥିବା ନିରାକାର କହିଛନ୍ତି। ଜଗନ୍ନାଥଙ୍କ ଅନ୍ୟ କାମ କରିବାର ସୁଯୋଗ ମିଳିଥିଲା ହେଲେ ନବକଳେବର ଭଳି ମହାନ ସୁଯୋଗ କେବଳ ମହାପ୍ରଭୁଙ୍କ ଅପାର କରୁଣାରୁ ମିଳିଥିବା ରବୀନ୍ଦ୍ର କହିଛନ୍ତି।


ଯାଜପୁର ଜିଲା ବଡ଼ଚଣା ନିକଟବର୍ତ୍ତୀ ଉଦାସ ଆଶ୍ରମ ପାଖ ଏକ ସ୍କୁଲ ହତାରେ ଥିବା ନିମ୍ବ ଗଛକୁ ବିଦ୍ୟାପତି ନରସିଂହ ପତି ମହାପାତ୍ରଙ୍କ ନେତୃତ୍ୱରେ ଯାଇଥିବା ବନଯାଗ ଯାତ୍ରୀମାନେ ଅନୁଧ୍ୟାନ କରୁଛନ୍ତି।

# ଗଣେଶ୍ୱରପୁର ଗାଁରେ ତୃତୀୟ ଥର ବନଯାଗୀ

ଗୋପ,(ଡି.ଏନ୍.ଏ.)– ଦାରୁ ଅନ୍ୱେଷଣରେ ବନଯାଗୀ ଦଳ ତୃତୀୟଥର ପାଇଁ ଗୁରୁବାର ଗୋପ ବ୍ଲକର ଗଣେଶ୍ୱରପୁର ଗାଁରେ ପହଞ୍ଚିଥିଲେ। ସକାଳ ପ୍ରାୟ ୯ଟାରେ ଦଳପତି ହଳଧର ଦାସମହାପାତ୍ରଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଦଇତାପତି ଏଠାରେ ପହଞ୍ଚି ରଘୁନାଥ ମହାନ୍ତିଙ୍କ ବାଡ଼ିରେ ଥିବା ଏକ ନିମ୍ବବୃକ୍ଷକୁ ଅନୁଧ୍ୟାନ କରିବା ସହ ମାପଚୁପ କରିଥିଲେ। ପରେ ଏହାର ବିଭିନ୍ନ ଦିଗକୁ ତର୍ଜମା କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଦଇତାପତିମାନେ ଏହି ନିମ୍ବବୃକ୍ଷକୁ ପରଖିଥିଲେ। ସୂଚନାଯୋଗ୍ୟ, ଗତ ୪ ଓ ୮ତାରିଖରେ ଦୁଇଟି ବନଯାଗ ଯାତ୍ରୀ ଦଳ ଏଠାକୁ ଆସି ଏହି ଦାରୁବୃକ୍ଷକୁ ଠାବ କରିଥିଲେ। ଏହା ନିକଟରେ ଜଳାଶୟ, ଶ୍ମଶାନ, ଶୈବପୀଠ ଥିବା ସାଙ୍ଗକୁ ସାହାଡା, ବରୁଣ ଓ ବଉଳକୋଳି ଗଛ ଦେଖିବାକୁ ମଧ୍ୟ ପାଇଥିଲେ। ଏଣୁ ତୃତୀୟଥର ପାଇଁ ଦଳପତି ହଳଧର ଦାସମହାପାତ୍ରଙ୍କ ସହ ଉପ-ଦଳପତି ଦୁର୍ଗା ଦାସମହାପାତ୍ର, ଗଣେଶ୍ୱର ଦାସମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର ପ୍ରମୁଖ ବରିଷ୍ଠ ଦଇତାପତିମାନେ ଉକ୍ତ ଗାଁକୁ ଆସିଥିଲେ। ଗାଁ କମିଟି ସଭାପତି ଲିଙ୍ଗରାଜ ହୋତା କୁହନ୍ତି, ଆମ ଗାଁର ନାଗା ନାଚ ସହିତ ପୁରୀ ସାହିଯାତର ସମ୍ପର୍କ ରହିଛି। ଏଣୁ ମହାପ୍ରଭୁଙ୍କ ଦାରୁ ଆମ ଗାଁରେ ଚିହ୍ନଟ ହେବାନେଇ ଆଶା ରଖିଛୁ। ସେହିପରି ଗାଁର ଜଣେ ଶିକ୍ଷାବିତ୍ ବିଷ୍ଣୁପ୍ରିୟା ଦେବୀ କହିଥିଲେ, ଆମ ଗାଁ ଉପରେ ମହାପ୍ରଭୁଙ୍କ ଚକାଆଖି ପଡ଼ିଛି। ବିଶ୍ୱାସ ରହିଛି, ନିଶ୍ଚିତ ଏଠାରୁ ଦାରୁ ସଂଗ୍ରହ ହେବେ। ଅପରପକ୍ଷେ ଦଇତାପତିମାନେ ଯିବାପରେ ଗାଁରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

# ମହୁଲ, ବାମଡିହ, ଜୟମଙ୍ଗଳରେ ୨୫ଜଣିଆ ବନଯାଗ ଦଳ

ଖୋର୍ଦ୍ଧା ଅଫିସ/ବେଗୁନିଆ(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଙ୍ଗାରପଡା ପଞ୍ଚାୟତର ମହୁଲ ଗାଁ, ଖୋର୍ଦ୍ଧା ବ୍ଲକ୍ କାଇପଦର ପଞ୍ଚାୟତର ଜୟମଙ୍ଗଳ ଓ ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତର ବାମଡିହ ଗାଁକୁ ପୁଣି ଗୁରୁବାର ବନଯୋଗ ଦଳ ଦାରୁ ଅନ୍ୱେଷଣରେ ଯାଇ ଫେରିଛନ୍ତି। ଦଇତାପତି ରାମକୃଷ୍ଣ ଦାସ ମହାପାତ୍ରଙ୍କ ନେତୃତ୍ୱରେ ୨୫ଜଣିଆ ଦଳ ଏହି ୩ଟି ଗ୍ରାମରେ ଥିବା ନିମ୍ବବୃକ୍ଷର ମାପଚୁପ କରିବା ସହ ଚିହ୍ନ, ବର୍ଣ୍ଣ, ଲକ୍ଷଣ ପୁଣି ଚିକିନିଖି ପରଖି ଥିଲେ। ଏହି ତିନି ବୃକ୍ଷର ଚତୁଃପାର୍ଶ୍ୱକୁ ପରିଷ୍କାର ରଖିବା ସହ ବାଡ଼ ବୁଲାଇବାକୁ ସ୍ଥାନୀୟ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ତେବେ ବାମଡିହରେ ନିମ୍ବଗଛ ନିକଟରେ ଥିବା ହୁଙ୍କାରେ ଏକ ନାଗସାପ ପ୍ରବେଶ କରୁଥିବା ବନଯାଗ ଦଳ ଦେଖିବାକୁ ପାଇଥିଲେ। ସୂଚନାଯୋଗ୍ୟ, ଏହାକୁ ମିଶାଇ ମହୁଲ ଓ ଜୟମଙ୍ଗଳ ଗାଁକୁ ୩ଥର ଓ ବାମଡିହ ଗାଁକୁ ୨ଥର ବନଯାଗ ଦଳ ଗସ୍ତ କରିସାରିଲେଣି।


ମହୁଲ ଗ୍ରାମରେ ବନଯାଗୀ ନିମ୍ବ ବୃକ୍ଷ ପରୀକ୍ଷାନିରୀକ୍ଷା କରୁଛନ୍ତି।

# ବାରିମଣ୍ଡଳରେ ଦାରୁ ଦେଖିଲେ ବନଯାଗ ଯାତ୍ରୀ


ବାରିମଣ୍ଡଳଠାରେ ସମ୍ଭାବ୍ୟ ଚିହ୍ନଟ ହୋଇଥିବା ନିମ୍ବଗଛ।

କଣାସ, (ଡି.ଏନ.ଏ.)– ଶ୍ରୀଜୀଉଙ୍କ ନବକଳେବର ପାଇଁ ବନଯାଗ ଯାତ୍ରୀ ଦଳ କଣାସ ବ୍ଲକ ସ୍ଥିତ ଗଡବଡପୁଟ ପଞ୍ଚାୟତର ଦୟା ଓ ରାଜୁଆ ନଦୀ ମଧ୍ୟବର୍ତ୍ତୀ ବାରିମଣ୍ଡଳ ମୌଜାରେ ପ୍ରତିଷ୍ଠିତ ଶ୍ରୀଗଡିଶ୍ୱର ମହାଦେବଙ୍କ ମନ୍ଦିର ସନ୍ନିକଟ ଏକ ପୁରାତନ ନିମ୍ବ ଦାରୁ ଚିହ୍ନଟ କରିଛନ୍ତି। ଉପଦଳପତି ଚନ୍ଦ୍ରଶେଖର ଦାସ ମହାପାତ୍ରଙ୍କ ନେତୃତ୍ୱରେ ମଦନମୋହନ ଦାସ ମହାପାତ୍ର, ଦାମୋଦର ଦାସ ମହାପାତ୍ର, ରାଜକୁମାର ସ୍ୱାଇଁ ମହାପାତ୍ର, ବିଜୟ କୃଷ୍ଣ ଦାସ ମହାପାତ୍ର, ବିଭୁପ୍ରସାଦ ଦାସ ମହାପାତ୍ର ପ୍ରମୁଖ ୧୨ ଜଣ ଦଇତାପତି ସକାଳେ କାକଟପୁର ଦେଉଳିମଠରୁ ଆସିଥିଲେ। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଦଳପତି ହଳଧର ଦାସ ମହାପାତ୍ର, ରାମକୃଷ୍ଣ ଦାସ ମହାପାତ୍ର ଏବଂ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ସମେତ ପ୍ରାୟ ୪୦ ଜଣ ବନଯାଗ ଯାତ୍ରୀ ବାରିମଣ୍ଡଳଠାରେ ପହଞ୍ଚି ଦାରୁ ଅନୁଧ୍ୟାନ କରିଥିଲେ। ଚିହ୍ନଟ କରିଥିବା ଗଛରେ ପାଟକନା ବାନ୍ଧିବା ସହ ଦାରୁର ଚତୁଃପାର୍ଶ୍ୱରେ ରହିଥିବା ବରୁଣ ବୃକ୍ଷ, ସାହାଡା ବୃକ୍ଷ, ବେଲ ବୃକ୍ଷ, ଉଇହୁଙ୍କା ସହ ନାଗ ସର୍ପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେ ସ୍ଥାନକୁ କେହି ନ ଯିବା ପାଇଁ ମଧ୍ୟ ବାରଣ କରିଥିଲେ। ଦୁଇ ଦିନ ଧରି ବନଯାଗ ଯାତ୍ରୀଙ୍କର ସେହି ସ୍ଥାନକୁ ଆସିବା ନେଇ ଗ୍ରାମବାସୀ ଓ ଅନ୍ୟମାନଙ୍କର ଉତ୍କଣ୍ଠା ବଢ଼ିବାରେ ଲାଗିଛି।

# ବିଧି, ପରମ୍ପରା ଉପରେ ଦକ୍ଷତା ସାଉଁଟୁଛନ୍ତି ଯୁବ ଦଇତାପତି

କାକଟପୁର,(ଡି.ଏନ୍.ଏ.)– ଦାରୁ ଅନ୍ୱେଷଣରେ ବିଭିନ୍ନ ଗାଁଗଣ୍ଡା, ସହର ବୁଲୁଛନ୍ତି ଦଇତାପତି ସେବାୟତ। ୫ଦିନ ହେବ ଚାଲିଛି ମହାପ୍ରଭୁଙ୍କ ଦାରୁଖୋଜା ବିଧି। ତେବେ ପ୍ରଥମକରି ଚଳିତ ବନଯାଗ ଯାତ୍ରାରେ ଭାଗ ନେଇଥିବା ଯୁବ ଦଇତାପତିମାନେ ବରିଷ୍ଠ ଦଇତାପତିମାନଙ୍କ ସହିତ ଯାଉଥିବାର ଦେଖିବାକୁ ମିଳୁଛି। ଦାରୁ ଚିହ୍ନଟ, ଦାରୁ ପରଖା ଆଦି କାର୍ଯ୍ୟ କିପରି କରାଯାଉଛି, ସେ ନେଇ ଦକ୍ଷତା ସାଉଁଟୁଛନ୍ତି ଏମାନେ।

ମହାପ୍ରଭୁଙ୍କ ଲୀଳା ବାସ୍ତବିକ୍ ବଡ଼ ବିଚିତ୍ର। ଖାଲିପାଦରେ ପୁରୀରୁ କାକଟପୁର ଦୀର୍ଘ ୬୦କି.ମି ବାଟ ଚାଲିକି ଆସିବା ସହଜସାଧ୍ୟ ନୁହେଁ। ମହାପ୍ରଭୁଙ୍କ ଦାରୁ ଅନ୍ୱେଷଣରେ ବଣ, ଜଙ୍ଗଲ ବୁଲିପାରିବି ବୋଲି କେବେ ବିଶ୍ୱାସ ନ ଥିଲା। କିନ୍ତୁ କୃପାବଳରୁ ସବୁକିଛି ସମ୍ଭବ ହୋଇପାରିଛି। ମହାପ୍ରଭୁଙ୍କ ନାମ ସୁମରିଲେ ଅନାୟାସରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଯାଉଛି। ଦିନ ପରେ ଦିନ କଟିଯାଉଛି, ତାହା ଜଣାପଡୁନି। ଏହି ଯାତ୍ରାରେ ଆମ ସଂସ୍କୃତି, ପରମ୍ପରା ବିଷୟରେ ଅନେକ କିଛି ଶିକ୍ଷା ମିଳିପାରିଛି।

– ଭବାନୀ ପ୍ରସାଦ ଦାସମହାପାତ୍ର, ଯୁବ ଦଇତାପତି

ନିମ୍ବବୃକ୍ଷରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଯୋନି ଚିହ୍ନ ଥିଲେ ତାହା ମହାଦାରୁ ହୋଇ ପାରିବ ବୋଲି ପୂର୍ବରୁ ପ୍ରଶିକ୍ଷଣ ଶିବିରରୁ ଜାଣିବାକୁ ପାଇଥିଲି। ମାତ୍ର ଜାଣି ନ ଥିଲି ଅନେକ ଅଜଣା ସଙ୍କେତ ସମ୍ପର୍କରେ। ଏବେ ଦାରୁ ଅନ୍ୱେଷଣ ସମୟରେ ବରିଷ୍ଠମାନେ ଆମକୁ ସେ ବିଷୟରେ ଅବଗତ କରାଉଛନ୍ତି, ଯାହା ପ୍ରକାଶଯୋଗ୍ୟ ନୁହେଁ। ପ୍ରଶିକ୍ଷଣ ଶିବିରରେ ଥିଓରି ପଢ଼ିଥିଲୁ। ବର୍ତ୍ତମାନ ବନଯାଗ ଯାତ୍ରା, ଦାରୁ ଅନ୍ୱେଷଣ, ଦାରୁ ଚିହ୍ନଟ ଆଦି ସମ୍ପର୍କରେ ପ୍ରାକ୍ଟିକାଲ୍ ଶିକ୍ଷା ଗ୍ରହଣ କରୁଛୁ।

– ଦୀପକ କୁମାର ଦାସମହାପାତ୍ର, ଯୁବ ଦଇତାପତି

ଆମେ ଯେଉଁ ମହାପ୍ରଭୁଙ୍କୁ ପୂଜା କରୁଛୁ, ତାଙ୍କୁ ଖୋଜିବାକୁ ୧୯୯୬ ନବକଳେବରରେ ଦାଦା, କାକା ଓ ଅନ୍ୟ ବରିଷ୍ଠମାନେ କେତେ କଷ୍ଟ କରିଥିଲେ ସେ ବିଷୟରେ ଜାଣିନୁ। ଏବେ ଅନୁଭବ କରୁଛୁ ମହାଦାରୁ ଚିହ୍ନଟ କରିବା କେତେ ଯେ କଷ୍ଟ। ମହାପ୍ରଭୁ ନିଜେ ନ ଚାହିଁଲେ, ଦାରୁ ମିଳିବନି। ତାଙ୍କ ଇଚ୍ଛାରେ ସବୁକିଛି ହେଉଛି, ଆମେ ମାଧ୍ୟମ କେବଳ। ଜୟ ଜଗନ୍ନାଥ...। ଜୀବନର ଏହି ଅଭୁଲା ଅନୁଭୂତିକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ।

– ଶିବାନୀ ପ୍ରସାଦ ଦାସମହାପାତ୍ର, ଯୁବ ଦଇତାପତି

ମହାଦାରୁ ଅନ୍ୱେଷଣରେ ଯେଉଁ ଗ୍ରାମକୁ ଯାଉଛୁ, ସେଠାରେ ସ୍ୱାଗତ ସମ୍ବର୍ଦ୍ଧନା ମିଳୁଛି। ଜଗନ୍ନାଥ ମହାପ୍ରଭୁ ପ୍ରକୃତରେ ଗଣଦେବତା। ତାଙ୍କ ଦାରୁ ଖୋଜିବାର ଅନୁଭୂତି କେବଳ ଅନୁଭବୀ ହିଁ ଜାଣେ। ସମର୍ପଣ ଭାବ ନ ରହିଲେ, ଜଗନ୍ନାଥଙ୍କୁ ପାଇ ହୁଏନାହିଁ। ସବୁ ନିମ୍ବବୃକ୍ଷ ଦାରୁ ନୁହନ୍ତି କି ସବୁ ଦାରୁ ମହାଦାରୁ ନୁହନ୍ତି। ଏହାକୁ ଆମେ ଦାରୁ ଅନ୍ୱେଷଣ କାର୍ଯ୍ୟରେ ହିଁ ଜାଣିବାକୁ ପାଉଛୁ। ତେବେ ପ୍ରଶିକ୍ଷଣ ଶିବିରରେ ଏସବୁ ବିଷୟରେ କିଛି କିଛି ଜାଣିଥିଲୁ। ମାତ୍ର ଜଗନ୍ନାଥଙ୍କୁ ପାଇବାରେ ଯେଉଁ ଭାବ, ନିଷ୍ଠା, ଆଗ୍ରହ ଦରକାର ତାହା ଏହିଠାରୁ ଶିଖିଲୁ। ପ୍ରକୃତରେ ସେ ଲୀଳାମୟ, ଭାବର ଠାକୁର।

– ଲକ୍ଷ୍ମୀନାରାୟଣ ଦାସମହାପାତ୍ର, ଯୁବ ଦଇତାପତି

# ଜଗନ୍ନାଥମୟ ହୋଇଉଠୁଛି ଗାଁ ପରିବେଶ

କାକଟପୁର,(ଡି.ଏନ୍.ଏ.)– ଚାଲିଛି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣ। ବନଯାଗ ଯାତ୍ରୀ ଦଳ ଗାଁ ଗାଁ ବୁଲି ଖୋଜୁଛନ୍ତି ଦାରୁବ୍ରହ୍ମ। ସମ୍ଭାବ୍ୟ ଦାରୁ ଆଶାନେଇ ଆବେଗ ହୋଇଉଠୁଛନ୍ତି ଗ୍ରାମବାସୀ। ସବୁଠି ଭକ୍ତିମୟ ପରିବେଶ। କେଉଁ ନିମ୍ବବୃକ୍ଷରେ ଗଢ଼ା ହେବେ ଶ୍ରୀଜୀଉ। କେଉଁ ଗାଁ ପାଲଟିବ ଦ୍ୱିତୀୟ ଶ୍ରୀକ୍ଷେତ୍ର। ଏଭଳି ଅନେକ ପ୍ରଶ୍ନ ଏବେ ଉତ୍ତର ଭାବନାରେ। ତଥାପି ଜୟ ଜଗନ୍ନାଥ ଧ୍ୱନିରେ ଗାଁଗଣ୍ଡା କମ୍ପିଉଠୁଛି। ଜଗନ୍ନାଥମୟ ହୋଇଉଠୁଛି ପ୍ରତି ଗାଁର ମାଟି, ପବନ। ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ଗ୍ରାମର ଶଙ୍କର ମିଶ୍ର କୁହନ୍ତି, ଆମେ ଆଶା ରଖିଛୁ ଆମ ଗାଁର ନିମ୍ବବୃକ୍ଷ ମହାଦାରୁ ହେବେ। ନବକଳେବର ପରେ ସମସ୍ତେ ଦିଅଁ ଦର୍ଶନ କରିବୁ। ଗାଁ ଆମର ଧନ୍ୟ ହୋଇଯିବ ଆଉ ଆମେ ବି ଧନ୍ୟ ହୋଇଯିବୁ। ସେ କହିଥିଲେ, ଯଦି ଦଇତାପତିମାନେ ଆମ ଗାଁରେ ଦେଖିଥିବା ଦାରୁକୁ ଘୋଷଣା କରନ୍ତି, ତେବେ ଏହାଠାରୁ ଅଧିକ ପୁଣ୍ୟ ହୁଏତ ଆଉ କିଛି ହୋଇ ନ ପାରେ। ସେହିପରି ଗୋପିକାନ୍ତପୁର ଗ୍ରାମର ସରୋଜ ଦାସ କୁହନ୍ତି, ଆମ ଗାଁ ଠାକୁରାଣୀ ମନ୍ଦିରର ଦକ୍ଷିଣପାର୍ଶ୍ୱରେ ଥିବା ନିମ୍ବବୃକ୍ଷକୁ ଦଇତାପତିମାନେ ଦେଖି ପରଖିବା ସହିତ ମାପଚୁପ କରିଯାଇଛନ୍ତି। ସେବେଠାରୁ ଗଛମୂଳରେ ପୂଜାର୍ଚ୍ଚନା ଚାଲିଛି। ଏପରିକି ଏହାକୁ ଦେଖିବାକୁ ଆଖପାଖ ଗ୍ରାମର ଲୋକେ ଭିଡ଼ ଜମାଉଛନ୍ତି। ଯଦି ଏହା ମହାଦାରୁ ହୁଏ, ତେବେ ଠାକୁରାଣୀଙ୍କ ପାଖରେ ଜଗନ୍ନାଥ ମନ୍ଦିରଟିଏ ନିର୍ମାଣ କରିବୁ। ଇତିହାସରେ ଆମ ଗାଁ ନାମ ଲିପିବଦ୍ଧ ରହିବ ଭାବିଲେ ଖୁସିରେ ମନ ନାଚିଉଠୁଛି। ଅସ୍ତରଙ୍ଗ ଗ୍ରାମର ପ୍ରଶାନ୍ତ ବାରିକ ଓ ଶରତ ପରିଡ଼ା କୁହନ୍ତି, ଆମ ଗାଁର ନିମ୍ବବୃକ୍ଷରେ ସବୁପ୍ରକାର ଲକ୍ଷଣ ଦେଖାଯାଉଛି। ଯଦି ଏହାକୁ ଘୋଷଣା କରାଯାଏ, ତେବେ ଆମ ଅଞ୍ଚଳ ପୁଣିଥରେ ଜଗନ୍ନାଥ ସଂସ୍କୃତି ସହିତ ଯୋଡ଼ି ହୋଇଯିବ। କାରଣ ୧୯୯୬ ନବକଳେବରରେ ମା' ସୁଭଦ୍ରାଙ୍କ ଦାରୁ ଅସ୍ତରଙ୍ଗର ମାଳଦା ଗ୍ରାମରୁ ହିଁ ମିଳିଥିଲା। ସେହିପରି ଓସିଆଁ ଗ୍ରାମର ସନାତନ ତ୍ରିପାଠୀ ଓ ମାନସୀ ତ୍ରିପାଠୀ କହିଥିଲେ, ଦଇତାପତିମାନେ ଆମ ଗାଁକୁ ଆସି ନିମ୍ବବୃକ୍ଷ ଦେଖିକି ଯାଇଛନ୍ତି। ସେମାନେ ଏହାକୁ ଛୁଇଁବାକୁ ଆମକୁ ବାରଣ କରିଛନ୍ତି। ଏଣୁ ଆମେ ସମସ୍ତ ଗ୍ରାମବାସୀ ସମ୍ଭାବ୍ୟ ଦାରୁ ଆଶାରେ ରହିଛୁ।

ଅପରପକ୍ଷେ ବନଯାଗ ଯାତ୍ରୀ ଦଳ ଦାରୁ ଅନ୍ୱେଷଣ ଲାଗି ଯେଉଁ ଗ୍ରାମକୁ ଯାଉଛନ୍ତି, ସେଠାରେ ନିଆରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ହରିବୋଲ, ହୁଳହୁଳି ଶବ୍ଦରେ ଭକ୍ତଗଣ ଉନ୍ମାଦ ହୋଇଉଠୁଛନ୍ତି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ର କୁହନ୍ତି ଯେ, ମହାପ୍ରଭୁ ହେଉଛନ୍ତି ଗଣଦେବତା। ତାଙ୍କ ଭକ୍ତିରେ ଲୋକେ ଆତ୍ମହରା ହୋଇପଡୁଛନ୍ତି। କିନ୍ତୁ ସବୁ ଦାରୁ ମହାଦାରୁ ନୁହେଁ। ମହାପ୍ରଭୁ ଯେଉଁ ଦାରୁରେ ନିର୍ମାଣ ହେବେ, ସେ ନିଜେ ହିଁ ତାହାର ନିର୍ଣ୍ଣୟକର୍ତ୍ତା ସାଜିବେ। ଏଣୁ ସମସ୍ତେ ଉକ୍ତ ସମୟକୁ ଅପେକ୍ଷା କରନ୍ତୁ।


ଅସ୍ତରଙ୍ଗର କେନ୍ଦ୍ରାପଟି ଗ୍ରାମରେ ଚିହ୍ନଟ ହୋଇଥିବା ସମ୍ଭାବ୍ୟ ଦାରୁ।

# ମହାପ୍ରଭୁଙ୍କୁ ପ୍ରଦକ୍ଷିଣ କରିଥିଲେ ପ୍ରଜାପତି ବ୍ରହ୍ମା

ପୁରୀ ଅଫିସ: ଦାରୁ ଅନ୍ୱେଷଣରେ ବାହାରିବା ବେଳେ ବନଯାଗ ଯାତ୍ରୀମାନେ ମହାପ୍ରଭୁଙ୍କ ଖଣ୍ଟୁଆ ମୁଣ୍ଡରେ ଧାରଣ କରିଥାନ୍ତି। ଏହା ଧାରଣ କରିବା ପରେ ଅମାପ ଶକ୍ତିର ସହ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାରରୁ ଜୟ ଜଗନ୍ନାଥ ଧ୍ୱନି ଦେଇ ଦାରୁ ଅନ୍ୱେଷଣରେ ଆଗେଇ ଯାଆନ୍ତି। ବନଯାଗ ଯାତ୍ରା ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ବେଳର ଘଟଣା ସହିତ ଆଜି ବି ସମ୍ବନ୍ଧ ରଖେ। ଦେବର୍ଷି ନାରଦଙ୍କ ପରାମର୍ଶରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କ ଆବିର୍ଭାବ କାଳରେ ଯେଉଁ ଗୋଟିଏ ପରେ ଗୋଟିଏ କାର୍ଯ୍ୟ କରିଚାଲିଥିଲେ ତା'ର କେତେକ ଉଦାହରଣ ହଜାର ହଜାର ବର୍ଷ ପରେ ମଧ୍ୟ ବଞ୍ଚିରହିଛି। ଏହାକୁ କୁହାଯାଏ ଶାସ୍ତ୍ରୀୟ ପରମ୍ପରାର ପ୍ରବାହମାନ ଧାରା। ଏହି ଧାରାର ଗୋଟିଏ ଉଦାହରଣ ଆଜି ବି ଦେଖିବାକୁ ମିଳେ। ତାହା ହେଉଛି 'ପ୍ରଦକ୍ଷିଣ ପରମ୍ପରା'।

ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ ପରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ସହସ୍ର ହାତର ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିରର ପ୍ରତିଷ୍ଠା ପାଇଁ ଦେବର୍ଷି ନାରଦଙ୍କ ସହାୟତାରେ ପ୍ରଜାପତି ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ପାଇଁ ବ୍ରହ୍ମଲୋକକୁ ଯାଇଥିଲେ। ଅନୁରୋଧ ରକ୍ଷା କରି ବ୍ରହ୍ମା ଆସିବାକୁ ପ୍ରତିଶ୍ରୁତି ଦେବା ସହିତ ମହର୍ଷି ଭରଦ୍ୱାଜଙ୍କୁ ମନ୍ଦିରର ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ କରିବାକୁ ପରାମର୍ଶ ଦେଇଥିଲେ। ସେହି ପରାମର୍ଶ ଅନୁଯାୟୀ ମହର୍ଷି ଭରଦ୍ୱାଜ ଶ୍ରୀମନ୍ଦିର ପ୍ରତିଷ୍ଠା କରିଥିଲେ। ପ୍ରଜାପତିଙ୍କ ପରାମର୍ଶ କ୍ରମେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବଡଦାଣ୍ଡରେ ବହିଯାଇଥିବା ମାଳିନୀ ନଦୀର ପୂର୍ବ ଦିଗରେ ଥିବା ଆଡପମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥରେ ବସାଇ ମନ୍ଦିର ଅଭିମୁଖେ ଆଣିଥିଲେ। ପ୍ରକାଶଯୋଗ୍ୟ, ମହାପ୍ରଭୁଙ୍କ ଆବିର୍ଭାବ ମଣ୍ଡପ ବର୍ତ୍ତମାନ ଶ୍ରୀଗୁଣ୍ଡିଚା ମନ୍ଦିର ଭାବେ ପ୍ରସିଦ୍ଧ ଓ ମହାପ୍ରଭୁଙ୍କ ରଥରେ ଆସିବାର ସ୍ୱରୂପ ଭାବେ ଆଜି ବି ରଥଯାତ୍ରା ଅନୁଷ୍ଠିତ ହେଉଛି। ପ୍ରଜାପତି ବ୍ରହ୍ମା ବ୍ରହ୍ମଲୋକରୁ ଆସି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପଦାର୍ପଣ କରିବାପରେ ପ୍ରଭୁ ଆସିଥିବା ରଥକୁ ପ୍ରଥମେ ମନ୍ଦିର ସମ୍ମୁଖରେ ତିନିଥର ପ୍ରଦକ୍ଷିଣ କରିଥିଲେ। ତେଣୁ ଏହି ପ୍ରଦକ୍ଷିଣ ପରମ୍ପରା ମହାପ୍ରଭୁଙ୍କ ଆବିର୍ଭାବ କାଳରୁ ହିଁ ରହିଛି। ମହାପ୍ରଭୁଙ୍କୁ ରଥରୁ ଓହ୍ଲାଯାଇ ମନ୍ଦିରରେ ବିଜେ କରିବା ପରେ ବିଗ୍ରହଙ୍କୁ ପ୍ରତିଷ୍ଠା କରିବା ପାଇଁ ମହର୍ଷି ଭରଦ୍ୱାଜ ବ୍ରହ୍ମାଙ୍କୁ ନିବେଦନ କରିବାରୁ ବ୍ରହ୍ମା ମହାପ୍ରଭୁଙ୍କୁ ପ୍ରଣାମ କରି କେବଳ ସ୍ୱସ୍ତ୍ୟୟନ ବାଚନ କରି ବସିଥିବା ମଣ୍ଡପକୁ ଫେରି ଆସିଥିଲେ। ମନ୍ଦିର ମଧ୍ୟରେ ବ୍ରହ୍ମା ବସିଥିବା ମଣ୍ଡପଟି ବର୍ତ୍ତମାନର ମୁକ୍ତି ମଣ୍ଡପ। ବିଗ୍ରହଙ୍କୁ ପ୍ରତିଷ୍ଠା ନ କରିବାର କାରଣ ସ୍ୱରୂପ ସେ କହିଥିଲେ ଯେ, ଯିଏ ନିଜେ ଆବିର୍ଭୂତ ଅର୍ଥାତ୍ ସ୍ୱୟମ୍ଭୁ ତାଙ୍କୁ ପ୍ରତିଷ୍ଠା କରିବା ଆବଶ୍ୟକ ରହେନାହିଁ।

ଭାରତୀୟ ସନାତନ ପରମ୍ପରାରେ ପ୍ରଦକ୍ଷିଣ ବିଧି ବହୁକାଳରୁ ନିର୍ଦ୍ଦିଷ୍ଟ ହୋଇ ରହିଛି। ମହାବିଷ୍ଣୁଙ୍କର ପ୍ରଦକ୍ଷିଣ ୭ଥର କରିବା ପାଇଁ ଶାସ୍ତ୍ରରେ କୁହାଯାଇଥିବା ବେଳେ ମା' ଦୁର୍ଗାଙ୍କର ପ୍ରଦକ୍ଷିଣ ୫ଥର କରାଯାଇଥାଏ। ସେହିପରି ଗଣେଶଙ୍କର ଦୁଇଥର ପ୍ରଦକ୍ଷିଣ କରାଯିବା ବେଳେ ଶିବଙ୍କର ଅଧା ପ୍ରଦକ୍ଷିଣ ବ୍ୟବସ୍ଥା ରହିଛି। ଶ୍ରୀବିଷ୍ଣୁଙ୍କର ଚାରିଥର ପ୍ରଦକ୍ଷିଣ ବ୍ୟବସ୍ଥା ରହିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଉପାସନାରେ ମହାବିଷ୍ଣୁ ତତ୍ତ୍ୱ ସାମିଲ ରହିଥିବାରୁ ସବୁଠାରେ ସାତଥର ପ୍ରଦକ୍ଷିଣ ବିଧି ରହିଛି।

ନବକଳେବର ବିଧିରେ ଦାରୁ ଚିହ୍ନଟ ହେବା ପରେ ବୃକ୍ଷଦେବତାଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଏ। ଲେଙ୍କା ସେବକ ଚକ୍ରନାରାୟଣଙ୍କୁ ଦାରୁଙ୍କୁ ସ୍ପର୍ଶ କରାନ୍ତି। ଏହାପରେ ବ୍ରାହ୍ମଣ ଓ ବିଶ୍ୱକର୍ମାଙ୍କ ବ୍ୟତୀତ ଦଇତା, ପତିମହାପାତ୍ର ଓ ଲେଙ୍କା ସେବକ ଦାରୁଙ୍କୁ ପ୍ରଦକ୍ଷିଣ କରିଥାନ୍ତି। ଏଠାରେ ବୃକ୍ଷ ଉପାସନାର ଗଭୀର ରହସ୍ୟ ରହିଛି। ବୃକ୍ଷ ଛେଦନ କରିବା ମହାପାପ ଅଟେ। ଏହି ବୃକ୍ଷ ଛେଦନ ପାଇଁ ଯେଉଁ ବୈଦିକ କର୍ମକାଣ୍ଡ ବିଧିରେ ବିଭିନ୍ନ ମନ୍ତ୍ର ପ୍ରୟୋଗ ହୋଇଥାଏ ତାହା ମଧ୍ୟରେ ମଧ୍ୟ ଉଚ୍ଚାରଣ ଗତ ଦୋଷ ରହିଥାଇପାରେ। ତାହା ମଧ୍ୟ ଏକ ପାପ। ଦାରୁରେ ବିଗ୍ରହ ନିର୍ମାଣ ମଧ୍ୟ ଏକ ପାପ। ଏ ସମସ୍ତ ପାପକୁ ଦୂର କରିବା ପାଇଁ ସମର୍ପିତ ଭାବନାରେ ପ୍ରଦକ୍ଷିଣ ବା ପରିକ୍ରମା ବିଧି ଅନୁଷ୍ଠିତ ହୋଇଥାଏ। ତନ୍ତ୍ର ମତରେ ନ୍ୟାସ ବିଧି ପରେ ହିଁ ଦାରୁରେ ଚେତନା ଶକ୍ତି ଆସିଥାଏ। ପ୍ରଦକ୍ଷିଣରେ ସେହି ଚେତନା ଶକ୍ତି ଚଳଚଞ୍ଚଳ ହୁଏ। ସେଥିପାଇଁ ନୂତନ ବିଗ୍ରହ ମହାଶ୍ମଶାନରେ ପ୍ରତିଷ୍ଠା ହେବା ପରେ ମୂଳ ମନ୍ଦିର ଅର୍ଥାତ୍ ଯେଉଁ ମନ୍ଦିରର ସିଂହାସନରେ ବିଜେ କରିବେ ସେହି ମନ୍ଦିରକୁ ସାତଥର ପ୍ରଦକ୍ଷିଣ କରିଥାନ୍ତି। ଏହି ଗୁପ୍ତ ବିଧି ମଧ୍ୟରାତ୍ରିରେ ନବକଳେବର ବିଧିରେ ଆଜି ବି ଅନୁଷ୍ଠିତ ହେଉଛି। ନୂତନ ବିଗ୍ରହ ସାତଥର ପ୍ରଦକ୍ଷିଣ ପରେ ଅଣସର ଗୃହରେ ପ୍ରବେଶ କରନ୍ତି। ବାସ୍ତବରେ ପରିକ୍ରମା ହିଁ ପ୍ରାୟଶ୍ଚିତ୍ତ। ପ୍ରାୟଶ୍ଚିତ୍ତ କଲେ ମଣିଷ ନିଷ୍ପାପ ହୁଏ। ନିଷ୍ପାପ ହେଲେ ଦୈବୀଶକ୍ତି ଅନ୍ତରୀକ୍ଷରୁ ଅବତରଣ କରନ୍ତି ଏବଂ ଦୈବୀଶକ୍ତି ସଞ୍ଚରଣ ମଧ୍ୟ କରନ୍ତି। ତେଣୁ ପରିକ୍ରମା ଦ୍ୱାରା କର୍ମ ନିଷ୍ପାପ ହୋଇଯିବା ସହିତ କର୍ତ୍ତା ମଧ୍ୟ ନିଷ୍ପାପ ହୋଇଯାଏ। ପାପ ହୀନ ଚେତନା ହିଁ ସମସ୍ତ ପାପକୁ ଦୂର କରିବା ପରେ ଦୁଃଖ ଆପେ ଆପେ ଦୂରେଇ ଯାଏ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି।


୧୯୯୬ ନବକଳେବର ସମୟରେ ଦାରୁ ଛେଦନ ପୂର୍ବରୁ ବୃକ୍ଷ ପରିକ୍ରମା କରାଯାଉଛି।

## ଖରିପଡ଼ିଆ ଗ୍ରାମରେ ଦ୍ୱିତୀୟ ଥର ବନଯାଗୀ


ଖରିପଡିଆ ଗ୍ରାମରେ ବନଯାଗୀ ନିମ୍ବ ବୃକ୍ଷ ଅନୁଧ୍ୟାନ କରୁଛନ୍ତି।

ରଘୁନାଥପୁର,(ଡି.ଏନ.ଏ.)– ଦାରୁ ଅନ୍ୱେଷଣରେ ବନଯାଗୀ ଦଳ ଶୁକ୍ରବାର ଦିତୀୟ ଥର ପାଇଁ ରଘୁନାଥପୁର ବ୍ଲକ ଅଧୀନ ଧରାଧରପୁର ପଞ୍ଚାୟତ ଖରିପଡିଆ ଗ୍ରାମକୁ ଯାଇଥିଲେ। କାକଟପୁର ଦେଉଳି ମଠରୁ ବାହାରି ବନଯାଗ ଯାତ୍ରୀ ପୂର୍ବାହ୍ଣ ସାଢେ ୧୦ଟାରେ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ଦଇତାପତି ନିଯୋଗ ସଭାପତି ରାମକୃଷ୍ଣ ଦାସମହାପାତ୍ର ଓ ଦଳପତି ହଳଧର ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆସିଥିବା ଦଇତାପତିଗଣ ଉକ୍ତ ନିମ୍ବବୃକ୍ଷ ଚତୁଃପାର୍ଶ୍ୱକୁ ଅନୁଧ୍ୟାନ କରିବା ସହ ପାଟବସ୍ତ୍ରରେ ବୃକ୍ଷର ମୋଟେଇ ଓ ବାଉଁଶ ସାହାଯ୍ୟରେ ଉଚ୍ଚତା ମାପିଥିଲେ। ପ୍ରାୟ ଅଢେଇ ଘଣ୍ଟା ଧରି ବୃକ୍ଷର ବିଭିନ୍ନ ସ୍ଥାନକୁ ନିରୀକ୍ଷଣ କରିବା ସହ ପରସ୍ପର ମଧ୍ୟରେ ଆଲୋଚନା କରିଥିଲେ। ଦାରୁ ହେବା ପାଇଁ ସମସ୍ତ ଲକ୍ଷଣ ଥିବା ସମ୍ପର୍କରେ ଦଇତାପତିମାନେ ହୃଦ୍‌ବୋଧ କରିଥିବା ଦଇତାପତି ଜଗନ୍ନାଥ ଦାସ ମହାପାତ୍ର କହିଛନ୍ତି। ଦଇତାପତିମାନେ ଆସିଥିବା ଖବର ପ୍ରଚାରିତ ହେବା ପରେ ସେଠାରେ ଲୋକାରଣ୍ୟ ହୋଇପଡିଥିଲା। ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନାଧିକାରୀ ସଞ୍ଜୀବ ମହାନ୍ତି ଓ ଏଏସଆଇ ବନମାଳୀ ବେଉରାଙ୍କ ସହ ପୋଲିସ ଫୋର୍ସ ଜଗି ରହିଥିଲେ। ଶେଷରେ ନିମ୍ବବୃକ୍ଷ ନିକଟକୁ କେହି ନ ଯିବା ପାଇଁ ବାରଣ କରିବା ସହ ବନଯାଗ ଯାତ୍ରାରେ ଆସିଥିବା ୧୫ରୁ ଊର୍ଦ୍ଧ୍ୱ ଦଇତାପତି ପୂର୍ବାହ୍ଣ ୧ଟାରେ ସାଲେପୁର ଅଭିମୁଖେ ଯାଇଥିଲେ। ସୂଚନାଯୋଗ୍ୟ, ଗତ ସୋମବାର ବନଯାଗ ଯାତ୍ରୀ ଉକ୍ତ ସ୍ଥାନକୁ ଆସି ଏହି ନିମ୍ବବୃକ୍ଷର ଅନୁଧ୍ୟାନ କରି ଫେରି ଯାଇଥିଲେ।

## ଦାରୁକୁ ଜଗି ରହିଛି ନାଗ


ଗଡ଼କଣ୍ଟୁଣିଆ(ହାରପୁର) କୁଆଖାଇ ନଦୀବନ୍ଧ ରାସ୍ତା ପାର୍ଶ୍ୱରେ ଥିବା ନିମ୍ବ ଗଛ ମୂଳରେ ରହିଥିବା ଏକ ନାଗସାପ।

ପୁରୀ ଅଫିସ/ବାଲକାଟି, (ଡି.ଏନ.ଏ.) – ଖୋର୍ଦ୍ଧା ଜିଲ୍ଲା ବାଳକାଟି ଅନ୍ତର୍ଗତ ହାରପୁର ନିକଟ ଗଡକଣ୍ଟୁଣିଆ ନଦୀବନ୍ଧ ରାସ୍ତାପାର୍ଶ୍ୱରେ ବନଯାଗ ଯାତ୍ରୀ ଏକ ଦାରୁ ଦେଖିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଦ୍ୱିତୀୟ ପର୍ଯ୍ୟାୟ ଅନୁଧ୍ୟାନ ଲାଗି ଦଇତାପତି ନିଯୋଗର ସଭାପତି ତଥା ଉପଦଳପତି ରାମକୃଷ୍ଣ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଉପଦଳପତି ଚନ୍ଦ୍ରଶେଖର ଦାସ ମହାପାତ୍ର, ସୂର୍ଯ୍ୟ ନାରାୟଣ ସ୍ୱାଇଁ ମହାପାତ୍ର, ସଞ୍ଜୟ ଦାସ ମହାପାତ୍ର ଏବଂ ନୂତନ ଦାସ ମହାପାତ୍ର ଯାଇଥିଲେ। ସେହି ସମୟରେ ଏକ ସାଢେ ୪ଫୁଟ ଲମ୍ବର ନାଗସାପ ଗଛମୂଳେ ରହିଥିଲା। ସାପଟି କିଛି ସମୟ ରହିବା ପରେ ଗଛ କୋରଡରେ ପଶିଯାଇଥିଲା। ଏହାପରେ ଦଇତାପତିମାନେ ଗଛକୁ ଅନୁଧ୍ୟାନ ଏବଂ ମାପଚୁପ କରି ଫେରିଥିଲେ। ସୂଚନାଯୋଗ୍ୟ ଯେ, ଗତ ସୋମବାର ବିଦ୍ୟାପତି ନରସିଂହ ପତି ମହାପାତ୍ର ଏବଂ ମନୋଜ କୁମାର ଦାସ ମହାପାତ୍ର ଢେଙ୍କାନାଳ ଜିଲାର ଖଡଗପ୍ରସାଦକୁ ଦାରୁ ଅନ୍ୱେଷଣରେ ଯାଇଥିଲେ। ସେଠାରେ ଏକ ନାଗ ସାପ ରହୁଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ମଙ୍ଗଳବାର ସାପ ବାହାରି ବୃକ୍ଷ ମୂଳେ ରହିବା ପରେ ଗ୍ରାମବାସୀ ଫଟୋ ଉତ୍ତୋଳନ କରି ବିଦ୍ୟାପତିଙ୍କ ନିକଟକୁ ପଠାଇଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଛି ଶବରପଲ୍ଲୀ

କାକଟପୁର,(ଡି.ଏନ୍.ଏ.)—ନବକଳେବର ଉତ୍ସବର ଦ୍ୱିତୀୟ ପର୍ବ ଦାରୁ ଅନ୍ୱେଷଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବନଯାଗୀ ଦଳ ବିଭିନ୍ନ ସ୍ଥାନ ଯାଇ ଦାରୁବୃକ୍ଷଗୁଡ଼ିକୁ ତନ୍ନ ତନ୍ନ କରି ପରଖି ଦେଉଳିମଠ ଫେରୁଛନ୍ତି। ସବୁଠି ସୃଷ୍ଟି ହେଉଛି ଏକ ନିଆରା ଭକ୍ତିମୟ ପରିବେଶ। ଏପଟେ ଦାରୁର ଠିକଣା ପାଇବା ପାଇଁ ଦେଉଳିମଠଠାରେ ଚାଲିଛି ଅହୋରାତ୍ର ପୂଜାର୍ଚ୍ଚନା। ପୂଜା ପାଉଛନ୍ତି ପ୍ରଭୁ ସୁଦର୍ଶନ। ତାଙ୍କ ସମ୍ମୁଖରେ ଗୀତଗୋବିନ୍ଦ ଗାନ ସାଙ୍ଗକୁ ଭଜନ, କୀର୍ତ୍ତନ ଆଦି ପରିବେଷଣ କରାଯାଉଛି। ଆଳତି ଉପଚାର ବିଧି ଅନୁଷ୍ଠିତ ହେଉଛି। ସେହିପରି ପ୍ରଭୁ ଅନନ୍ତ ବାସୁଦେବ ଓ ପ୍ରଭୁ ପତିତପାବନ ମଠରେ ପୂଜା ପାଉଥିବାବେଳେ ସେଠାରେ ମଧ୍ୟ ଗୀତା, ବେଦପାଠ, ଜଗନ୍ନାଥାଷ୍ଟକମ୍ ଆଦି ପାଠ କରାଯାଉଛି। ଏଥିସହ ଦୈନିକ ଅନ୍ନପ୍ରସାଦ ଭୋଗ ଲାଗି ହେଉଛି। ଆଧ୍ୟାତ୍ମିକ ବାତାବରଣରେ ଜଗନ୍ନାଥମୟ ହୋଇଉଠୁଛି ଦେଉଳିମଠ। ଭକ୍ତଗଣ ଏଠାକୁ ଆସି ଠାକୁର ଦର୍ଶନ ସହିତ ବନଯାଗୀମାନଙ୍କୁ ଦେଖିବାର ଅପୂର୍ବ ସୁଯୋଗ ଲାଭ କରୁଛନ୍ତି।


ମାମିନା ସାହୁ


ମମତା ମିଶ୍ର


ମାମି ସାହୁ


ହୃଦାନନ୍ଦ ଦାଶ


ଚକ୍ରଧର ପାଢ଼ୀ


ମୋହନ ଦାସ

### ଏ ସମ୍ପର୍କରେ କ'ଣ କୁହନ୍ତି ଭକ୍ତ...

ଶ୍ରୀଜୀଉଙ୍କ ନବକଳେବର ଉତ୍ସବ ଆରମ୍ଭ ହୋଇଯାଇଛି। ବନଯାଗ ଯାତ୍ରୀଙ୍କୁ ଦେଖିବା ପାଇଁ ମନରେ ଉତ୍କଣ୍ଠା ବୃଦ୍ଧିପାଇବାରୁ ଆମେ ଦେଉଳିମଠ ଆସିଛୁ। ଏଠାକାର ପରିବେଶ ପୁରୀ ଶ୍ରୀମନ୍ଦିର ଭଳି ଲାଗୁଛି। ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଛି ଶବରପଲ୍ଲୀ। ଏଣୁ ଏଠାରେ ପ୍ରଭୁ ସୁଦର୍ଶନଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେକରୁଛି।

*– ମାମିନା ସାହୁ, ସୁଧବାରିମୂଳ*

ଦେଉଳିମଠଠାରେ ୪ବାଡ଼ଗ୍ରାହୀଙ୍କ ସହ ଅନ୍ୟ ଦଇତାପତିମାନେ ଅବସ୍ଥାନ କରୁଛନ୍ତି। ଏଠାରେ ପ୍ରଭୁ ସୁଦର୍ଶନ ମଧ୍ୟ ପୂଜା ପାଉଛନ୍ତି। ପ୍ରତ୍ୟହ ଜପ, ତପ ସାଙ୍ଗକୁ ଭଜନ, କୀର୍ତ୍ତନ ପରିବେଷଣ କରାଯାଉଥିବାରୁ ଦେଉଳିମଠ ଶ୍ରୀମନ୍ଦିରର ଭ୍ରମ ସୃଷ୍ଟି କରୁଛି। ନିଆରା ଆଧ୍ୟାତ୍ମିକ ପରିବେଶରେ ମନରେ ଭକ୍ତିଭାବ ଜନ୍ମୁଛି। ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଯେଉଁ ପରମତୃପ୍ତି ମିଳେ, ଏହିଠାରେ ହିଁ ତାହା ମିଳିଯାଉଛି।

*– ମମତା ମିଶ୍ର, ଜିଓଳ*

ମା' ମଙ୍ଗଳାଙ୍କୁ ଦର୍ଶନ କରିବାକୁ ଆସିଥିଲୁ। ଶୁଣିଲି ବନଯାଗ ଯାତ୍ରୀ ଦେଉଳିମଠଠାରେ ଅବସ୍ଥାନ କରୁଛନ୍ତି। ଏଣୁ ଦେଖିବାକୁ ଚାଲିଆସିଲୁ। ପରମ ଆନନ୍ଦ ଅନୁଭବ କରୁଛୁ। ସବୁଠି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ବିଷୟରେ ଆଲୋଚନା ଚାଲିଛି। ଏତେ ପାଖରେ କେବେ ପ୍ରଭୁ ସୁଦର୍ଶନଙ୍କୁ ଦର୍ଶନ କରି ନ ଥିଲି। ଏଠାରେ ସେ ସୁଯୋଗ ମିଳିପାରିଛି। ଶ୍ରୀଜୀଉମାନଙ୍କ ବଂଶଧର ଦଇତାପତିଙ୍କ ସହିତ ମିଶି ସେମାନଙ୍କ ଆଶୀର୍ବାଦ ନେବା ଭାଗ୍ୟରେ ଥିଲେ ମିଳିଥାଏ। ବାସ୍ତବିକ୍ ଜୀବନ ମୋର ଧନ୍ୟ ହୋଇଯାଇଛି।

*– ମାମି ସାହୁ, ତୁଳସୀପୁର*

ଦାରୁ ଅନ୍ୱେଷଣରେ ବାହାରିଥିବା ବନଯାଗ ଯାତ୍ରୀ ଦଳ ଦେଉଳିମଠଠାରେ ଅବସ୍ଥାନ କରୁଛନ୍ତି। ମଠ ପରିସରରେ ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ ମହାପ୍ରଭୁଙ୍କ ଦର୍ଶନ ମିଳିପାରୁଛି। ଉଭୟ ମଠ ଏବଂ ମା' ମଙ୍ଗଳାଙ୍କ ମନ୍ଦିରରେ ପ୍ରତ୍ୟହ ଚଣ୍ଡିପାଠ ସାଙ୍ଗକୁ ଭଜନ, କୀର୍ତ୍ତନ ପରିବେଷଣ କରାଯାଉଛି। ଜୟ ଜଗନ୍ନାଥ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଛି। ଲାଗୁଛି, ସତେଯେପରି ସ୍ଥାନଟି ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଛି।

*– ହୃଦାନନ୍ଦ ଦାଶ, ସାନହୁଲି*

ଦେଉଳିମଠ ବଣଜଙ୍ଗଲରେ ପୂର୍ଣ୍ଣ ହୋଇଥିଲା। ଏବେ ତା'ର ରୂପ ବଦଳିଯାଇଛି। ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ପ୍ରତ୍ୟହ ଚଣ୍ଡିପାଠ, ବେଦପାଠ ଓ ଗୀତାପାଠ ଚାଲିଥିବାବେଳେ ମନରେ ଭକ୍ତିଭାବ ଜାଗ୍ରତ ହେଉଛି। ଚାରିଆଡ଼େ ମହାପ୍ରଭୁଙ୍କ ନାମ ଉଚ୍ଚାରଣ ପରିବେଶକୁ ଜଗନ୍ନାଥମୟ କରିପକାଉଛି। ସତରେ ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ଯାହା ସବୁ ହେଉଛି, ସବୁ ତାଙ୍କରି ଇଚ୍ଛାରେ।

*– ଚକ୍ରଧର ପାଢ଼ୀ, ଶଙ୍କରେଶ୍ୱର*

ଦେଉଳିମଠଠାରେ ବନଯାଗୀମାନେ ରହିବା ଦିନରୁ ମୁଁ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଏଠାକୁ ଆସୁଛି। ପ୍ରଭୁ ଅନନ୍ତ ବାସୁଦେବ, ପ୍ରଭୁ ପତିତପାବନ ଓ ପ୍ରଭୁ ସୁଦର୍ଶନଙ୍କ ଦର୍ଶନ କରି ଅପୂର୍ବ ଶାନ୍ତି ଅନୁଭବ କରୁଛି। ଦଇତାପତିମାନଙ୍କ ସହିତ ମିଶି କଥାହୋଇ ମନ ଓ ହୃଦୟ ପବିତ୍ର ହୋଇଉଠୁଛି। ପ୍ରକୃତରେ ସ୍ଥାନଟି ଦ୍ୱିତୀୟ ଶ୍ରୀକ୍ଷେତ୍ର ପରି ମନେହେଉଛି। ଜୟ ଜଗନ୍ନାଥ।

*– ମୋହନ ଦାସ, କୁଣ୍ଡେଇ*

## ନୂଆ କାଚରାମାଳରେ ଦାରୁ ଅନ୍ୱେଷଣ

ବାଲିଅନ୍ତା, (ଡି.ଏନ୍.ଏ.) – ଦାରୁ ଅନ୍ୱେଷଣରେ ବନଯାଗୀ ଦଳ ଶୁକ୍ରବାର ଫୁଲନଖରା ନିକଟସ୍ଥ ନୂଆ କାଚରାମାଳ ଗ୍ରାମରେ ପହଞ୍ଚିଥିଲେ। ସକାଳେ ଗୋଟିଏ ଦଳ ଆସିଥିଲେ। ଅପରାହ୍ଣରେ ଦଳପତି ହଳଧର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ୬ଜଣିଆ ଦଳ ଏଠାରେ ପହଞ୍ଚି ରତ୍ନାକର ଓଝାଙ୍କ ବାଡିରେ ଥିବା ଏକ ପୁରୁଣା ନିମ୍ବ ବୃକ୍ଷକୁ ଅନୁଧ୍ୟାନ କରିଥିଲେ। ପ୍ରାୟ ୨୦ ମିନିଟ ଧରି ଦଳ ନିମ୍ବ ବୃକ୍ଷର ଲକ୍ଷଣ ଟିକିନିଖି ପରଖିଥିଲେ। ଗତ ଦୁଇ ଦିନ ମଧ୍ୟରେ ଦାରୁ ଅନ୍ୱେଷଣକାରୀ ଦଳ ଏହି ସ୍ଥାନକୁ ୩ଥର ଆସିବା ନେଇ ଗ୍ରାମବାସୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଲୋକେ ନିମ୍ବ ବୃକ୍ଷ ନିକଟରେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି।


ଶୁକ୍ରବାର କାକଟପୁର ଦେଉଳିମଠରେ ଦାରୁ ଅନ୍ୱେଷଣ ସାରି ଫେରିଥିବା ଦଳପତି ହଳଧର ଦାସମହାପାତ୍ର ଓ

କାଚରାମାଳ ଗ୍ରାମରେ ଜଣେ ମହିଳା ସମ୍ଭାବ୍ୟ ଦାରୁକୁ ପୂଜା କରୁଛନ୍ତି।


## ଦାରୁ ଚିହ୍ନଟ ହେଲେ ଆଉ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ

ଗୋପ, (ଡି.ଏନ୍.ଏ.) – ମହାପ୍ରଭୁଙ୍କ ନବକଳେବର ଉପଲକ୍ଷେ ବନଯାଗ ଯାତ୍ରାର ତୃତୀୟ ପର୍ଯ୍ୟାୟ ଦାରୁ ଅନ୍ୱେଷଣ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକ ଗଣେଶ୍ୱରପୁର ଗ୍ରାମକୁ ଦାରୁ ଅନ୍ୱେଷଣରେ ଯାଇଥିବା ଦଇତାପତି ସେବକମାନେ ୩ଥର ପରୀକ୍ଷା ନିରୀକ୍ଷା କରି ଫେରିଛନ୍ତି। ତେବେ ଏହି ଗ୍ରାମରେ ଥିବା ନିମ୍ବ ବୃକ୍ଷ ଯଦି ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦାରୁ ନିର୍ମାଣରେ ଲାଗିବ ତେବେ ଏଠାରେ ଆଉ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ଗ୍ରାମବାସୀ ଅଣ୍ଟା ଭିଡିବେ ବୋଲି ଗ୍ରାମ କମିଟି ସଭାପତି ଲିଙ୍ଗରାଜ ହୋତା, ରବି ପଣ୍ଡା, ବିଷ୍ଣୁପ୍ରିୟା ହୋତା, ପୀତାମ୍ବର ହୋତା ଓ ଲିଟୁ ନନ୍ଦ ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, ଷୋଡଶ ଶତାବ୍ଦୀରେ ଏହି ଗଣେଶ୍ୱରପୁର ଗ୍ରାମରେ ରାଜା ପ୍ରତାପରୁଦ୍ର ଦେବ ୪୦ ଫୁଟ ଉଚ୍ଚତାର ପଞ୍ଚରଥ ଶୈଳୀରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ସେହି ସମୟରୁ ଏହି ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଉଛନ୍ତି। ଏହି ଗ୍ରାମର ନାଗା ନାଚ ସହ ପୁରୀ ସାହି ଯାତର ସମ୍ପର୍କ କାହିଁ କେଉଁ କାଳରୁ ରହିଛି। ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ ପାଳନ କରାଯାଉଥିବାବେଳେ ଗ୍ରାମର ଗୋପାଳଜୀଉଙ୍କ ପୀଠରେ ମଧ୍ୟ ଅନୁଷ୍ଠିତ ହୋଇଥାଏ। ମୁଖ୍ୟତଃ ଏହି ଗ୍ରାମ ବ୍ରାହ୍ମଣଶାସନ ଗ୍ରାମ ଭାବେ ଜଣାଶୁଣା। ଗତ ୪, ୮ ଓ ୯ ତାରିଖରେ ଦଳପତି ହଳଧର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ଦାରୁ ଅନ୍ୱେଷଣ ଟିମ୍ ଗଣେଶ୍ୱରପୁର ଗ୍ରାମର ରଘୁନାଥ ମହାନ୍ତିଙ୍କ ବାଡିରେ ଥିବା ନିମ୍ବ ବୃକ୍ଷ ପରଖିଥିଲେ। ବୃକ୍ଷ ନିକଟରେ ଜଳାଶୟ, ଶ୍ମଶାନ ଆଦି ଦାରୁର ଲକ୍ଷଣ ରହିଥିବା କୁହାଯାଇଛି। ଏବେ ନିମ୍ବ ବୃକ୍ଷ ନିକଟରେ ଭଜନ କୀର୍ତ୍ତନ ଚାଲୁ ରହିଛି।

## ନବକଳେବରର ତ୍ରୟୋଦଶ ବିଧି

# ଦଇତାପତିଙ୍କ କୌଳିକ ମାପରେ ନିର୍ମିତ ହୋଇଥାନ୍ତି ମହାପ୍ରଭୁ

ପୁରୀ ଅଫିସ: ବିଭିନ୍ନ ଗ୍ରନ୍ଥ, ପୁରାଣ ଓ ପୋଥିରେ ନବକଳେବର ବନଯାଗ ବିଧି ସମ୍ପର୍କରେ ବର୍ଣ୍ଣନା ଦେଖାଯାଏ। ଏହି ନବକଳେବର ଲୀଳା ଶାସ୍ତ୍ରାନୁସାରେ ୧୩ଗୋଟି ବିଧିରେ ସମ୍ପନ୍ନ ହୋଇଥାଏ। ଏହାର ପ୍ରଥମ ବିଧି ହେଉଛି ବନଯାଗ ଯାତ୍ରା। ଦ୍ୱିତୀୟ ବିଧି ମହାଦାରୁ ଚିହ୍ନଟ। ତୃତୀୟ ବିଧି ହେଉଛି ଶବର ପଲ୍ଲୀ ନିର୍ମାଣ। ଦାରୁ ଚିହ୍ନଟ ହେଲେ ବୃକ୍ଷର ପଶ୍ଚିମ ଦିଗରେ ଶବର ପଲ୍ଲୀ ନିର୍ମାଣ ହୁଏ। ଦଇତା ସେବକମାନେ ଏହିଠାରେ ଅବସ୍ଥାନ କରନ୍ତି। ସେଠାରେ ମଧ୍ୟ କେତେକ ଗୁପ୍ତ ଜପ ବିଧି ରହିଛି। ଚାରିଟି ଯାକ ଦାରୁ ଚିହ୍ନଟ ହେଲେ ଚାରିଟି ଶବରପଲ୍ଲୀ ନିର୍ମିତ ହୋଇଥାଏ। ଚତୁର୍ଥରେ ପାରମ୍ପରିକ ବୈଦିକ କର୍ମ ଭାବେ ଦାରୁ ଚିହ୍ନଟ ହେବା ପରେ ବୃକ୍ଷ ମୂଳରେ ଯଜ୍ଞମଣ୍ଡପ ପ୍ରସ୍ତୁତ କରାଯାଏ। ୧୦୮ଥର ମନ୍ତ୍ରରାଜ ମନ୍ତ୍ରରେ ଆହୁତି ଦିଆଯିବା ପରେ କେତେକ ଗୁପ୍ତ କର୍ମକାଣ୍ଡ ବିଧି କରାଯାଇଥାଏ। ପଞ୍ଚମରେ ଦାରୁ ଚିହ୍ନଟ ହୋଇଥିବା ସ୍ଥାନରେ ଗୋବରରେ ଲିପାଯାଇ ଦାରୁ ସ୍ନାନ କରାଯାଇଥାଏ। ନିର୍ଦ୍ଦିଷ୍ଟ ଲକ୍ଷଣ ଯୁକ୍ତ ଦାରୁଙ୍କୁ ସେହି ଠାକୁରଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ଏହାପରେ ସେଠାରେ ହୋଇଥିବା ଯଜ୍ଞରେ ଅଭିମନ୍ତ୍ରିତ ହୋଇଥିବା ସୁନା କୁରାଢି ମହାଦାରୁଙ୍କୁ ସ୍ପର୍ଶ କରାଯାଏ। ତା' ପରେ ରୁପା କୁରାଢି ଛୁଆଁଯାଇ ଲୁହା କୁରାଢିରେ ବିଶ୍ୱକର୍ମାମାନେ ଦାରୁ ଛେଦନ କରିଥାନ୍ତି। ଷଷ୍ଠରେ ଦାରୁ ଛେଦନ ପରେ ଡାଳ ଓ ପତ୍ରକୁ ବୈଦିକ ରୀତିରେ ପାତାଳି କରାଯାଏ। ମହାଦାରୁଙ୍କୁ ଚଉପଟ କରି ନୂତନ ଶଗଡିରେ ପାଟକନା ଗୁଡାଯାଇ ବିନା ପଶୁରେ ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ରକୁ ବିଜେ କରାଯାଏ। ସପ୍ତମରେ ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ମଧ୍ୟରେ ସାତଟି ଅସ୍ଥାୟୀ ମଣ୍ଡପ ବା ଗୃହ ନିର୍ମାଣ କରାଯାଏ। ଯାହାକୁ କାରୁଶାଳା କୁହନ୍ତି। ଏହି ମଣ୍ଡପ ଗୁଡିକ ହେଲା, ନିର୍ମାଣ ମଣ୍ଡପ, ପ୍ରତିଷ୍ଠା ମଣ୍ଡପ, ନୃସିଂହ ମଣ୍ଡପ, ଦାରୁ ମଣ୍ଡପ, ସମ୍ଭାର ମଣ୍ଡପ, ସ୍ନାନ ମଣ୍ଡପ ଓ ଅଧିବାସ ମଣ୍ଡପ। ପ୍ରତିଷ୍ଠା ମଣ୍ଡପ ବା ଯଜ୍ଞ ମଣ୍ଡପର ମଧ୍ୟସ୍ଥଳରେ ଯଜ୍ଞକୁଣ୍ଡ ନିର୍ମିତ ହୋଇଥାଏ। ଅଷ୍ଟମରେ ନିର୍ମାଣ ମଣ୍ଡପରେ ମହାପ୍ରଭୁଙ୍କର ବିଶ୍ୱକର୍ମାମାନେ ନୂତନ ବିଗ୍ରହ ନିର୍ମାଣ କରିଥାନ୍ତି। ଦଇତା ମାନଙ୍କ ଘରେ ଥିବା କୌଳିକ ମାପ ଅନୁଯାୟୀ ଶ୍ରୀବିଗ୍ରହ ନିର୍ମିତ ହୋଇଥାଏ। ନବମରେ ଘଟ ପରିବର୍ତ୍ତନ ବିଧି ଅନୁଷ୍ଠିତ ହୋଇଥାଏ। ଏହି ବିଧିକୁ ବ୍ରହ୍ମସୋବ ବିଧି ମଧ୍ୟ କୁହାଯାଏ। ବାଡଗ୍ରାହୀମାନେ ଗୁପ୍ତ ବିଧିରେ ବ୍ରହ୍ମ ପରିବର୍ତ୍ତନ କରିଥାନ୍ତି। ଦଶମରେ ପାତାଳି ଲୀଳା ବିଧି ସମ୍ପାଦିତ ହୋଇଥାଏ। ଏହାକୁ ମଧ୍ୟ ଗୋଲକ ଲୀଳା ବିଧି କୁହାଯାଏ। ବ୍ରହ୍ମ ପରିବର୍ତ୍ତନ ପରେ ପୁରାତନ ଚାରି ବିଗ୍ରହଙ୍କୁ କୋଇଲି ବୈକୁଣ୍ଠ ବା ମହାଶ୍ମଶାନ 'ଶ୍ରୀମନ୍ଦିର ପରିସରସ୍ଥ ଶ୍ମଶାନ' ରେ ଦଇତାମାନେ ଗୁପ୍ତ ଭାବେ ଏହି ଲୀଳା କରିଥାନ୍ତି। ପୁରାତନ ବିଗ୍ରହମାନଙ୍କ ସହିତ ରଥର ଘୋଡା, ସାରଥୀ, ପାର୍ଶ୍ୱ ବିଗ୍ରହ ଇତ୍ୟାଦି ଓ ପୁରାତନ ମାଧବ ବିଗ୍ରହଙ୍କୁ ପାତାଳି ଦିଆଯାଏ। ଏକାଦଶରେ ଦଇତାଙ୍କର ଶୁଦ୍ଧିକ୍ରିୟା ବିଧି ପାଳନ କରାଯାଇଥାଏ। ପାତାଳି ଲୀଳା ପରେ ଦଇତାପତିମାନେ ପରିବାର ସହିତ ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି। ଦ୍ୱାଦଶରେ ମହାଅଣସର ବିଧି ହୋଇଥାଏ। ଶୁଦ୍ଧିକ୍ରିୟା ପରେ ନୂତନ ବିଗ୍ରହଙ୍କର ଗୁପ୍ତ ଅଣସର ବିଧି ଦଇତାପତିମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ। ଏହା ସମ୍ପୂର୍ଣ୍ଣଭାବେ ଗୁପ୍ତ ହୋଇଥିବାରୁ ଏହି ବିଧିର ଆଲୋଚନା କରାଯାଏନାହିଁ। ତ୍ରୟୋଦଶ ବିଧିରେ ନେତ୍ରସୋବ ଓ ନବଯୌବନ ବିଧି ପାଳନ କରାଯାଇଥାଏ। ମହାଅଣସର ବିଧିର ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କ ନେତ୍ରସୋବ ହୋଇଥାଏ। କେତେକ ସ୍ୱତନ୍ତ୍ର ନୀତି ହେବା ପରେ ମହାପ୍ରଭୁ ନବଯୌବନ ବେଶରେ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି। ପରେ ନୂତନ ବିଗ୍ରହମାନେ ନୂଆ ରଥରେ ବିଜେ କରି ପ୍ରଥମ ଆବିର୍ଭାବ ତଥା ଆଡପ ମଣ୍ଡପକୁ ଯାତ୍ରା କରନ୍ତି। ଏହି ଯାତ୍ରା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଭାବରେ ବିଦିତ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି।


୧୯୬୯ ନବକଳେବର ସମୟରେ ଶ୍ରୀକ୍ଷେତ୍ରକୁ ଦାରୁ ବିଜେ ଅବସରରେ ଅଠରନଳା ନିକଟ ଆଲାମଚଣ୍ଡୀ ମନ୍ଦିର ପାଖରେ ପହଞ୍ଚିଥିବା ଶଗଡ଼ି। (ଫଟୋ: ସ୍ୱର୍ଗତ ଆଶୁତୋଷ ସିଦ୍ଧା)

NABAKALEBARA - 2015

## ଖରିପଡ଼ିଆରେ ତୃତୀୟଥର ପହଞ୍ଚିଲେ ବନଯାଗୀ


ଖରିପଡ଼ିଆରେ ଚିହ୍ନଟ ହୋଇଥିବା ସମ୍ଭାବ୍ୟ ଦାରୁ।

ରଘୁନାଥପୁର, (ଡି.ଏନ୍.ଏ.) – ନବକଳେବର ପାଇଁ ସମ୍ଭାବ୍ୟ ଦାରୁଙ୍କୁ ନେଇ ରଘୁନାଥପୁର ଅଞ୍ଚଳବାସୀଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି। ଶନିବାର କାକଟପୁର ଦେଉଳିମଠରୁ ବନଯାଗ ଯାତ୍ରୀ ତୃତୀୟଥର ପାଇଁ ଏହି ବ୍ଲକ୍ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତର ଖରିପଡ଼ିଆରେ ପହଞ୍ଚିବା ପରେ ଏପରି ଉତ୍କଣ୍ଠା ଓ ବିଶ୍ୱାସ ବଢ଼ିଯାଇଛି। ତିନୋଟି ଗାଡ଼ିରେ ୧୫ରୁ ଊର୍ଦ୍ଧ୍ୱ ବନଯାଗୀ ପୂର୍ବାହ୍ନ ୧୦ଟା ୩୦ରେ ପହଞ୍ଚିଥିଲେ। ନିମ୍ବବୃକ୍ଷର ଚତୁଃପାର୍ଶ୍ୱ ପରିକ୍ରମା କରି ଟିକିନିଖି ଅନୁଧ୍ୟାନ କରିଥିଲେ। ଖବର ପ୍ରଚାରିତ ହେବା ପରେ ଉକ୍ତ ସ୍ଥାନ ଲୋକାରଣ୍ୟ ହୋଇପଡ଼ିଥିଲା। ହରିବୋଲ ହୁଳହୁଳି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ସମସ୍ତଙ୍କ ମନରେ ଉକ୍ତ ବୃକ୍ଷ ମହାପ୍ରଭୁଙ୍କ ଦାରୁ ବୋଲି ବିଶ୍ୱାସ ଜାତ ହୋଇଥିଲା। ତେବେ ବନଯାଗ ଯାତ୍ରୀ ଏ ସମ୍ପର୍କରେ କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ। ସେମାନେ ଉକ୍ତ ବୃକ୍ଷକୁ ଦେଖି ସନ୍ତୁଷ୍ଟ ଥିବା ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁମହାପାତ୍ର ପ୍ରକାଶ କରିଥିଲେ। ବୃକ୍ଷ ନ ଛୁଇଁବା ଓ ନିକଟରେ ଭଜନକୀର୍ତ୍ତନ ଜାରି ରଖିବା ପାଇଁ ବନଯାଗ ଯାତ୍ରୀମାନେ କହିଯାଇଥିବା ଗ୍ରାମବାସୀ ଅରକ୍ଷିତ ମଲ୍ଲିକ, ବଳରାମ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ ଓ କାର୍ତ୍ତିକ ମଲ୍ଲିକ ପ୍ରକାଶ କରିଛନ୍ତି। ପୂର୍ବରୁ ଗତ ସୋମବାର ଓ ଶୁକ୍ରବାର ଉକ୍ତ ସ୍ଥାନକୁ ବନଯାଗୀ ଦଳ ଆସି ନିମ୍ବବୃକ୍ଷକୁ ବୁଲି ଲକ୍ଷଣ ଦେଖିବା ସହ ତଥ୍ୟ ସଂଗ୍ରହ କରି ଫେରିଥିଲେ।

# ଶବରପଲ୍ଲୀରେ ଡିଜିପିଙ୍କ ସମୀକ୍ଷା


ଦେଉଳିମଠରେ ଡିଜିପି ସଞ୍ଜୀବ ମାରିକ ଦଇତାପତିଙ୍କ ସହ ଆଲୋଚନା କରୁଛନ୍ତି।

ପୁରୀ ଅଫିସ/କାକଟପୁର (ଡି.ଏନ.ଏ.)– ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସଞ୍ଜୀବ ମାରିକ ଶନିବାର ସକାଳେ ଦେଉଳିମଠସ୍ଥିତ ଶବରପଲ୍ଲୀକୁ ଯାଇଥିଲେ। ସେଠାରେ ବରିଷ୍ଠ ଦଇତାପତିମାନଙ୍କ ସହିତ ଦାରୁ ସ୍ଥଳ ଏବଂ ଶ୍ରୀକ୍ଷେତ୍ରକୁ ଦାରୁ ଆସିବା ବେଳେ କ'ଣ ସୁରକ୍ଷା ବ୍ୟବସ୍ଥା ରହିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଥିଲେ।
ପୋଲିସ ମହାନିର୍ଦ୍ଦେଶକ ଶବରପଲ୍ଲୀକୁ ଯାଇ ଚକ୍ରରାଜ ସୁଦର୍ଶନ ଏବଂ ଅନନ୍ତ ବାସୁଦେବଙ୍କୁ ଦର୍ଶନ କରିଥିଲେ। ଏହାପରେ ବିଶ୍ୱାବସୁ ଏବଂ ବରିଷ୍ଠ ଦଇତାପତିମାନଙ୍କ ପାଦସ୍ପର୍ଶ କରି ପ୍ରଣାମ କରିଥିଲେ। ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଶ୍ୱାବସୁ, ବିଦ୍ୟାପତି, ବାଡଗ୍ରାହୀ, ଦଳପତି, ଉପଦଳପତି, ନିଯୋଗର ସଭାପତି ଓ ସମ୍ପାଦକ ଏବଂ ବରିଷ୍ଠ ଦଇତାପତିମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ନିମାପଡା ଏସ୍‌ଡିପିଓ ସୁବାସ ମହାନ୍ତି ଏବଂ କାକଟପୁର ଥାନା ଅଧିକାରୀ ରବିନାରାୟଣ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ମହା ନିର୍ଦ୍ଦେଶକ ଗଣମାଧ୍ୟମକୁ କହିଥିଲେ, ଦାରୁ ଘୋଷଣା ପରେ ଦାରୁସ୍ଥଳଗୁଡିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଦାରୁ ଚତୁଃପାର୍ଶ୍ୱରେ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ନିର୍ମାଣ ହେବ। ଭକ୍ତମାନେ ଯେଭଳି ଦାରୁଙ୍କୁ ସୁବିଧାରେ ଦର୍ଶନ କରିବେ ସେଥିଲାଗି ବ୍ୟବସ୍ଥା ହେବ। ଚାରି ଦାରୁ ଶ୍ରୀକ୍ଷେତ୍ର ଆସିବା ବେଳେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯିବ।

## ବନଯାଗ ଯାତ୍ରାରେ ୪ ଶଗଡ଼

# ବର୍ଷାରେ ଭିଜିଲେ ୮ ବଳଦ

ପୁରୀ ଅଫିସ/କାକଟପୁର(ଡି.ଏନ.ଏ.)– ବନଯାଗ ଯାତ୍ରାରେ ଏଥର ୪ଟି ଶଗଡ ସାମିଲ ହୋଇଛି। ବନଯାଗ ଯାତ୍ରୀଙ୍କ ସହିତ ଶବରପଲ୍ଲୀରେ ଶଗଡ, ଶଗଡିଆ ଏବଂ ବଳଦ ମଧ୍ୟ ରହିଛନ୍ତି। ୪ଟି ଶଗଡର ୮ଟି ବଳଦକୁ ଏକ ଗଛ ମୂଳେ ବନ୍ଧା ଯାଉଥିବାବେଳେ ସେମାନଙ୍କ ଲାଗି କୌଣସି ବ୍ୟବସ୍ଥା ହୋଇନାହିଁ। ଶନିବାର ସନ୍ଧ୍ୟାରେ କାକଟପୁର ଅଞ୍ଚଳରେ ଝଡତୋଫାନ ଏବଂ ଘଡଘଡି ସହିତ ପ୍ରବଳ ବର୍ଷା ହୋଇଥିଲା। ବର୍ଷାରେ ବଳଦଗୁଡିକ ଭିଜି ଥିଲେ। ପରବର୍ତ୍ତୀ ସମୟରେ ଶବରପଲ୍ଲୀ ବାହାର ପାର୍ଶ୍ୱରେ ହୋଇଥିବା ଏକ ଟେଣ୍ଟରେ କିଛି ସମୟ ପାଇଁ ରଖାଯାଇଥିଲା।


ଦେଉଳିମଠରେ ବର୍ଷାରେ ଭିଜୁଥିବା ବଳଦ।

# ବାସୁଙ୍ଗା ପାଟ ଦଉଡ଼ିରେ ବନ୍ଧା ହୋଇ ଆସେ ଦାରୁ

- ୪ ଦାରୁଙ୍କ ଲାଗି ୨୨ ପାଟ ଦଉଡ଼ି ପ୍ରସ୍ତୁତ
- ଆଜି ଯିବ ଦେଉଳିମଠ

ପୁରୀ ଅଫିସ: ଶଗଡ଼ିରେ ଶ୍ରୀକ୍ଷେତ୍ର ଆସିବ ଦାରୁ। ଦାରୁ ଛେଦନ ଓ ଚଉପଟ ପରେ ଶଗଡ଼ିରେ ଲଦାଯାଇଥାଏ। ଏହା ଉପରେ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ ଘୋଡାଯିବା ପରେ ବାସୁଙ୍ଗା ପାଟ ଦଉଡ଼ିରେ ବନ୍ଧାଯାଇଥାଏ। ଦାରୁ ଆସିବା ଲାଗି ଶଗଡି ନିର୍ମାଣ ପାଇଁ ନୟାଗଡରେ ବରଗଛ କଟାଯାଉଥିବା ବେଳେ ଶ୍ରୀମନ୍ଦିରରେ ୪ ଦାରୁଙ୍କ ପାଇଁ ୨୨ଟି ବାସୁଙ୍ଗା ପାଟ ଦଉଡି ପ୍ରସ୍ତୁତ କରାଯାଇଛି। ଏହି ପାଟ ଦଉଡି ରବିବାର ସକାଳେ ଦେଉଳି ମଠ ପଠାଯିବ ବୋଲି ଜଣାପଡିଛି।
ଶବର ଏବଂ ବୈଦିକ ସଂସ୍କୃତିର ମହାମିଳନ ନବକଳେବର। ମହାପ୍ରଭୁଙ୍କ ଏହି ମହାଜାଗତିକ ଲୀଳାର ଆଦ୍ୟପର୍ବ ବନଯାଗ ଯାତ୍ରା। ଚୈତ୍ର ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇଛି ବନଯାଗ ଯାତ୍ରା। ଆଉ ଏହି ପବିତ୍ର ତିଥିଠାରୁ ଦାରୁଙ୍କ ଲାଗି ଆରମ୍ଭ ହୁଏ ବାସୁଙ୍ଗା ପାଟ ଦଉଡି ପ୍ରସ୍ତୁତି। ଶ୍ରୀମନ୍ଦିର ପାଟରା ବିଶୋୟୀ ନିଯୋଗର ସମ୍ପାଦକ ଜଗନ୍ନାଥ ପାତ୍ର କୁହନ୍ତି, ଦାରୁଙ୍କ ଲାଗି ପାଟ ଦଉଡି ନିର୍ମାଣ ପାଇଁ ବାସୁଙ୍ଗା ପାଟ ସୂତା ଶ୍ରୀମନ୍ଦିର ପ୍ରଶାସନ ଯୋଗାଇଥାନ୍ତି। ଚୈତ୍ର ଶୁକ୍ଳ ଦଶମୀ ଦିନ ପାଟସୂତା ନେଇ ଆମେ ଶ୍ରୀମନ୍ଦିରକୁ ଯାଉ। ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ବାସୁଙ୍ଗା ପାଟ ସୂତାରେ ଦଉଡି ନିର୍ମାଣ ହୁଏ। ପ୍ରତ୍ୟହ ୧୫ରୁ ୨୦ଜଣ ପାଟରା ବିଶୋୟୀ ସେବକ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ପାଟ ଦଉଡି ପ୍ରସ୍ତୁତ କରନ୍ତି। ପ୍ରସ୍ତୁତି ବେଳେ ପାଟରା ସେବକମାନେ ହବିଷାନ୍ନ କରିଥାନ୍ତି। ବର୍ତ୍ତମାନ ୪ ଦାରୁଙ୍କ ଲାଗି ୨୨ ଦଉଡି ପ୍ରସ୍ତୁତି ସରିଛି। ରବିବାର ବାସୁଙ୍ଗା ପାଟ ଦଉଡି ଦେଉଳିମଠ ପଠାଯିବ ବୋଲି ସେ କହିଛନ୍ତି। ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କୁହନ୍ତି, ବର୍ତ୍ତମାନ ଦାରୁ ଖୋଜା ପ୍ରକ୍ରିୟା ସରିଛି। ୮ ଦାରୁ ଚୟନ ହୋଇଛି। ସେଥିରୁ ୪ଟି ବଛାଯିବ। ପ୍ରଥମେ ସୁଦର୍ଶନ, ତା'ପରେ ବଳଭଦ୍ର, ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ଦାରୁ ଘୋଷଣା ହେବ। ଦାରୁ ମୂଳେ ଯଜ୍ଞ ଓ ପୂଜାର୍ଚ୍ଚନା ପରେ ବିଧି ମୁତାବକ ଛେଦନ କରାଯିବ। ଏହାପରେ ଦାରୁ ଚଉପଟ ହୋଇ ଶଗଡିରେ ରଖି ଶ୍ରୀକ୍ଷେତ୍ରକୁ ଅଣାଯିବ। ଶଗଡିରେ ଦାରୁ ରଖାଯିବା ପରେ ସେଥିରେ ମହାପ୍ରଭୁଙ୍କ ଖଣ୍ଡୁଆ ଘୋଡାଇ ବାସୁଙ୍ଗା ପାଟ ଦଉଡିରେ ବନ୍ଧାଯିବାର ବିଧି ରହିଛି। ଏପରିକି ଶଗଡିରେ ଲଦା ଦାରୁରେ ଖଣ୍ଡୁଆ ଘୋଡାଯିବା ପରେ ଦାରୁକୁ ଆଉ କେହି ଦେଖିପାରିବେ ନାହିଁ। ମହାପ୍ରଭୁଙ୍କ ଲୀଳା ବିଚିତ୍ର। ମହାପ୍ରଭୁ ବାସୁଙ୍ଗା ପାଟର ପଇତା ଧାରଣ କରନ୍ତି। ଅଣସର ବେଳେ ମହାପ୍ରଭୁଙ୍କ ନିର୍ମାଣରେ ମଧ୍ୟ ବାସୁଙ୍ଗା ପାଟ ବ୍ୟବହୃତ ହୁଏ। ଏପରିକି ରଥଯାତ୍ରାରେ ମହାପ୍ରଭୁଙ୍କ ପହଣ୍ଡି ବେଳେ ବାସୁଙ୍ଗା ପାଟ ଦଉଡି ବ୍ୟବହାର ହୋଇଥାଏ ବୋଲି ସେ କହିଛନ୍ତି।



ପାଟରା ସେବକମାନେ ଦଉଡି ପ୍ରସ୍ତୁତି ଲାଗି ବାସୁଙ୍ଗା ପାଟ ଶ୍ରୀମନ୍ଦିରକୁ ନେଉଛନ୍ତି।


ବନଯାଗଯାତ୍ରାରେ ଆସିଥିବା ବିଶ୍ୱକର୍ମା ମହାରଣା।

# ଦେଉଳିମଠରେ ସାପକୁ ନେଇ ଚର୍ଚ୍ଚା



ପୁରୀ ଅଫିସ/କାକଟପୁର (ଡି.ଏନ.ଏ.)– ନବକଳେବରର ଆଦ୍ୟପର୍ବ ବନଯାଗ ଯାତ୍ରା। ବନଯାଗ ଯାତ୍ରା ଇତିମଧ୍ୟରେ ୧୫ଦିନରେ ପହଞ୍ଚିଛି। ମା' ମଙ୍ଗଳାଙ୍କ ମାଜଣା ଦିନଠାରୁ ଏ ଯାଏ ନାଗସାପକୁ ନେଇ ଲାଗି ରହିଛି ଚର୍ଚ୍ଚା। ଶନିବାର ସନ୍ଧ୍ୟାରେ ଦେଉଳିମଠ ନିକଟରେ ଏକ ନାଗସାପ ଦେଖିବାକୁ ମିଳିଥିଲା। ଏହି ନାଗସାପ ଦେଖାଯିବା ଶୁଭ ଲକ୍ଷଣ ବୋଲି ବରିଷ୍ଠ ଦଇତାପତିମାନେ କହିଛନ୍ତି। ସନ୍ଧ୍ୟା ପ୍ରାୟ ୫ଟା ବେଳେ ୪ଫୁଟ ଲମ୍ବର ଏକ ନାଗସାପ ଦେଉଳିମଠ ପଛ ପାର୍ଶ୍ୱରୁ ବାହାରି ନିକଟରେ ଥିବା ବୁଦାରେ ପଶି ଯାଇଥିଲା। ଦଇତାପତିମାନେ ସାପକୁ ଦେଖିଥିଲେ। ସୂଚନାଯୋଗ୍ୟ, ମା' ମଙ୍ଗଳାଙ୍କ ମନ୍ଦିରରୁ ଗତ ୩ତାରିଖରେ ଆଜ୍ଞାମାଳ ଦେଉଳିମଠକୁ ଯାଉଥିବା ବେଳେ ବିଲରେ ଏକ ନାଗସାପ ଦେଖିବାକୁ ମିଳିଥିଲା। ସେହିପରି ଢେଙ୍କାନାଳ ଜିଲା ଖଡଗପ୍ରସାଦ ଏବଂ ଖୋର୍ଦ୍ଧା ଜିଲା ବାଳକାଟୀ ନିକଟସ୍ଥ ହାରାପୁର ଦାରୁ ନିକଟରେ ନାଗସାପ ଦେଖିବାକୁ ମିଳିଥିଲା।


ଶନିବାର ସନ୍ଧ୍ୟାରେ ଦେଉଳିମଠ ପରିସରରେ ବନଯାଗ ଯାତ୍ରୀଙ୍କ ଭଜନ କୀର୍ତ୍ତନ।


ଦେଉଳିମଠରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଦଳପତି ହଳଧର ଦାସମହାପାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

# ମହାପ୍ରଭୁଙ୍କ ସମାଧି ସମୟରେ ଘଣ୍ଟ ଘଣ୍ଟା ପ୍ରକମ୍ପିତ କରୁଥିଲା

## ବଡ଼ଦାଣ୍ଡରେ ସାଧୁମାନେ ଶାସ୍ତ୍ରାର୍ଥ କରୁଥିଲେ

ପୁରୀ ଅଫିସ: ବିଗତ ଶତାବ୍ଦୀର ପ୍ରଥମ ନବକଳେବର ହୋଇଥିଲା ୧୯୧୨ ମସିହାରେ। ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ଅନୁଷ୍ଠିତ ହେଉଛି ୨୦୧୫ ମସିହାରେ। ଦୀର୍ଘ ୧୦୩ ବର୍ଷ ତଳେ ହୋଇଥିବା ରଥଯାତ୍ରାବେଳେ ଆଜିକାଲିର ଯାତାୟାତ ବ୍ୟବସ୍ଥା ନ ଥିଲା କି ଗଣମାଧ୍ୟମର ପରମ୍ପରା ନ ଥିଲା। ତଥାପି ହଜାର ହଜାର ଶ୍ରଦ୍ଧାଳୁ ଭାରତର ବିଭିନ୍ନ ଜନପଦରୁ ଚାଲିଚାଲି ଆସି ମହାପ୍ରଭୁଙ୍କ ନବକଳେବରରେ ଯୋଗଦେଇଥିଲେ। ଏହି ନବକଳେବରକୁ ନେଇ ସୃଷ୍ଟି ହୋଇଛି 'ନବକଳେବର ଷଡ଼ଶୀତିଃ'। ୮୬ଟି ଶ୍ଳୋକରେ ରଚିତ ଏହି ଖଣ୍ଡକାବ୍ୟକୁ ଲେଖିଥିଲେ ଓଡ଼ିଶାର ପ୍ରଖ୍ୟାତ ଦାର୍ଶନିକ ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀ ଜଗନ୍ନାଥ ମିଶ୍ର। ଏହି ଗ୍ରନ୍ଥଟି ଛାପା ହୋଇଥିଲା ପୁରୀର ଜଗନ୍ନାଥ ପ୍ରେସରେ।

ସେତେବେଳେ ପୁରୀର ରାଜା ଥିଲେ ଗଜପତି ଶ୍ରୀ ମୁକୁନ୍ଦଦେବ ଓ ଶ୍ରୀମନ୍ଦିର ପରିଚାଳକ ଥିଲେ ରାଜ କିଶୋର ଦାସ। ଏହି ଅବସରରେ ଶ୍ରୀମନ୍ଦିର ଖୁରୀ ନାୟକଙ୍କ ପରାମର୍ଶ ନିଆଯାଇ ଯୋଡା ଆଷାଢ଼ ପୂର୍ବରୁ ବନଯାଗ ବିଧିର ତିଥି ଓ ମୁହୂର୍ତ୍ତ ନିର୍ଦ୍ଧାରଣ କରାଯାଇଥିଲା। ବୈଦିକ କର୍ମ ଲାଗି ଖୁରୀ ନାୟକ ବା ଜ୍ୟୋତିଷୀ ପଣ୍ଡିତ ଅଧିବାସ କର୍ମ ପାଇଁ ମଧ୍ୟ ଶୁଭ ବେଳା ନିର୍ଦ୍ଧାରଣ କରିଥିଲେ। ଶୁଭ ନକ୍ଷତ୍ର ଓ ଶୁଭ ଲଗ୍ନରେ କାର୍ଯ୍ୟ ଆରମ୍ଭ ହେଲେ ମହାପ୍ରଭୁଙ୍କ ନବକଳେବର ଲୀଳା ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ। ଏଣୁ ଶୁଭ ମୁହୂର୍ତ୍ତରେ ବନଯାଗ ଯାତ୍ରୀମାନେ ଶ୍ରୀମନ୍ଦିରରୁ ବାହାରି ଆଜ୍ଞାମାଳ ସହିତ ପ୍ରାଚୀ ନଦୀକୂଳକୁ ଗମନ କରିଥିଲେ। ସେତେବେଳେ ଦେଉଳି ମଠର କଥା ଖଣ୍ଡ କାବ୍ୟରେ ସ୍ଥାନିତ ହୋଇନାହିଁ। ତେଣୁ ଜଣାଯାଏ ବନଯାଗୀମାନେ ପ୍ରାଚୀ କୂଳରେ କୌଣସି ଏକ ପ୍ରାକୃତିକ ପରିବେଶରେ ଶବରପଲ୍ଲୀ ନିର୍ମାଣ ହୋଇ ରହୁଥିଲେ। ଶାସ୍ତ୍ରୀୟ ମର୍ଯ୍ୟାଦା ଓ ଦଇତାପତି ସେବକଙ୍କ କୌଳିକ ପରମ୍ପରା ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁର ସନ୍ଧାନ ମିଳିଥିଲା। ସାବିତ୍ରୀ ଅମାବାସ୍ୟା ପୂର୍ବରୁ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର କାରୁଶାଳାରେ ଚାରିବିଗ୍ରହଙ୍କ ଦାରୁ ପହଞ୍ଚିବା ପରେ ସ୍ନାନ ପୂର୍ଣ୍ଣମୀ ପରଦିନ


ପୁରୁଣା କାଳରେ ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ ହେଉଥିବା ଡେରାର ଚିତ୍ର। (ବ୍ରିଟିଶ ଲାଇବ୍ରେରିର ଚିତ୍ର)

ଶୁଭବେଳାରେ ବିଗ୍ରହ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ଗ୍ରନ୍ଥର ବର୍ଣ୍ଣନା ଅନୁଯାୟୀ ସେତେବେଳେ ପୂର୍ବରୁ ଅନୁସୃତ ମାହାରୀ ସେବା ଠିକ ଭାବରେ ହୋଇଥିଲା। ପ୍ରକାଶ, ବଡ଼ଦାଣ୍ଡର ବଡ଼ଦ୍ୱାରଠାରେ ଦାରୁ ଶଗଡି ପହଞ୍ଚିଲେ ମାହାରୀମାନେ ସେବକ କୂଳରେ ପାରମ୍ପରିକ ଶୈଳୀରେ ପିନ୍ଧୁଥିବା ବସ୍ତ୍ର ପରିଧାନ କରି ହୁଳହୁଳି ଦେଇ ଦାରୁଙ୍କୁ ସ୍ୱାଗତ କରିଥାନ୍ତି।

ସେହିବର୍ଷ ନବକଳେବରରେ ଗଜପତିଙ୍କ ପ୍ରତିନିଧି ଭାବରେ ରାଜଗୁରୁ ସମସ୍ତ ଦାୟିତ୍ୱ ନିର୍ବାହ କରୁଥିଲେ ବୋଲି ଜଣାଯାଏ। ଘଟ ପରିବର୍ତ୍ତନ ପରେ ମହାପ୍ରଭୁଙ୍କ ପୁରାତନ ଦାରୁଙ୍କୁ ନିଶାର୍ଦ୍ଧରେ ନିଶବ୍ଦରେ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ ବୋଲି ବିଶ୍ୱାସ ରହିଛି। ମାତ୍ର ଏହି ଖଣ୍ଡ କାବ୍ୟରୁ ଜଣାଯାଏ ଯେ, ବୈକୁଣ୍ଠ ଅଧିପତିଙ୍କୁ ସମାଧି ଦେବା ଅବସରରେ ଘଣ୍ଟ ଓ ଘଣ୍ଟାର ଧ୍ୱନି ଶ୍ରୀମନ୍ଦିରକୁ ପ୍ରକମ୍ପିତ କରିଥିଲା(ଶ୍ଳୋକ–୩୦)। ଶ୍ରୀମନ୍ଦିର ପରିସରରେ ଆଲୋକ ନ ଥିଲେ ମଧ୍ୟ ମହାପ୍ରଭୁଙ୍କ ସମାଧି ସମୟରେ ଘଣ୍ଟଘଣ୍ଟା ବାଜିବାର ପରମ୍ପରା ଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଏହି ଖଣ୍ଡ କାବ୍ୟରେ ଶୁଦ୍ଧିକ୍ରୀୟାର କୌଣସି ବର୍ଣ୍ଣନା ଦେଖାଯାଏ ନାହିଁ। ନେତ୍ରୋତ୍ସବ ପରେ ନବଯୌବନ ନୀତି ହୋଇଥିଲେ ମଧ୍ୟ ସର୍ବସାଧାରଣ ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ହୋଇପାରି ନ ଥିଲା। ସେତେବେଳେ ପୁରୀର ଶଙ୍କରାଚାର୍ଯ୍ୟ ଥିଲେ ଜଗଦ୍‌ଗୁରୁ ଶ୍ରୀ ମଧୁସୂଦନ ତୀର୍ଥ ସ୍ୱାମୀ। ସେ ଘୋଷଯାତ୍ରାରେ ରଥ ପାଖରେ ଉପସ୍ଥିତ ରହିଥିବାର ବର୍ଣ୍ଣନା ଏହି ଗ୍ରନ୍ଥରେ ଲିପିବଦ୍ଧ ରହିଛି। ସେତେବେଳେ ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ବିଭିନ୍ନ ସମ୍ପ୍ରଦାୟର ସାଧୁ ମହନ୍ତ ଓ ଆଖଡ଼ାମାନଙ୍କ ଡେରା ପଡ଼ିବାର ବ୍ୟବସ୍ଥା ଥିଲା। ଶ୍ରୀମନ୍ଦିରଠାରୁ ଶରଧାବାଲି ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ନିଜ ନିଜ ପରମ୍ପରାର ସୁରକ୍ଷା ପାଇଁ ଡେରାରେ ଅବସ୍ଥାନ କରୁଥିଲେ ସାଧୁମାନେ। ଦିନ ସାରା ଭଜନକୀର୍ତ୍ତନ ଚାଲୁଥିଲେ ମଧ୍ୟ ସନ୍ଧ୍ୟାପରେ ଶାସ୍ତ୍ରାର୍ଥ ହେଉଥିଲା। ସେ ବର୍ଷ ନବକଳେବରକୁ ଶ୍ରୀ ସମ୍ପ୍ରଦାୟର ପ୍ରଖ୍ୟାତ ସାଧୁ ଓ ବିଶିଷ୍ଟ ଦାର୍ଶନିକ ଶ୍ରୀଳ ଅନନ୍ତାଚାର୍ଯ୍ୟ ମହାଶୟ କାଞ୍ଚିପୁରମ୍‌ରୁ ଆସି ଶ୍ରୀ ସମ୍ପ୍ରଦାୟ ଡେରାରେ ରହି ଶାସ୍ତ୍ରାର୍ଥ କରୁଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ମିଶି ମହାପ୍ରଭୁଙ୍କ ଜଗତମଙ୍ଗଳ ଉପାସନାର ସବିଶେଷ ଆଲୋଚନା କରୁଥିଲେ। ସେତେବେଳେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ରାସ୍ତାରେ କୂଅ ପୋଖରୀ ସହିତ ଚଟିଘର ନିର୍ମାଣ କରାଯାଇଥିଲା। ଯାତ୍ରୀମାନଙ୍କ ଆସିବା ରାସ୍ତା ଜଗନ୍ନାଥ ସଡ଼କ ଭାବରେ ବିଖ୍ୟାତ ଥିବା ବେଳେ ସଡ଼କ ଦାଢ଼ରେ ଗଢ଼ିଉଠିଥିବା ଚଟିଘରେ ଯାତ୍ରୀମାନେ ବିଶ୍ରାମ ନେଉଥିଲେ। ସେହିବର୍ଷ ବନଯାଗ ସମୟରେ ଶ୍ରୀ ସୁଦର୍ଶନଙ୍କ ଦାରୁ ପୁରୀ ଜିଲାର ଫତେଗଡ଼ରୁ, ମା ସୁଭଦ୍ରାଙ୍କ ଦାରୁ କଟକ ଜିଲା ନିଆଳି ହାଟର ପୋଖରୀ ହୁଡାରୁ, ବଳଭଦ୍ରଙ୍କ ଦାରୁ ପୁରୀ ଜିଲା ପୋଲାର ମାହାଲର ଉଦୟପୁରଠାରୁ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରତାପରୁଦ୍ରପୁରର ନୂଆସାହିରୁ ଚିହ୍ନଟ ହୋଇ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା।



କାବ୍ୟଖଣ୍ଡ 'ନବକଳେବର ଷଡ଼ ଶୀତିଃ'


ଭୁବନେଶ୍ୱର ଉପକଣ୍ଠ ଗଡ଼କଣ୍ଟୁଣିଆରେ ଚିହ୍ନଟ ହୋଇଥିବା ଶ୍ରୀସୁଦର୍ଶନଙ୍କ ଦାରୁ ଦେଖିବା ପାଇଁ ଭକ୍ତଙ୍କ ଆଗମନ।


ଗଡ଼କଣ୍ଟୁଣିଆରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।


ଗଡ଼କଣ୍ଟୁଣିଆରେ ଶ୍ରୀସୁଦର୍ଶନଙ୍କ ଦାରୁ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ପ୍ରାର୍ଥନା କରୁଛନ୍ତି।

# ଗଡ଼କଣ୍ଟୁଣିଆରେ ଶେଷହେଲା ଶବରପଲ୍ଲୀ ନିର୍ମାଣ

## ଆଜି ପହଞ୍ଚିବେ ବନଯାଗ ଯାତ୍ରୀ ଦଳ

ବାଲକାଟି, (ଡି.ଏନ୍.ଏ.) – ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟ ଗଡ଼କଣ୍ଟୁଣିଆ ଗ୍ରାମର ପୁରୁଣା ଜଗନ୍ନାଥ ସଡ଼କ ପାର୍ଶ୍ୱରେ ମହାପ୍ରଭୁ ସୁଦର୍ଶନଙ୍କ ଦାରୁ ଚିହ୍ନଟ ପରେ ଉକ୍ତ ସ୍ଥାନଟି ପାଲଟି ଯାଇଛି ତୀର୍ଥକ୍ଷେତ୍ର। ଚକ୍ରରାଜ ସୁଦର୍ଶନଙ୍କ ଦାରୁ ପାଇଁ ଶନିବାର ମଧ୍ୟରାତ୍ରିରୁ ହୋଇ ଉଠିଛି ଜଗନ୍ନାଥମୟ। ଦିନେ ନିଛାଟିଆ ପରି ଲାଗୁଥିବା ଓ ନଜର ପଡୁ ନ ଥିବା ଉକ୍ତ ସ୍ଥାନଟି ଏବେ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇପଡୁଛି। ଶ୍ରଦ୍ଧା, ଭକ୍ତି, ନିଷ୍ଠା ଭିତରେ ଭକ୍ତ ଓ ଭଗବାନ ସତେ ଯେପରି ଏକାକାର ହୋଇପଡିଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଦାରୁ ପ୍ରଭୁଙ୍କୁ ଦର୍ଶନ କରିବା ସହ ଦୀପ ଜାଳୁଛନ୍ତି। ଏହି ଆଧ୍ୟାତ୍ମିକ ସ୍ଥଳରେ ଏବେ ରାଜ୍ୟର ପ୍ରମୁଖ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ଦାରୁ ଚିହ୍ନଟ ପରବର୍ତ୍ତୀ କାର୍ଯ୍ୟ ଓ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। କମିଶନରେଟ ପୋଲିସ ପକ୍ଷରୁ ଦାରୁଠାରୁ ଶହେମିଟର ବ୍ୟବଧାନରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶରେ ସମସ୍ତ ନୀତିନିୟମମୁତାବକ କାର୍ଯ୍ୟ ହେଉଛି। ସୋମବାର ବନଯାଗଯାତ୍ରୀଙ୍କ ରହିବା ପାଇଁ ବ୍ୟାରିକେଡ୍ ମଧ୍ୟରେ ବୃକ୍ଷର ପଶ୍ଚିମ ଦିଗରେ ଶବରପଲ୍ଲୀ ନିର୍ମାଣ ଶେଷ ହୋଇଛି। ମଙ୍ଗଳବାର ଅପରାହ୍ଣରେ କାକଟପୁରର ଦେଉଳି ମଠ ଛାଡ଼ି ଗଡ଼କଣ୍ଟୁଣିଆର ଶବରପଲ୍ଲୀକୁ ବନଯାଗ ଦଳ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଦଳରେ ୯୪ଜଣ ବନଯାଗ ଯାତ୍ରୀ ଦଇତାପତି, ବିଶ୍ୱାବସୁ, ବିଦ୍ୟାପତି, ୧୪ଜଣ ସ୍ୱସ୍ତିକ ବ୍ରାହ୍ମଣ, ୧୦ଜଣ ବିଶ୍ୱକର୍ମା, ଦେଉଳକରଣ ଏବଂ ୭୨ଜଣ ସହାୟକ ଏଠାରେ ପହଞ୍ଚିବେ। ଏମାନଙ୍କ ସାଙ୍ଗରେ ଥିବେ ଚକ୍ରନାରାୟଣ ଏବଂ ଠାକୁରଙ୍କ ଆଜ୍ଞାମାଳ। ୧୫ ତାରିଖରେ ଦାରୁସ୍ଥଳରେ ବିଧିମତେ ଭୂମିଶୋଧନ, ଦାରୁପତ୍ରର ମହାସ୍ନାନ ପରେ ଅଙ୍କୁରାରୋପଣ ଅନୁଷ୍ଠିତ ହେବ। ୧୬ରେ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହେବ। ଏଥିସହ ସମସ୍ତ ବନଯାଗ ଯାତ୍ରୀ ନିଷ୍ଠାର ସହ କାଷ୍ଠ ଉପବାସ ପାଳନରେ ରହିବେ। ୧୭ରେ ଯଜ୍ଞର ପୂର୍ଣ୍ଣାହୁତି ପରେ ସୁନା କୁରାଢ଼ିରେ ବିଦ୍ୟାପତି ଏବଂ ରୁପା କୁରାଢ଼ିରେ ବିଶ୍ୱାବସୁ ଦାରୁଙ୍କୁ ସ୍ପର୍ଶ କରିବା ପରେ ଲୁହା କୁରାଢ଼ିରେ ବିଶ୍ୱକର୍ମା ଦାରୁ ଛେଦନ କରିବେ। ଛେଦନ ପରେ ଦାରୁର ଅବଶିଷ୍ଟାଂଶକୁ ସେଠାରେ ଗାତଖୋଳି ବୈଦିକରୀତିରେ ପୋତି ଦିଆଯିବ। କଇଁଆ, କେନ୍ଦୁ ଓ ବର କାଠରେ ନିର୍ମିତ ଶଗଡ଼ିରେ ମହାଦାରୁଙ୍କୁ ଚଉପଟ କରି ବାସୁଙ୍ଗୀ ପାଟରେ ବନ୍ଧାଯାଇ ବିନା ପଶୁରେ ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ର ଅଭିମୁଖେ ବିଜେ କରାଯିବ ବୋଲି ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ବନଯାଗ ଯାତ୍ରୀଙ୍କ ଆଗମନ ପରିପ୍ରେକ୍ଷୀରେ ସେମାନଙ୍କ ରହିବା, ସ୍ନାନ, ଶୌଚ ଆଦି ପାଇଁ ସମସ୍ତ ବ୍ୟବସ୍ଥା ସରିଛି। ରହିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଟ୍ କରାଯିବା ସହ ୧୫ଟି ସ୍ନାନାଗାର, ୩ଟି ଟ୍ୟାଙ୍କର, ୧୫ଟି ନଳକୂପ, ୨୦ ପାଇଖାନାର ତୁରନ୍ତ ସୁବନ୍ଦୋବସ୍ତ କରାଯାଇଛି। ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ପାଇଁ ସେସୁ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବିଦ୍ୟୁତ୍ କଟିଗଲେ ଦାରୁସ୍ଥଳକୁ ଆଲୋକୀକରଣ ପାଇଁ ଜେନେରେଟର ସହ ୪ଟି ଆସ୍କା ଲାଇଟ୍‌ର ବ୍ୟବସ୍ଥା କରାଯାଇଛି।

# ଅଲୌକିକ: ଦାରୁ ମୂଳରେ 'ସପ୍ତଫେଣୀ ସାପ' ଚିହ୍ନ

ବାଲକାଟି, (ଡି.ଏନ୍.ଏ.) – ଗଡ଼କଣ୍ଟୁଣିଆଠାରେ ମହାପ୍ରଭୁ ସୁଦର୍ଶନଙ୍କ ଦାରୁ ଚିହ୍ନଟ ପରେ ପୂଜାର୍ଚ୍ଚନା ସହ ପରବର୍ତ୍ତୀ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ସର୍ବଶୁଭ ସଂକେତ ଶଂଖ, ଚକ୍ର, ଗଦା, ପଦ୍ମ ଚିହ୍ନ ଥିବା ବେଳେ ପାଖରେ ଯୋଗିନୀ ପୀଠରେ ଅବସ୍ଥାନ କରୁଛନ୍ତି ଶିବ। ନିକଟରେ କଳକଳ ନାଦରେ ପ୍ରବାହିତ କୂଆଖାଇ ନଦୀ। ଅନତି



ଦୂରରେ ଶ୍ମଶାନ। କିଛି ଦିନ ପୂର୍ବେ ନିକଟରେ ଥିବା ଏକ ବେଲଗଛ କଟାଯାଇଥିବା ବେଳେ ପାଖରେ ଶୋଭାପାଉଛି ସାହାଡ଼ା ଗଛ। ତେବେ ସୋମବାର ଦାରୁ ମୂଳରୁ ମାଟି ଉତ୍ତୋଳନ ବେଳେ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା। ସପ୍ତଫେଣୀ ନାଗସାପର ସ୍ପଷ୍ଟ ଚିହ୍ନ ଦେଖିବାକୁ ମିଳିଥିଲା। ଏହି ଚିହ୍ନ ଦେଖିବା ପରେ ଖବର ପ୍ରଚାରିତ ହୋଇଥିଲା। ଘଟଣାସ୍ଥଳରେ ଶ୍ରଦ୍ଧାଳୁ ଓ ଅନ୍ୟମାନେ ପ୍ରଭୁଙ୍କ ସାନିଧ ପାଇଁ ଆତ୍ମବିଭୋର ହୋଇଉଠିଥିଲେ। ଗଣମାଧ୍ୟମ ପ୍ରତିନିଧି ଓ ଶହଶହ ଶ୍ରଦ୍ଧାଳୁ ଦାରୁଙ୍କୁ ଘେରିରହିଥିବା ବେଳେ ହରିବୋଲ ହୁଳହୁଳି ଧ୍ୱନିରେ ପରିବେଶ ଆହୁରି ଆଧ୍ୟାତ୍ମିକ ହୋଇଉଠିଥିଲା।


ଗଡ଼କଣ୍ଟୁଣିଆରେ ଦାରୁ ଚିହ୍ନଟ ସ୍ଥଳରେ ଆଲୋକ ବ୍ୟବସ୍ଥା ପାଇଁ 'ଆସ୍କା ଲାଇଟ୍'ବୋହି ଅଣାଯାଉଛି।


ଗଡ଼କଣ୍ଟୁଣିଆରେ ଶବରପଲ୍ଲୀର ନିର୍ମାଣ ଚାଲିଛି।

# ସମ୍ଭାବ୍ୟ ଜଗନ୍ନାଥଙ୍କ ଦାରୁଙ୍କୁ ନେଇ ଉତ୍କଣ୍ଠା | ଖରିପଡ଼ିଆ ଉତ୍ସବମୁଖର

ରଘୁନାଥପୁର, (ଡି.ଏନ୍.ଏ.) – ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟ ପୁରୀ କେନାଲ ପାର୍ଶ୍ୱ ଜଗନ୍ନାଥ ସଡ଼କ କଡ଼ ଗଡ଼କଣ୍ଟୁଣିଆ ଗାଁ ନିକଟରେ ମହାପ୍ରଭୁ ସୁଦର୍ଶନଙ୍କ ଦାରୁ ଚିହ୍ନଟ ପରେ ଏବେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମ୍ଭାବ୍ୟ ଦାରୁଙ୍କୁ ନେଇ ଚର୍ଚ୍ଚା ଚାଲିଛି। ଏଥିପାଇଁ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତ ଖରିପଡ଼ିଆ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ଏଠାରେ ଥିବା ଚିହ୍ନଟ ନିମ୍ବବୃକ୍ଷ ଜଗନ୍ନାଥଙ୍କ ଦାରୁ ବୋଲି ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। କାହିଁ କେତେଦୂରରୁ ଶ୍ରଦ୍ଧାଳୁଙ୍କ ଆଗମନ ହେଉଥିବା ବେଳେ ସମ୍ଭାବ୍ୟ ଦାରୁ ସ୍ଥଳଟି ଉତ୍ସବମୁଖର ହୋଇପଡିଛି। ପୂର୍ବରୁ ୩ଥର ବନଯାଗ ଦଳ ଉକ୍ତ ଗ୍ରାମରେ ଥିବା ନିମ୍ବବୃକ୍ଷରୁ ବିଭିନ୍ନ ଲକ୍ଷଣ ଖୋଜିବା ସହ ସନ୍ନିକଟ ସ୍ଥାନକୁ ଦେଖି ଫେରିଥିଲେ। ପୁଣି ରବିବାର ରାତି ପ୍ରାୟ ୯ଟାରେ ଏକ ଗାଡ଼ିରେ ୩ଜଣିଆ ବନଯାଗ ଦଳ ହଠାତ୍ ପହଞ୍ଚି ନିମ୍ବବୃକ୍ଷକୁ ପ୍ରଣିପାତ କରିବା ସହ ୧୫ରୁ ୨୦ମିନିଟ୍ ରହି ଫେରିଥିଲେ। ତେବେ ସୋମବାର ଉକ୍ତ ନିମ୍ବବୃକ୍ଷ ଉପରେ ଦୁଇଟି ଧଳାପେଚା ଦୀର୍ଘ ସମୟ ଧରି ଦର୍ଶନ ଦେବା ଏପରି ବିଶ୍ୱାସକୁ ଆହୁରି ଦ୍ୱିଗୁଣିତ କରିଛି। ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ଓ କୋଳାହଳ ସତ୍ତ୍ୱେ ପେଚା ଦୁଇଟି ସେମିତି ବସି ରହି ପରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଅନ୍ୟପକ୍ଷରେ ଦାରୁ ଅନ୍ୱେଷଣରେ ଆସିଥିବା ବନଯାଗ ଦଳ ଉକ୍ତ ବୃକ୍ଷମୂଳ ଖୋଳିବା ବେଳେ ହୁଙ୍କା ଦେଖିବାକୁ ପାଇଥିଲେ। ଦାରୁ ହେବା


ସମ୍ଭାବ୍ୟ ଦାରୁରେ ହାତୀଶୁଣ୍ଢ।

ପାଇଁ ସମସ୍ତ ଲକ୍ଷଣ ଶଙ୍ଖ, ଚକ୍ର, ଗଦା, ପଦ୍ମ ଏହି ବୃକ୍ଷରେ ରହିଥିବା ଜଣାପଡିଥିଲା। ସେହିପରି ହାତୀଶୁଣ୍ଢ ପରି ଚିହ୍ନ ମଧ୍ୟ ଦୃଶ୍ୟମାନ ହେଉଛି। ନିକଟରେ ସାହାଡ଼ା ଗଛ, ପାଇକା ନଦୀ, ଶ୍ମଶାନ, ବେଲଗଛ, ବରୁଣ ଗଛ ରହିଛି। ବେଳେ ବେଳେ ନାଗସାପ ଗଛରୁ ତଳକୁ ଖସି ପୁଣି ଉପରକୁ ଚଢ଼ିଯାଉଥିବା ଗ୍ରାମବାସୀ କହିଛନ୍ତି। ରୁଦ୍ରେଶ୍ୱର ପୀଠ କୋରକଗାର କାର୍ଯ୍ୟକାରୀ କମିଟି ସମ୍ପାଦକ ପ୍ରାଣକୃଷ୍ଣ ମହାନ୍ତି କୁହନ୍ତି, ସ୍ଥାନୀୟ ଗୋମତୀ ଆଶ୍ରମର ମୁଖ୍ୟ ଅକ୍ଷୟ ଦେବଦାସ ମହାରାଜ ଦିନେ ମାଳିକା ଆଲୋଚନା ସମୟରେ କହିଥିଲେ ଦିନେନା ଦିନେ ରଘୁନାଥପୁର ଅଞ୍ଚଳରୁ ଜଗନ୍ନାଥଙ୍କ ଦାରୁ ଶ୍ରୀକ୍ଷେତ୍ର ଯିବ, ଆଉ ସେତେବେଳେ ଏହିସ୍ଥାନ ଅନ୍ୟଏକ ଶ୍ରୀକ୍ଷେତ୍ରରେ ପରିଣତ ହେବ। ରୁଦ୍ରେଶ୍ୱର ପୀଠରେ ଠିକ୍ ସେହି ସମୟରେ ଏକବିଂଶ ଦିବସ ବ୍ୟାପୀ ରୁଦ୍ରାଭିଷେକ ଓ ରୁଦ୍ରଯଜ୍ଞ ଅନୁଷ୍ଠିତ ହେଉଥିବ। ଆସନ୍ତା ୧୭ତାରିଖରେ ଏଠାରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବାକୁ ଦୃଢାନ୍ତ ହୋଇସାରିଛି। ଏପରି ବାଣୀ ଓ ବର୍ତ୍ତମାନର ସ୍ଥିତିକୁ ନେଇ ଅଞ୍ଚଳବାସୀ ଜଗନ୍ନାଥଙ୍କ ଦାରୁ ମିଳିବା ନେଇ ବେଶ୍ ଆଶାବାଦୀ ଅଛନ୍ତି। ସ୍ଥାନୀୟ ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ କୁହନ୍ତି, ୧୯୯୬ ଦାରୁ ଅନ୍ୱେଷଣ ସମୟରେ କଟକ ତୁଳସୀପୁର ଅଞ୍ଚଳରେ ରହୁଥିବା ଜନୈକ ହିନ୍ଦୀଭାଷୀ ସାଧୁ ଏହି ସ୍ଥାନକୁ ଆସିଥିଲେ। ଉକ୍ତ ଦାରୁବୃକ୍ଷ ନିକଟରେ ଅଷ୍ଟମ ପ୍ରହରୀ ଚାଲିଥାଏ। ହଠାତ୍ କୃଷ୍ଣ ଓ କେତେଜଣ ଗ୍ରାମବାସୀଙ୍କୁ ଡକାଇ ଉକ୍ତ ବୃକ୍ଷରେ ଜଗନ୍ନାଥଙ୍କ ଦାରୁ ହେବା ପାଇଁ ସମସ୍ତ ଲକ୍ଷଣ ରହିଛି ବୋଲି କହିବା ସହ ପୂଜାର୍ଚ୍ଚନା ଜାରି ରଖ ବୋଲି ପରାମର୍ଶ ଦେଇଥିଲେ। ସେହିଦିନଠାରୁ ଉକ୍ତ ନିମ୍ବବୃକ୍ଷମୂଳେ ଗ୍ରାମବାସୀଙ୍କ ଉଦ୍ୟମରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଗଲା। ସେତେବେଳେ ସ୍ୱର୍ଗତ ଶଙ୍କର ପଣ୍ଡା ଏଠାରେ ପୂଜାର୍ଚ୍ଚନା କରୁଥିଲେ ଓ ବର୍ତ୍ତମାନ ତାଙ୍କ ପୁଅ ଅଲେଖ ଚନ୍ଦ୍ର ପଣ୍ଡା ସେବାକାର୍ଯ୍ୟ ଜାରି ରଖିଛନ୍ତି। ଗ୍ରାମବାସୀ ମଧୁରାନନ୍ଦ ମଲ୍ଲିକ, ଅଜୟ କୁମାର ପଣ୍ଡା, ପ୍ରଭାସ ରାୟ, ନୃସିଂହ ମଲ୍ଲିକ, କାଳନ୍ଦୀ ମଲ୍ଲିକ କୁହନ୍ତି, ବୃକ୍ଷଟି ଦେଢ଼ଶହ ବର୍ଷ ତଳର। ୧୯୯୬ରେ ବନଯାଗୀମାନେ ଆସି ବୃକ୍ଷରେ ପାଟବସ୍ତ୍ର ପିନ୍ଧାଇ ଥିଲେ।

# ଦାରୁ ସେବାରେ ସତୁରି ସ୍ଥାନୀୟ ଯୁବକ

ବାଲକାଟି, (ଡି.ଏନ୍.ଏ.) –ମହାପ୍ରଭୁ ସୁଦର୍ଶନଙ୍କ ଦାରୁ ଚିହ୍ନଟ ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଭାବାବେଗ ପରିବେଶ ସୃଷ୍ଟି ହୋଇଛି। ଆବାଳବୃଦ୍ଧ ବନୀତା ପ୍ରଭୁଙ୍କ ସାନିଧ ପାଇ ସତେଯେପରି ନିଜକୁ ଭାଗ୍ୟବାନ ମନେ କରୁଛନ୍ତି। ଦାରୁ ସେବାରେ ସମସ୍ତେ ଯେପରି ନିଜକୁ ସାମିଲ୍ କରିବାକୁ ଉତ୍କଣ୍ଠିତ ହୋଇପଡିଛନ୍ତି। ତେବେ ଗଡ଼କଣ୍ଟୁଣିଆ ଓ ହୀରାପୁର ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ଯୁବକ ସବୁକିଛି ଭୁଲିଯାଇ ଦାରୁଙ୍କ ସେବା ଓ ସାନିଧରେ ନିଜକୁ ନିମଗ୍ନ କରିଛନ୍ତି। ଦାରୁ ମୂଳରୁ ମାଟିକଢ଼ାଠାରୁ ଆରମ୍ଭ କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପାଣି ସହ ଅନ୍ୟାନ୍ୟ ସହଯୋଗ କରୁଛନ୍ତି। ଗଡ଼କଣ୍ଟୁଣିଆର ଦିଲୀପ କୁମାର ମାଝି, ଅଶୋକ ସେନା, ଲକ୍ଷ୍ମଣ ସେନା କୁହନ୍ତି, ଭାଗ୍ୟରେ ଥିଲେ ଏଭଳି ସେବା ମିଳେ। ଗଡ଼କଣ୍ଟୁଣିଆରେ ଜନ୍ମହୋଇ ଜୀବନ ସାର୍ଥକ ହୋଇଛି। ସୁଦର୍ଶନଙ୍କ ଦାରୁ ଆମ ଗାଁରେ ଚିହ୍ନଟ ପରେ ଆମେ ଭୋକଶୋଷ ଭୁଲି ଯାଇଛୁ। ଦାରୁ ଏଠାରୁ ଯିବେ ଶ୍ରୀକ୍ଷେତ୍ର, ରତ୍ନ ସିଂହାସନରେ ଶୋଭାପାଇବେ, ଆମେ ସ୍ୱଚକ୍ଷୁରେ ଦେଖିବୁ। ଦାରୁ ଉଠିବା ଯାଏ ସେବା କରିବୁ ବୋଲି କହି ସେମାନେ ଅତି ବିହ୍ୱଳିତ ହୋଇ ପଡ଼ିଥିଲେ। ସେହିଭଳି ହୀରାପୁରର ସୁକାନ୍ତ କୁମାର ସାହୁ, ଶିବ ପରିଡ଼ା ପ୍ରମୁଖ କୁହନ୍ତି, ପ୍ରଭୁଙ୍କ ସେବାର ସୁଯୋଗ ପୂର୍ବ ଜନ୍ମର କର୍ମ ବୋଲି ଭାବୁଛୁ। ଆମ ଜୀବନ ସମ୍ପୂର୍ଣ୍ଣ ସାର୍ଥକ ହୋଇଛି। ଏଭଳି ସୁଯୋଗ ଏହି ଜନ୍ମରେ ମିଳିବ, ତାହା କେବେବି ଆଶା କରି ନ ଥିଲୁ।